
# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦ (୧୬ ପୃଷ୍ଠା) Dhenkanal, Friday, March 20 / 2020 ★★★★★

୧୬ଶ ଭାଗ ୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
KP GROUP
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୦ | Dhenkanal, Friday, March 20 / 2020 | (ପୃଷ୍ଠା-୧)



## ୩୬ ବର୍ଷରେ ପାଦ ଥାପିଲେ ତନୁଶ୍ରୀ

ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଗୁରୁବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ଫିଲ୍ମ 'ଆସିକି ବନାୟା ଆପ୍‌ନେ'ରେ ଇମ୍ରାନ୍‌ଙ୍କ ସହ ତାଙ୍କ ଲିପ୍‌ଲକ୍ ସିନ୍ ବେଶ୍ ଚର୍ଚ୍ଚିତ ଥିଲା।

୦୮

୧୨

## ଆଣ୍ଡ୍ର୍ୟୁ ଏଲିସ୍‌ଙ୍କ ଅବସର

ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀ ତଥା ନ୍ୟୁଜିଲାଣ୍ଡ ବୋଲିଂ ଅଲ୍‌ରାଉଣ୍ଡର ଆଣ୍ଡ୍ର୍ୟୁ ଏଲିସ୍ ଗୁରୁବାର ଅବସର ଘୋଷଣା କରିଛନ୍ତି।



**କରୋନା ପ୍ରଭାବ**

## ଭାରତରେ ଚତୁର୍ଥ ମୁଣ୍ଡ ନେଲା କରୋନା

**ନୂଆଦିଲ୍ଲୀ, ୧୯।୩:** କରୋନା ଭାଇରସ୍ କ୍ରମଶଃ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଗୁରୁବାର ଏହା ଆଉ ଏକ ମୁଣ୍ଡ ଗଡ଼ାଇ ଥିବାବେଳେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି। ମୃତକ ଜଣକ ପଞ୍ଜାବର ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦିଲ୍ଲୀ, କର୍ନାଟକ, ମହାରାଷ୍ଟ୍ର ପରେ ପଞ୍ଜାବରେ କରୋନା ପ୍ରାଣଘାତୀ ସାଜିଛି। ଦେଶରେ ଏବେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୭୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୨୫ ବିଦେଶୀ ଥିବା ଜଣାପଡ଼ିଛି। ୧୭ ଜଣ ଇଟାଲିର ହୋଇଥିବା ବେଳେ ଫିଲିପାଇନ୍ସର ୩, ବ୍ରିଟେନର ୨, କାନାଡ଼ା, ଇଣ୍ଡୋନେସିଆ ଓ ସିଙ୍ଗାପୁରର ଜଣେ ଲେଖାଏ ଅଛନ୍ତି। ଭାରତର ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ☞ପୃଷ୍ଠା-୨

## ଓଡ଼ିଶାରେ ଦ୍ୱିତୀୟ କରୋନା ରୋଗୀ ଚିହ୍ନଟ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ):** ଓଡିଶାରେ ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗୁରୁବାର ଭୁବନେଶ୍ୱର ଆରଏମଆରସିକୁ ୧୪ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ଗୋଟିଏ କୋଭିଡ-୧୯ ପଜିଟିଭ ଥିବା ଜଣାପଡିଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଏହି ସଂକ୍ରମିତ ବ୍ୟକ୍ତିଜଣକ କରୋନା ପ୍ରଭାବିତ ଦେଶରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ବ୍ୟକ୍ତିଙ୍କ ସଂସ୍ପର୍ଶରେ କେଉଁ ବ୍ୟକ୍ତିମାନେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ କରିବା ପାଇଁ ଷ୍ଟେଟ ସର୍ଭେଲାନ୍ସ ୟୁନିଟ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ଏହି ବ୍ୟକ୍ତି ଜଣକ କେଉଁ ଅଞ୍ଚଳର ତାହା ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜଣାପଡି ନାହିଁ। ସୂଚନାଯୋଗ୍ୟ ଯେ ପ୍ରଥମ କରୋନା ରୋଗୀ ମାର୍ଚ୍ଚ ୧୫ ତାରିଖରେ ଚିହ୍ନଟ ହୋଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବଡଗଡ ଅଞ୍ଚଳର ଏହି ବ୍ୟକ୍ତି ଇଟାଲିରୁ ଫେରିଥିଲେ।

## ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷା ବାତିଲ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ୍ସ (ସିଆଇଏସ୍‌ସିଇ) ବୋର୍ଡ ଦ୍ୱାରା ପରିଚାଳିତ ଦଶମ (ଆଇସିଏସ୍‌ଇ) ଓ ଦ୍ୱାଦଶ (ଆଇଏସ୍‌ସି) ଶ୍ରେଣୀ ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ମାର୍ଚ୍ଚ ୧୯ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉଭୟ ଶ୍ରେଣୀର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଆତ୍ମଘାତୀ ନୀତି




Vencobb FRESH CHICKEN
Taste the difference!
19.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply
Issued in the Interest of Consumers

# ଆଜିଠୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

**ପୁରୀ ଅଫିସ, ୧୯।୩**



**କରୋନା ପାଇଁ ବଡ଼ ନିଷ୍ପତ୍ତି**

- ଏପ୍ରିଲ ପହିଲା ଯାଏ ମନ୍ଦିରକୁ ଯାଇପାରିବେନି ଭକ୍ତ
- ମହାପ୍ରଭୁଙ୍କ ସେବା ଓ ନୀତିକାନ୍ତି ସ୍ୱାଭାବିକ ଭାବେ ଚାଲିବ
- ସେବାୟତଙ୍କ ପାଇଁ ରହିଛି ପ୍ରବେଶ ଅନୁମତି

କରୋନା ଭୂତାଣୁ ସଂକ୍ରମଣରୁ ଜନସାଧାରଣଙ୍କୁ କିପରି ସୁରକ୍ଷା ଦିଆଯାଇ ପାରିବ ସେନେଇ ସରକାର ସବୁପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ବିଭିନ୍ନ ଧର୍ମାନୁଷ୍ଠାନରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏହି କ୍ରମରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଉପରେ ନିଆଯାଇଛି ବଡ଼ ନିଷ୍ପତ୍ତି। ଶୁକ୍ରବାରଠାରୁ ଏପ୍ରିଲ୍ ପହିଲା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯିବ। ହେଲେ ଦୈନନ୍ଦିନ ଭଳି ମହାପ୍ରଭୁଙ୍କ ନୀତିକାନ୍ତି ଜାରି ରହିବ। କେବଳ ସେବାୟତମାନେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ସେବାପୂଜା କରିପାରିବେ। ଭକ୍ତ, ସେବାୟତଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏବଂ କରୋନା ଭୂତାଣୁର ଭୟାବହତାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲାପାଳ ବଲ୍‌ୱନ୍ତ ସିଂ ସୂଚନା ଦେଇଛନ୍ତି।

ଓଡ଼ିଶାରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଅଧିକ ସତର୍କ ହୋଇପଡିଛନ୍ତି। ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଜନ ସମାବେଶକୁ ବାରଣ କରାଯାଇଥିବାବେଳେ ସଭାସମିତି, କର୍ମଶାଳା ଆଦିକୁ ବନ୍ଦ ରଖାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାମାଜିକ ଦୂରତ୍ୱ ରକ୍ଷା କରିବା। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା ଜାରି ହୋଇଥିଲା। ଗତ ଚାରିଦିନ ହେଲା କଟକଣା ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ଚାଲିଥିବାବେଳେ ଦର୍ଶନାର୍ଥୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଘଟିଥିଲା। ସେହିପରି ହୁଣ୍ଡିରେ ବି କରୋନା କଟକଣାର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ଗାଇଡ୍‌ଲାଇନ ଅନୁଯାୟୀ ସାମାଜିକ ଦୂରତା ରକ୍ଷା କରିବା କଷ୍ଟକର ହୋଇପଡ଼ିବାରୁ ପ୍ରଶାସନ ପକ୍ଷରୁ ଭକ୍ତ, ସେବାୟତ, ମନ୍ଦିର କର୍ମଚାରୀ, ପୋଲିସ ସମସ୍ତଙ୍କ ସ୍ୱାସ୍ଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ସାଧାରଣ ଦର୍ଶନକୁ ଶୁକ୍ରବାରଠାରୁ ବନ୍ଦ ନିଷ୍ପତ୍ତି ନିଆଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଭକ୍ତଙ୍କ ଏଥିରେ ସହଯୋଗ ☞ପୃଷ୍ଠା-୨

## ଫେରିଲା ମହାପ୍ରଭୁଙ୍କ ଟଙ୍କା

**ପୁରୀ ଅଫିସ, ୧୯।୩**

- ପ୍ରଥମ ପର୍ଯ୍ୟାୟରେ ୩୯୭.୨୩ କୋଟି ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଆସିଲା
- ୩୮୯କୋଟି ମୂଳ ଜମାରେ ମିଳିଲା ୮.୨୩କୋଟି ସୁଧ
- ୩୦ ତାରିଖରେ ସୁଧ ସହ ବାକି ୧୫୬ କୋଟି ଟଙ୍କା ଫେରିବ

ଘରୋଇ ୟେସ୍ ବ୍ୟାଙ୍କର କାରବାର ଉପରେ ଆର୍‌ବିଆଇ କଟକଣା ଲାଗୁ କରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫କୋଟି ଟଙ୍କା ଜମାକୁ ନେଇ ଯେଉଁ ବିବାଦ ଲାଗି ରହିଥିଲା ତା'ର ଅବସାନ ଘଟିଛି। ଗୁରୁବାର ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିରର ଆକାଉଣ୍ଟକୁ ଫେରିଛି। ୩୮୯ କୋଟି ମୂଳ ଜମା ସହ ୮କୋଟି ୨୩ଲକ୍ଷ ୨୭ହଜାର ୬୩୬ ସୁଧ ଟଙ୍କା ଆସିଛି। ଆସନ୍ତା ୩୦ ତାରିଖରେ ୧୫୬ କୋଟି ଟଙ୍କାର ମାଚ୍ୟୁରିଟି (ଅବଧି) ଶେଷ ହେଉଥିବାରୁ ସେହିଦିନ ବାକି ସବୁ ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିବ ବୋଲି ୟେସ୍ ବ୍ୟାଙ୍କର ବରିଷ୍ଠ ଉପସଭାପତି ☞ପୃଷ୍ଠା-୨

## ନିର୍ଭୟା ଦୋଷୀଙ୍କୁ ଆଜି ଫାଶୀ



**ନୂଆଦିଲ୍ଲୀ, ୧୯।୩(ପି.ଟି.)**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ସକାଳ ୫ଟା ୩୦ରେ ଫାଶୀ ଦିଆଯିବ। ଏଥିପାଇଁ ତିହାର ଜେଲ୍ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ଏକାଧିକ ଥର ଫାଶୀର ଡମି କରାଯାଇଥିଲା। ଅଫଜଲ ଗୁରୁ ଫାଶୀ ପାଇବାର ୭ ବର୍ଷ ପରେ ତିହାର ଜେଲ ଏକସଙ୍ଗେ ୪ ଜଣଙ୍କୁ ଫାଶୀ ଦେବାକୁ ଯାଉଛି।

ପଟିଆଲା ହାଉସ୍ କୋର୍ଟ ଅପରାଧୀମାନଙ୍କ ସମସ୍ତ ପିଟିଶନକୁ ଗୁରୁବାର ଖାରଜ କରିଦେଇଥିଲେ। ସେମାନଙ୍କର ଆଉ କୌଣସି ଆଇନଗତ ସହାୟତା ବାକି ନାହିଁ। ପବନ ଓ ଅକ୍ଷୟଙ୍କ ଦ୍ୱିତୀୟ କ୍ଷମା ଆବେଦନକୁ ରାଷ୍ଟ୍ରପତି ଅଗ୍ରାହ୍ୟ କରିଦେଇଥିବା ସରକାରୀ ଓକିଲ ଇର୍‌ଫାନ ଅହମଦ ଅଦାଲତଙ୍କୁ କହିଥିଲେ। କୋର୍ଟ ବାହାରେ ମଧ୍ୟ ଡ୍ରାମାବାଜି ଦେଖିବାକୁ ମିଳିଥିଲା। ଛାଡ଼ପତ୍ର ପାଇଁ ଆବେଦନ କରିଥିବା ଅକ୍ଷୟଙ୍କ ସ୍ତ୍ରୀ କୋର୍ଟ ବାହାରେ ମୂର୍ଚ୍ଛା ଯାଇଥିଲେ। ସେହିପରି ମୁକେଶ ସିଂଙ୍କ ପିଟିଶନ ଗୁରୁବାର ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ଅପରାଧ ସଂଘଟିତ ସମୟରେ ସେ ଦିଲ୍ଲୀରେ ନ ଥିଲେ ବୋଲି ଦାବି କରି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ଅତି ବୀଭତ୍ସ ଭାବେ ଆକ୍ରମଣ କରି ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ୧୪ ଦିନ ଧରି ମୃତ୍ୟୁ ସହ ସଂଘର୍ଷ କରିବା ପରେ ପୀଡ଼ିତା ସିଙ୍ଗାପୁରର ଏକ ହସ୍ପିଟାଲରେ ଆଖି ବୁଜିଥିଲେ। ଏହି ମାମଲାରେ ମୃତ୍ୟୁଦଣ୍ଡ ପାଇଥିବା ୪ ଅପରାଧୀ ମୁକେଶ ସିଂ(୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା(୨୬) ଏବଂ ଅକ୍ଷୟ କୁମାର ସିଂ(୩୧)ଙ୍କୁ ୨୦ ତାରିଖ (ଶୁକ୍ରବାର) ସକାଳ ୫ଟା ୩୦ରେ ଫାଶୀ ଦେବା ପାଇଁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ୫ ତାରିଖରେ ମୃତ୍ୟୁ ପରୱାନା ଜାରି କରିଥିଲେ। ଏହା ପୂର୍ବରୁ ୩ ଥର ଡେଥ୍ ୱାରେଣ୍ଟ ଜାରି ହୋଇଥିଲେ ହେଁ ଅପରାଧୀମାନେ ବିଭିନ୍ନ ବାହାନା କରି ଅଦାଲତଙ୍କ ଦ୍ୱାରସ୍ଥ ହେବା ସହ କ୍ଷମା ଆବେଦନ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା।

## ରବିବାର ଜନତା କର୍ଫ୍ୟୁ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**



**କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିବେଦନ**

ମହାମାରୀ କରୋନା ଭୂତାଣୁ ନେଇ ସୃଷ୍ଟ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ୨୨ ତାରିଖ (ରବିବାର) ଦେଶରେ ଜନତା କର୍ଫ୍ୟୁ ପାଳନ କରିବା ଲାଗି ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଜନତା କର୍ଫ୍ୟୁ ଅର୍ଥ ଜନସାଧାରଣଙ୍କ ଦ୍ୱାରା ସେମାନଙ୍କ ପାଇଁ ନିଜ ଉପରେ ଲଗାଯାଇଥିବା କର୍ଫ୍ୟୁ। ସେଦିନ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକେ ଘରୁ ନ ବାହାରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

କରୋନା ଭୂତାଣୁ ଏବେ ବିଶ୍ୱର ଅନେକ ଦେଶକୁ ବ୍ୟାପିଲାଣି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଯେତେ ସଂଖ୍ୟାରେ ଦେଶ ପ୍ରଭାବିତ ହୋଇ ନ ଥିଲେ କରୋନା ଭୂତାଣୁ ତା'ଠାରୁ ଅଧିକ ଦେଶକୁ ପ୍ରଭାବିତ କରିଛି। ଏହି ଭୂତାଣୁକୁ ନେଇ ଏବେ ଦେଶ ସଙ୍କଟ ଦେଇ ଗତି କରୁଛି। ଏହି ରୋଗରୁ ରକ୍ଷା ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ କିମ୍ବା ଔଷଧ ଏପର୍ଯ୍ୟନ୍ତ ବାହାରିନାହିଁ। ତେଣୁ ଏହାକୁ ନେଇ ଚିନ୍ତା ବଢ଼ିବା ସ୍ୱାଭାବିକ। ସଂକ୍ରମଣଠାରୁ ଦୂରେଇ ରହିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଏକମାତ୍ର ଉପାୟ ବୋଲି ଗୁରୁବାର ରାତିରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ସେଥିପାଇଁ ଅନ୍ୟମାନଙ୍କ ସଂସ୍ପର୍ଶରେ ନ ଆସିବାକୁ ଏବଂ ଗହଳି ସ୍ଥାନଠାରୁ ଯଥାସମ୍ଭବ ଦୂରେଇ ରହିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କରୋନା ସଂକ୍ରମିତ କେତେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଆଇସୋଲେଶନରେ ରଖିଛନ୍ତି। ଭାରତ ଭଳି ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଉପରେ କରୋନାର ଏହି ସଙ୍କଟ ସାମାନ୍ୟ କଥା ନୁହେଁ। ବିକଶିତ ରାଷ୍ଟ୍ର ଉପରେ ଏହାର ପ୍ରଭାବ ପଡୁଥିଲାବେଳେ ଭାରତରେ କୌଣସି ପ୍ରଭାବ ପଡିବ ନାହିଁ ଭାବିବା ଭୁଲ୍। ଏହାର ମୁକାବିଲା ପାଇଁ ଦୁଇଟି କଥା ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ହେଲା ସଂକଳ୍ପ ଓ ଦ୍ୱିତୀୟରେ ସଂଯମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସଂକ୍ରମଣଠାରୁ ଦୂରେଇ ରହିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବା ଆବଶ୍ୟକ। ସାମାଜିକ ଦୂରତ୍ୱ ରକ୍ଷା କରିବା, ଭିଡ଼ରୁ ଦୂରେଇ ରହିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ଅତି ଜରୁରୀ ନ ଥିଲେ ବାହାରକୁ ନ ଯିବାକୁ ମୋଦି କହିଛନ୍ତି। ୨୨ ତାରିଖ ଜନତା କର୍ଫ୍ୟୁ ଦିନ ଯେଉଁମାନଙ୍କର ଅତି ଜରୁରୀ କାର୍ଯ୍ୟ ଥିବ, ସେଇମାନେ ହିଁ ବାହାରକୁ ଯାଇପାରିବେ। କିନ୍ତୁ ଅନ୍ୟମାନେ ନିଜକୁ ଘରେ ରହିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିବା ସହ ଏବେଠାରୁ ଏହି ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ କହିଛନ୍ତି। ପ୍ରତ୍ୟେକ ଫୋନ୍ ମାଧ୍ୟମରେ ୧୦ ଜଣଙ୍କୁ ଏ ସମ୍ପର୍କରେ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି। କରୋନା ବିରୋଧରେ ଲଢ଼େଇ ପାଇଁ ଏହା ଏକ ପ୍ରସ୍ତୁତି। ଆଜିର ପରିସ୍ଥିତିରେ ଦେଶ ପାଇଁ ଦିନରାତି କାର୍ଯ୍ୟ କରୁଥିବା ଡାକ୍ତର, ନର୍ସ, ସଫେଇ କର୍ମଚାରୀ, ରେଳ କର୍ମଚାରୀ, ହୋମ୍ ଡେଲିଭରି କରୁଥିବା ଲୋକ, ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ବଜ୍ରପାତ ନେଲା ୧୧ ଜୀବନ

**ଭୁବନେଶ୍ୱର, ୧୯।୩ (ବ୍ୟୁରୋ)**

- ବଲାଙ୍ଗୀର, ନବରଙ୍ଗପୁର, କେନ୍ଦୁଝର, ଜଗତ୍‌ସିଂହପୁର, ପୁରୀ ଜିଲାରେ ୫
- ସୁନ୍ଦରଗଡ଼, ଗଞ୍ଜାମ, ଢେଙ୍କାନାଳରେ ୬ ମୃତ

ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଘୂର୍ଣ୍ଣିଝଡ଼ ବ୍ୟାପକ କ୍ଷୟକ୍ଷତି କରିଛି। ଝଡ଼ବର୍ଷା ଏବଂ ବଜ୍ରପାତରେ ୧୧ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ବଲାଙ୍ଗୀର, ନବରଙ୍ଗପୁର, କେନ୍ଦୁଝର, ଜଗତସିଂହପୁର, ପୁରୀ ଜିଲାର ଜଣେ ଲେଖାଏ ଏବଂ ଗଞ୍ଜାମ, ଢେଙ୍କାନାଳ, ସୁନ୍ଦରଗଡ଼ର ୨ଜଣ ଲେଖାଏ ଅଛନ୍ତି। ସେହିପରି ବଡ଼ ବଡ଼ ଗଛ ଧରାଶାୟୀ ହୋଇପଡ଼ିଛି। କେତେକ ସ୍ଥାନରେ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ ତୁରେକେଲା ବ୍ଲକ ଶର୍ଗୁଲ ଗ୍ରାମରେ ଇଟା ତିଆରି ଚାଲିଥିବାବେଳେ ବଜ୍ରପାତ ଘଟି ଯୁଗେଶ୍ୱର ପରାଭୁଏ (୩୪)ଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତର ବଟକରି ଗ୍ରାମରେ ବଜ୍ରପାତ ଘଟି ବିଦ୍ୟାଧର ଗୌଡ଼ (୧୫) ପ୍ରାଣ ହରାଇଛନ୍ତି। ବିଦ୍ୟାଧର ଗୋରୁ ଚରାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଏକ ମଇଁଷିର ମଧ୍ୟ ☞ପୃଷ୍ଠା-୨



**କିଛି ତଥ୍ୟ**

ଗ୍ରାମୀଣ ଭିତ୍ତିଭୂମି ବିକାଶ ଲାଗି ନାବାର୍ଡ ଆର୍ଥିକ ବର୍ଷ ୨୦୨୦ରେ ୪୨,୩୧୩ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛି।

– ଅର୍ଥ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**

"ଖୁବ୍‌ଶୀଘ୍ର ବିରୋଧୀମାନେ ମୋତେ ସ୍ୱାଗତ କରିବେ।"

– ରଞ୍ଜନ ଗୋଗୋଇ, ପୂର୍ବତନ ସିଜେଆଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଚିନ୍ମୟ ପତି
ପରିବାରବର୍ଗ


ଦିବ୍ୟଜ୍ୟୋତି
ପରିବାରବର୍ଗ


ମୌସୁମୀ
ପରିବାରବର୍ଗ


ସୋମେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ଶ୍ରୀମନ୍ଦିରରେ...

ରହିଲେ ସମସ୍ତେ ମିଶି ଏହି ମହାମାରୀର ସଫଳ ମୁକାବିଲା କରିବା ସହ ଖୁବ୍‌ଶୀଘ୍ର ମହାପ୍ରଭୁଙ୍କ ଦର୍ଶନ ମିଳିପାରିବ ବୋଲି ଜିଲାପାଳ ସିଂ ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ତେବେ ଏହି ସମୟରେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ସୁବିଧା ଅସୁବିଧା ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି।

### ଫେରିଲା ମହାପ୍ରଭୁଙ୍କ...

ଜୟଦେବ ଦାସ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କୁ ଚିଠି ଲେଖି ଜଣାଇଛନ୍ତି। ମହାପ୍ରଭୁଙ୍କ ଟଙ୍କା ଫେରିବା ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଛି।

ମହାପ୍ରଭୁଙ୍କ ଟଙ୍କା ଫେରିବା ସଂକ୍ରାନ୍ତରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନର ୫୪୫କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଫିକ୍ସଡ ଡିପୋଜିଟ୍ ରହିଥିଲା। ଗୁରୁବାର ୩୮୯କୋଟି ଟଙ୍କାର ଜମା ଅବଧି ଶେଷ ହୋଇଛି। ତେଣୁ ୟେସ୍ ବ୍ୟାଙ୍କ ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ଇ-ଟ୍ରାନ୍ସଫର କରିଛି। ପୂର୍ବରୁ ୩ଟି କ୍ୱାର୍ଟରର ସୁଧ ମିଳିଥିବାବେଳେ ଚତୁର୍ଥ କ୍ୱାର୍ଟର (ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ)ର ସୁଧ ଟଙ୍କା ଏବେ ମୂଳ ସହ ମିଶି ଆସିଛି। ମୂଳଧନର ସୁରକ୍ଷା ପାଇଁ ସମସ୍ତ ୫୪୫କୋଟି ଟଙ୍କା ଉଠାଇବା ପାଇଁ ୟେସ୍ ବ୍ୟାଙ୍କକୁ ଚିଠି କରିଥିଲୁ। କିନ୍ତୁ ଆର୍‌ବିଆଇ ଗାଇଡ୍‌ଲାଇନ ଏହାକୁ ପରମିଟ୍ କରୁନାହିଁ ବୋଲି ୟେସ୍ ବ୍ୟାଙ୍କ ଜଣାଇଛି। ଆସନ୍ତା ୩୦ରେ ୧୫୬କୋଟିର ମାଚ୍ୟୁରିଟି ଶେଷ ହେବା ପରେ ସୁଧ ସହ ଏହି ଟଙ୍କା ଫେରାଇବେ ବୋଲି ବ୍ୟାଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଥିବା ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଜମାକୁ ନେଇ ଗତ କିଛିଦିନ ଧରି ହୋ ହଲ୍ଲା ଚାଲିଥିଲା। ଗତ ୫ ତାରିଖରେ ଆର୍‌ବିଆଇ ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିବା ପରେ ଏହି ଟଙ୍କାଙ୍କୁ ନେଇ ଆଶଙ୍କା ଉପୁଜିଥିଲା। ଏତେଗୁଡ଼ିଏ ଟଙ୍କା କିପରି ଫେରସ୍ତ ଅଣାଯିବ ତାକୁ ନେଇ ସନ୍ଦେହରେ ପଡିଥିଲେ ସମସ୍ତେ। ମନ୍ଦିର ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବଦଳରେ କାହିଁକି ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀ ପ୍ରଶ୍ନ କରିଥିଲେ। ଏପରି କି ଏହି ଘଟଣାକୁ ବିରୋଧୀ ଦଳଗୁଡ଼ିକ ବିଧାନସଭା ଅଧିବେଶନରେ ହଙ୍ଗାମା କରିଥିଲେ। ବେଆଇନ ଭାବେ ଯେଉଁମାନେ ଚକ୍ରାନ୍ତ କରି ଏହି ଟଙ୍କା ୟେସ୍ ବ୍ୟାଙ୍କରେ ଜମା କରିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଆଲୋଡନ ସୃଷ୍ଟି ହୋଇଥିଲା। ଶେଷରେ ସରକାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ମଧ୍ୟ ଗଠନ କରିଥିଲେ। ମହାପ୍ରଭୁଙ୍କ ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମଧ୍ୟ ପତ୍ର ଲେଖିଥିଲେ। ଓଡ଼ିଶାର ଏମ୍‌ପିମାନେ ବି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଦାବିପତ୍ର ଦେଇଥିଲେ। ୟେସ୍ ବ୍ୟାଙ୍କରୁ ଅର୍ଥ ଉଠାଇବା ଉପରେ ଆର୍‌ବିଆଇ ଯେଉଁ କଟକଣା ଜାରି କରିଥିଲା ତାକୁ ବୁଧବାର ଉଠାଇ ଦେବା ପରେ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ଏହି ଅର୍ଥ ଫେରିପାଇଛି।

### ଆଇସିଏସ୍‌ଇ,...

ପରୀକ୍ଷାକୁ ବାତିଲ କରାଯାଇଛି। ବାତିଲ ହୋଇଥିବା ପରୀକ୍ଷାଗୁଡ଼ିକ କେବେ ହେବ ସେନେଇ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଏ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କୁ ଅବଗତ କରାଇବା ପାଇଁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସିଆଇଏସ୍‌ସିଇ ଅଧୀନରେ ଓଡ଼ିଶାରେ ମୋଟ ୯୬ଟି ବିଦ୍ୟାଳୟ ଥିବାବେଳେ ଉଭୟ ଶ୍ରେଣୀର ପ୍ରାୟ ୮ ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥାନ୍ତେ।

# ଏସ୍‌ବିଆଇରେ ରହିବ ଫାଉଣ୍ଡେଶନ ଫଣ୍ଡ

**ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରହିବ ଜମା, ଆଜି ଖୋଲାଯିବ ଟେଣ୍ଡର**

**ପୁରୀ ଅଫିସ,୧୯।୩**

ଜଗନ୍ନାଥଙ୍କ ଟଙ୍କା ଫେରିବା ପରେ ଏହାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରଖାଯିବାକୁ ଆଇନ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ୍ ଏସ୍‌ବିଆଇରେ ରଖାଯିବ। କିନ୍ତୁ କର୍ପସ ଫଣ୍ଡ ଏବଂ ଟେମ୍ପୁଲ ଫଣ୍ଡ ଲାଗି ଟେଣ୍ଡର ଡକାଯିବ। ଏଥିଲାଗି ବୁଧବାର ଟେଣ୍ଡର ଡକାଯାଇଥିବାବେଳେ ଶୁକ୍ରବାର ଏହା ଖୋଲାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ଟେମ୍ପୁଲ ଫଣ୍ଡ ଓ କର୍ପସ ଫଣ୍ଡର ୫୦ ପ୍ରତିଶତ ଜମା ରହିବ। ବାକି ୫୦ ପ୍ରତିଶତ ଦ୍ୱିତୀୟ ଏବଂ ତୃତୀୟରେ ଥିବା ବ୍ୟାଙ୍କ ଦ୍ୱୟରେ ରଖାଯିବ। ଏହି ବ୍ୟାଙ୍କ ଦ୍ୱୟକୁ ପ୍ରଥମ ବ୍ୟାଙ୍କ ଯେତିକି ସୁଧ ଦେବ ସେତିକି ଦେବା ଲାଗି କୁହାଯିବ। ଯଦି ସେମାନେ ରାଜି ନ ହୁଅନ୍ତି ତେବେ ପ୍ରଥମ ବ୍ୟାଙ୍କରେ ସବୁ ଟଙ୍କା ରଖାଯିବା ଲାଗି ଆଇନ ବିଭାଗ ଅନୁମୋଦନ ଦେଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଗତ ଫେବୃୟାରୀ ୫ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିର ଟଙ୍କାକୁ କେଉଁ ବ୍ୟାଙ୍କରେ ରଖାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହାର ବିବରଣୀକୁ ଆଇନ ବିଭାଗକୁ ପଠାଯାଇଥିଲା। ବୁଧବାର ଆଇନ ବିଭାଗ ଏହାକୁ ଅନୁମୋଦନ କରିଛି।

## ପ୍ରଥମ ପୃଷ୍ଠାରୁ...

### ବଜ୍ରପାତ ନେଲା...

ମୃତ୍ୟୁ ଘଟିଛି। ଅନୁରୂପ ଭାବେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମରେ ବଜ୍ରପାତରେ କାଳନ୍ଦୀ ନାୟକ (୫୨)ଙ୍କ ମୃତ୍ୟୁ ଘଟିଛି। ସେହିପରି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଫାଣ୍ଡରା ଗ୍ରାମର ଏସି ମେକାନିକ ବାପି ନାୟକ (୩୨) ଏବଂ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଖୋଲବନ୍ଧର ଜମ୍ବୁବତୀ ଦେଇ (୫୦)ଙ୍କ ଜୀବନ ନେଇଛି ବଜ୍ରପାତ। ବଜ୍ରପାତ ସମୟରେ ବାପି ଇଟା ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ସେହିପରି ଜମ୍ବୁବତୀ ମାଙ୍କଡ଼ କବଳରୁ ଚିନାବାଦାମ ଫସଲକୁ ସୁରକ୍ଷା ଦେବାକୁ ଜମିରେ ଜଗିଥିଲେ।

ସୁନ୍ଦରଗଡ଼ ବ୍ଲକ ଧରୁଆଡ଼ିହି ଥାନା ଅଧୀନ ଘଣ୍ଟିବୁଡ଼ ଗ୍ରାମରେ ବଜ୍ରପାତ ଘଟି ମଙ୍ଗଲୁ ନାଏକ (୩୦), ବବଲୁ କିଷାନ (୩୧)ଙ୍କ ମୃତ୍ୟୁ ଘଟିଛି। ଏଥିରେ ରଘୁନନ୍ଦନ କିଷାନ ଗୁରୁତର ହୋଇଛନ୍ତି। କେନ୍ଦୁପତ୍ର ଗୋଛି କାଟୁଥିବା ସମୟରେ ସମ୍ପୃକ୍ତ ୩ଜଣ ବଜ୍ରପାତର ଶିକାର ହୋଇଥିଲେ। କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ପଞ୍ଚାୟତ ଚାନ୍ଦିପୋଷ ଗ୍ରାମରେ ବଜ୍ରପାତରେ ୮ ଗୋରୁଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅଞ୍ଚଳରେ ବଜ୍ରପାତରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ହାତୀଗୁଡ଼ାର ଟିକି ପୋଲେଇ (୧୮), ବ୍ରାହ୍ମଣପଦରର ନୟନୀ ନାୟକ (୫୨)। ମା'ଙ୍କ ସହ ଟିକି ମୁଗ ତୋଳିବାକୁ ଯାଇଥିଲେ। ନୟନୀ ଗ୍ରାମ ନିକଟରେ ଖଜୁରି ଗଛରୁ ବାହୁଙ୍ଗା କାଟୁଥିଲେ। ସେହିପରି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଙ୍ଗଡ଼ୀ ଗ୍ରାମର ଏକ କ୍ୟାମ୍ପରେ ବଜ୍ରପାତ ହେବାରୁ ଚନ୍ଦ୍ରକାନ୍ତ ସାମଲ (୪୦), ରଶ୍ମିରଞ୍ଜନ ସାମଲ (୩୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ବୈଦ୍ୟନାଥ ଦାସ (୨୭) ଏବଂ ଚୌଦ୍ୱାର ଅଞ୍ଚଳର ଜେସିବି ହେଲ୍‌ପର ଗଣେଶ ସାହୁ ଗୁରୁତର ହୋଇଛନ୍ତି।

### ଭାରତରେ ଚତୁର୍ଥ...

ବଢ଼ିଚାଲିଛି। ଅଦ୍ୟାବଧି ରାଜଧାନୀ ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୧୨ରେ ପହଞ୍ଚିଥିବା ବେଳେ ଉତ୍ତରପ୍ରଦେଶରେ ୧୯, ମହାରାଷ୍ଟ୍ରରେ ୪୯, କେରଳରେ ୨୭, କର୍ନାଟକରେ ୧୪, ଲଦାଖରେ ୮, ଜମ୍ମୁ-କଶ୍ମୀରରେ ୪, ତେଲଙ୍ଗାନାରେ ୬, ରାଜସ୍ଥାନରେ ୭, ତାମିଲନାଡୁ, ପଞ୍ଜାବରେ ୨ଜଣ ଲେଖାଏ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ପୁଡୁଚେରି ଓ ଚଣ୍ଡୀଗଡ଼ରେ ଜଣେ ଲେଖାଏ ସଂକ୍ରମିତ ବ୍ୟକ୍ତି ଥିବା ଜଣାପଡ଼ିଛି। ହରିୟାଣାରେ ୧୭ ଜଣ ସଂକ୍ରମିତ ଥିବାବେଳେ ସେମାନଙ୍କ ମଧ୍ୟରେ ୧୪ ବିଦେଶୀ ଥିବା ପ୍ରକାଶ।

## ତୃତୀୟ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛୁଟି

**ଭୁବନେଶ୍ୱର,୧୯।୩(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଛୁଟି ଘୋଷଣା କରିଛନ୍ତି। ମାର୍ଚ୍ଚ ୩୧ ଯାଏ ସେମାନେ ଛୁଟିରେ ରହିବେ। ଏହି ସମୟରେ କର୍ମଚାରୀମାନେ ନିଜକୁ ଘର ଭିତରେ ସୀମିତ ରଖିବେ। ଜନଗହଳି ସ୍ଥାନ କିମ୍ବା କୌଣସି ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ। ଏହାକୁ ଅମାନ୍ୟ କଲେ ସମ୍ପୃକ୍ତ କର୍ମଚାରୀଙ୍କର ଛୁଟି ଅବଧିକୁ ବିନା ଦରମାର ଛୁଟି ଭାବେ ବିବେଚନା କରାଯିବ। ସେହିପରି ଜିଲାସ୍ତରରେ ଏହି ବର୍ଗର କର୍ମଚାରୀମାନଙ୍କ ମଧ୍ୟରୁ କିଏ ଆସିବେ ତାହା ଜିଲାପାଳ ଓ ନିର୍ଦ୍ଦେଶକସ୍ତରର ଅଫିସର ସ୍ଥିର କରିବେ। ଅତି ଜରୁରୀ ଥିଲେ ସେମାନଙ୍କୁ ଓସ୍ୱାସ ମାଧ୍ୟମରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରାଯିବ। ତେବେ ସେହି କର୍ମଚାରୀମାନଙ୍କୁ ଆବଶ୍ୟକ ସ୍ଥଳେ ରୋଟେଶନ କରି ପ୍ରଶାସନିକ କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିବାକୁ କୁହାଯାଇଛି। ଏହି ଦୁଇ ବର୍ଗ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କର୍ମଚାରୀମାନେ ନିୟମିତ ଅଫିସ ଆସିବେ। ଲୋକସେବା ଭବନକୁ ସର୍ବସାଧାରଣଙ୍କ ପାଇଁ ମଧ୍ୟ ବାରଣ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ପାପଗ୍ରସ୍ତ ମଙ୍ଗଳଜନିତ ସ୍ୱାସ୍ଥ୍ୟ ହାନିଜନିତ ହତୋତ୍ସାହିତ ହୋଇପାରନ୍ତି। ପରିବାର ହେଉ କିମ୍ବା କର୍ମକ୍ଷେତ୍ର ହେଉ, ଆପଣ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ କିଛି ଅସୁବିଧା ହେବନାହିଁ। ଦ୍ୱିଜା ନକ୍ଷତ୍ର ବାଣିଜ୍ୟ, ନିର୍ମାଣ, ପରିବହନ, ବ୍ୟବସାୟିକ ସ୍ଥିତି, ସଭା ସମିତି, ମନୋରଞ୍ଜନ, କଳା,ସାହିତ୍ୟ ସବୁ ଦିଗରୁ ଖୁସି ରହିପାରନ୍ତି।

**ବୃଷ** – ରୋହିଣୀ ନକ୍ଷତ୍ର ପାଇଁ ଆଜିର ପ୍ରତ୍ୟୁଷ ଯାତ୍ରା, ନୂତନ ବାଣିଜ୍ୟାରମ୍ଭ, ପ୍ରଶାସନିକ ଆଲୋଚନା, ବନ୍ଧୁ ମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହୋଇ କାମ ହାସଲ ପାଇଁ ଖୋରାକ ଯୋଗାଇବ। କୌଣସି ଆଲୋଚନାରେ ତର୍କ ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ।

**ମିଥୁନ** – ଅନଟନ ଦୂର ହେବ କିନ୍ତୁ ବିବାଦୀୟ ସ୍ଥିତିରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବାକି ଥିବା ଲୋକଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବ୍ୟବସାୟ, ପରିବହନରେ ସମସ୍ୟା ଦେଖା ଦେଇପାରେ। ପୁନର୍ବସୁ ନକ୍ଷତ୍ରର ରାସ୍ତାରେ ଯିବା ସମୟରେ କୌଣସି ଅଜଣା ଲୋକ ସହ ବାକ୍ ବିତଣ୍ଡା ସୃଷ୍ଟି ହୋଇପାରେ।

**କର୍କଟ** – ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ମିଳିବ।

**ସିଂହ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ନାସ୍ତି ସୂଚକ ବାକ୍ୟ ଶୁଣି ବିଷାଦଗ୍ରସ୍ତ ହେବେ। ମଘା ନକ୍ଷତ୍ର ହଜି ଯାଇଥିବା ଜିନିଷ ପୁଣି ଫେରି ପାଇବେ, ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡ଼ିବ। ପରିବହନ, ବ୍ୟବସାୟ, ନିର୍ମାଣ, ସଙ୍ଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ।

**କନ୍ୟା** – କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ବାଧ୍ୟ ହେବେ। ବ୍ୟବସାୟ, ପରିବହନ, ଲୋକ ସମ୍ପର୍କ, ଗଠନମୂଳକ କାମରୁ ସୁଫଳ ମିଳିବ। ପୂର୍ବାଫାଲ୍‌ଗୁନୀ ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**ତୁଳା** – ମଙ୍ଗଳଙ୍କ ଅଶୁଭତ୍ୱ କାରଣରୁ ଆବଶ୍ୟକୀୟ ଟଙ୍କା ଯୋଗାଡ଼ କରିବା ସକାଶେ ବହୁତ ହଇରାଣ ହେବାକୁ ପଡ଼ିବ। ସ୍ୱାତୀ ନକ୍ଷତ୍ର ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମହୋତ୍ସବ, ସଙ୍ଗୀତ ଆସରରେ ନିଜକୁ ସାମିଲ କରି ପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରତିଯୋଗିତା, ମାଲିମକଦ୍ଦମା କ୍ଷେତ୍ରରେ ଲକ୍ଷ୍ୟପୂରଣ ହୋଇପାରିବ।

**ବିଛା** – ରବି ନକ୍ଷତ୍ରସ୍ଥ ରାଶ୍ୟାଧିପ ଯୋଗୁ କିଛି ନୂଆ କାମ ଆରମ୍ଭ କରିବା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟଚର୍ଚ୍ଚା, ସଭାସମିତିରେ ଆପଣଙ୍କ ଅବଦାନ ରହିବ। ପାରିବାରିକ କ୍ଷେତ୍ର, ଆର୍ଥିକ ସ୍ଥିତି, ବନ୍ଧୁସମ୍ପର୍କ ଭଲ ରହିବା ସହ ଅପବ୍ୟୟ ଓ ଶତ୍ରୁତା ଦୁଃଶ୍ଚିନ୍ତାର କାରଣ ହୋଇପାରେ।

**ଧନୁ** – ରାଶ୍ୟାଧିପତି ସହ କେତୁ ଗ୍ରହ ଯୋଗୁ ସ୍ୱାସ୍ଥ୍ୟ ସଚେତନତା ଆପଣଙ୍କ ସକାଶେ ଜରୁରୀ ହୋଇପଡ଼ିବ। କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡ଼ିପାରନ୍ତି। ବ୍ୟବସାୟିକ ଦିଗଟି ମନ୍ଦ ହେବନି ଏବଂ ଯାତ୍ରା, କଳା ଓ ସାହିତ୍ୟାଦିରେ ପ୍ରଶଂସିତ ହେବେ।

**ମକର** – ବିଶେଷ ଅସୁବିଧା ନ ହେଲେ ମଧ୍ୟ ରାଶିରେ ଶନି ଓ ଚନ୍ଦ୍ର ହେତୁ ଥଣ୍ଡାରୋଗ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ସ୍ୱନକ୍ଷତ୍ରସ୍ଥ ଶୁକ୍ର ଚତୁର୍ଥ ସ୍ଥାନସ୍ଥ ଯୋଗୁ ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। କାର୍ଯ୍ୟରେ ପ୍ରତିବନ୍ଧକ କିମ୍ବା ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇ ପାରେ।

**କୁମ୍ଭ** – ଶୁକ୍ର ମିତ୍ରରାଶିରେ ରହି ଭାଗ୍ୟସ୍ଥାନକୁ ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖାନଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ,ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନରେ ଆଶାନୁଯାୟୀ ଫଳ ପାଇବେ। ଶତଭିଷା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ, ପରିବହନ, ଭ୍ରମଣ, ସଭାସମିତି, ଆଲୋଚନା ଓ ବନ୍ଧୁ ମିଳନରୁ ଖୁସି ରହିବେ।

**ମୀନ** – ବୃହସ୍ପତି ସହ କେତୁ ଓ ମଙ୍ଗଳଙ୍କ ପ୍ରଭାବରେ ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମିଥୁନସ୍ଥ ରାହୁଙ୍କ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ଅଜୀର୍ଣ୍ଣ ଦେଖାଦେଇପାରେ। ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କ ରହିବା ଭଲ।

ଆଜି ଚୈତ୍ର କୃଷ୍ଣପକ୍ଷ ଦ୍ୱାଦଶୀ ଶୁକ୍ରବାର, ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସନ୍ଧ୍ୟା ଘ୫।୦୪ମି. ଗତେ ଧନିଷ୍ଠା ନକ୍ଷତ୍ର,ବିଛା, ଧନୁ ଓ ମୀନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୫।୫୪ମି. ଗତେ ଘ୬।୪୨ମି. ମଧ୍ୟେ, ଘ୭।୩୦ମି. ଗତେ ଘ୯।୫୪ମି. ମଧ୍ୟେ, ଦିବା ଘ୧୨।୧୮ମି. ଗତେ ଘ୨।୪୨ମି. ମଧ୍ୟେ, ଦିବା ଘ୪।୧୮ମି. ଗତେ ଘ୫।୫୪ମି. ମଧ୍ୟେ, ସନ୍ଧ୍ୟା ଘ.୭।୩୦ମି ଗତେ ଘ. ୯.୦୫ମି ମଧ୍ୟେ, ରାତ୍ର ଘ୧।୫୪ମି. ଗତେ ଘ୩।୨୯ମି. ମଧ୍ୟେ ଅମୃତ ବେଳା, ରାତ୍ର ଘ୯।୦୫ମି. ଗତେ ଘ୯।୫୩ମି. ମଧ୍ୟେ, ରାତ୍ର ଘ୩।୨୯ମି. ଗତେ ଘ୪।୧୭ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୧୦।୨୪ମି. ଗତେ ଘ୧୧।୫୪ମି. ମଧ୍ୟେ ରାହୁକାଳ।


**classifieds Everyday 0674-2580101, 2549302**

**automobile SALE**

Car for sale Fiat Avventura White, 2015. 8339036335, 9937995461. D-69259

**real estate SALE**

2000sqft. corner plot having double side road for sale in Kateni Square, Bhubaneswar. 9583749747. D-68799

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333. D-69108

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ 1,2,3,4BHK flat, simplex, duplex ଅଛି। 8327785834, 9658122456. D-69114

Plot for sale at Govt. rate Mouza Sahaspur (Sundarpada), Bhubaneswar. Contact: 9124721060. D-67550

Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68797

Demarcated plots under CMC, 800 mtr from NH Balikuda-8658182243. D-68076

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

Booking open for 3BHK duplex near ITER college Bhubaneswar. Contact: 7978751719. D-67549

ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040. D-69106

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

2BHK flat 1120sqft adjecent to Mountlitera Zee School Kateni Bhubaneswar for sale @ 18,50,000/-** 9937162220. D-17206

3BHK flat for sale, @ 65Lac near Patia Big Bazaar, direct owner contact- 8249928110. D-68343

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-17135

**to-let**

3 storied building near Puri Bus Stand (outer gate) each floor 1450sqft. with parking area, lift provision, preffered for office or guest house. Contact: 9437231973, 9938811066, 9439009236. D-17159

**healthcare**

Relaxing body massage by trend lady, gents therapist. 9861193818. D-60879

Relaxing body massage by trend lady, gents therapist. 8018656899. D-60880

Ayurvedic full body massage ladies and gents. Contact- 9861064981. D-68796

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Herbal full body massage by smart / expert therapist. Contact: 8338067247. D-69255

Experience winter therapeutic Abhyanga massage feeling refreshing energetic: Appointment-9668374480. D-69256

Rejuvenate and Ayurvedic full body massage by smart therapist. 9114402304. D-69257

Get refreshment, body massage by expert therapist @ 999 Pokharipur, Bhubaneswar. 9556978408. D-69258

Monalisa massage: All types body massage with hiprofile smart lady air condition rooms available. 9708545108. D-17180

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Prasanta Kumar Baral also known as Kalu Baral, age 45 years, S/o- Jugal Baral & H.M. Baral (Mother) of Village- Dangura, P.O- Mahura, Via-Gabakunda, P/S-Satyabadi, Dist- Puri, have taken oath vide affidavit before Executive Magistrate Satyabadi on dt. 24.02.2020 to concern both the names are a same person. D-67617

By Virtue of an affidavit before the Magistrate, Bhubaneswar. I have changed my name from N.HARRI PRASAD to N.HARI PRASAD. Henceforth I shall be known as N.HARI PRASAD for all purpose. D-69260


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଘୁଞ୍ଚିଲା ଓଜେଇଇ ଆବେଦନ ତାରିଖ


**ଭୁବନେଶ୍ୱର,୧୯।୩(ବ୍ୟୁରୋ):** ମେ’ ପ୍ରଥମ ସପ୍ତାହରେ ହେବାକୁ ଥିବା ଓଜେଇଇ ପରୀକ୍ଷା (ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ) ପାଇଁ ଆବେଦନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏଥିପାଇଁ ଆବେଦନ ପ୍ରକ୍ରିୟା ୨୦ତାରିଖ ପର୍ଯ୍ୟନ୍ତ ରହିଥିବାବେଳେ ଏବେ ତାହାକୁ ୨୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦିଆଯାଇଛି। ଛାତ୍ରୀଛାତ୍ରମାନେ ୨୭ ମାର୍ଚ୍ଚ ମଧ୍ୟରେ ଅନ୍‌ଲାଇନରେ ଆବେଦନ ଏବଂ ମାର୍ଚ୍ଚ ୩୧ ମଧ୍ୟରେ ଅନ୍‌ଲାଇନରେ ଫି ଦାଖଲ କରିପାରିବେ। ଏପ୍ରିଲ ୨୦ରୁ ପରୀକ୍ଷାର୍ଥୀମାନେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ଏବଂ କଲେଜର ବି.ଫାର୍ମା, ଏମ୍‌ବିଏ, ଏମ୍‌ସିଏ, ଏମ୍.ଟେକ୍, ଏମ୍. ଟେକ୍ ପାର୍ଟଟାଇମ୍, ଏମ୍. ଆର୍କିଟେକ୍, ଏମ୍. ପ୍ଲାନ୍, ଏମ୍ ଫାର୍ମା, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି ବି.ଟେକ୍/ବି.ଫାର୍ମାରେ ନାମ ଲେଖାଇବା ଲାଗି ଓଜେଇଇ ହେବ। ଏହି ପରୀକ୍ଷାକୁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ(ସିବିଟି) ଫର୍ମାଟରେ କରାଯିବ। ଅଧିକ ବିବରଣୀ ପାଇଁ ଛାତ୍ରୀଛାତ୍ରମାନେ www.ojee.nic.in/www.odishajee.com ୱେବ୍‌ସାଇଟ୍ ଦେଖିବାକୁ ଗୁରୁବାର ଓଜେଇଇ ଅଧକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି।

### ୨୦ କୁଇଣ୍ଟାଲ ପଲିଥିନ ଜବତ

#### ୭୦ ହଜାର ଜରିମାନା ଆଦାୟ



**କଟକ ଅଫିସ,୧୯।୩:** ମାଲଗୋଦାମ ଥାନା ଅଞ୍ଚଳର ଦୁଇଟି ପଲିଥିନ ଗୋଦାମ ଉପରେ ସ୍ଥାନୀୟ ପୋଲିସ ଓ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସେଠାରେ ଗଚ୍ଛିତ ଥିବା ୨୦ କୁଇଣ୍ଟାଲ ପଲିଥିନ ଜବତ କରାଯିବା ସହ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରଭାକର ସାହୁ କହିଛନ୍ତି। ଏହି ଚଢାଉ କାର୍ଯ୍ୟକ୍ରମରେ ଡେପୁଟି କମିଶନର ଅବିନାଶ ରାଉତ, ପ୍ରଦୀପ କୁମାର ସାହା, ପ୍ରଭାକର ସାହୁ, ରଞ୍ଜିତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।




# ଯୁକ୍ତ ୨ ପରୀକ୍ଷା ବାତିଲ

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

- କରୋନା ଲାଗି ବନ୍ଦ ନିଷ୍ପତ୍ତି
- ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା
- ଅଟକିଲା ମାଟ୍ରିକ ଖାତା ମୂଲ୍ୟାୟନ
- ଏସ୍‌ଏସ୍‌ସି, ବିପିଯୁଟି, ଭିସୁଟ୍ ପରୀକ୍ଷା ସ୍ଥଗିତ
- ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ଆସନ୍ତା ୨୩ ତାରିଖରୁ ଯୁକ୍ତ ୨ ପରୀକ୍ଷାକୁ ବାତିଲ କରାଯାଇଥିବା ବେଳେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନକୁ ମଧ୍ୟ ବନ୍ଦ ରଖାଯାଇଛି। କରୋନା ସଂକ୍ରମଣ ବଢ଼ିବା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଛନ୍ତି। କେବେଠାରୁ ଖାତା ମୂଲ୍ୟାୟନ ହେବ ସେନେଇ ସରକାର ପରବର୍ତ୍ତୀ ସମୟରେ ଜଣାଇବେ ବୋଲି କହିଛନ୍ତି। ରାଜ୍ୟର ୬୧ କେନ୍ଦ୍ରରେ ପ୍ରାୟ ୧୬ହଜାର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ମାଟ୍ରିକ୍ ପରୀକ୍ଷା ଖାତାଦେଖା ଆରମ୍ଭ ହୋଇଥିଲା। ସକାଳ ସାଢ଼େ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୩ ପର୍ଯ୍ୟାୟରେ ମୂଲ୍ୟାୟନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ସେହିପରି ଯୁକ୍ତ ୨ ପରୀକ୍ଷାକୁ ମଧ୍ୟ ସରକାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ପ୍ରାୟ ସାଢେ ୩ଲକ୍ଷ ଛାତ୍ରୀଛାତ୍ର ଏବେ ଯୁକ୍ତ ୨ ପରୀକ୍ଷା ଦେଉଛନ୍ତି। ଏହା ଗତ ୩ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲିଥାନ୍ତା। ହେଲେ ଏହାକୁ ମଧ୍ୟ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସରକାର ସ୍ଥଗିତ ରଖିବା ସହିତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବିପିୟୁଟି ଓ ଭିସୁଟ୍ ଦ୍ୱାରା ପରିଚାଳିତ ସମସ୍ତ ସେମିଷ୍ଟର ଏବଂ ଫାଇନାଲ ପରୀକ୍ଷା ଆସନ୍ତା ସୋମବାରଠାରୁ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ଏସବୁ ପରୀକ୍ଷା ଲାଗି ପରବର୍ତ୍ତୀ ସମୟରେ ତାରିଖ ଘୋଷଣା ହେବ। ସେହିପରି ଷ୍ଟାଫ ସିଲେକ୍ସନ କମିଶନ(ଏସ୍‌ଏସ୍‌ସି)ର ସମସ୍ତ ପ୍ରକାର ନିଯୁକ୍ତିଭିତ୍ତିକ ପରୀକ୍ଷାକୁ ଶୁକ୍ରବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ବାତିଲ କରି ଦିଆଯାଇଛି। ସେହି କ୍ରମରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ହେବାକୁଥିବା କୌଣସି ପରୀକ୍ଷା ଆସନ୍ତା ୩୧ ତାରିଖ ମଧ୍ୟରେ ହେବନାହିଁ। ଏହା ସହ ପିଲାମାନଙ୍କୁ ପରବର୍ତ୍ତୀ ପଦକ୍ଷେପ ନେଇ ନିୟମିତ ସୂଚନା ଦେବାକୁ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପଟେ ସରକାର ରାଜ୍ୟର ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଖୋଲିବା ଉପରେ କଟକଣା ଜାରି କରିଛନ୍ତି। ଶୁକ୍ରବାରଠାରୁ ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସରକାରୀ, ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ ଦେବା ସତ୍ତ୍ୱେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ଏହାକୁ ବେଖାତିର କରୁଥିବା ଦୃଷ୍ଟିକୁ ଆସିବା ପରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏସବୁ ବନ୍ଦ ରଖିବାକୁ ସରକାର କହିଛନ୍ତି। ଏହାସହ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସ୍କୁଲ ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଆବଶ୍ୟକ ଅନୁଯାୟୀ ଯେଉଁ ସ୍କୁଲ କର୍ମଚାରୀ ଏବଂ ଶିକ୍ଷକଙ୍କୁ ଅନୁଷ୍ଠାନର ପ୍ରଧାନଶିକ୍ଷକ ଡାକିବେ, କେବଳ ସେମାନେ ହିଁ ଯିବେ ବୋଲି କୁହାଯାଇଛି। ଏଥିଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ୩ କରୋନା ସନ୍ଦିଗ୍ଧ ଏମ୍‌କେସିଜିରେ ଭର୍ତ୍ତି

**ବ୍ରହ୍ମପୁର ଅଫିସ,୧୯।୩**

କରୋନା ଆତଙ୍କ ଏବେ ବିଶ୍ୱକୁ ଦୋହଲାଇ ଦେଇଛି। ସଚେତନତା ହିଁ ଏହାର ପ୍ରତିକାର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏ ନେଇ ଜିଲାସ୍ତରରେ ମଧ୍ୟ ସତର୍କତା ଆରମ୍ଭ ହୋଇଛି। ବ୍ରହ୍ମପୁର ବଡ ମେଡିକାଲରେ ଗତ ୫ ଦିନ ଭିତରେ ବିଭିନ୍ନ ସ୍ଥାନରୁ ୮ ଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ସେହିପରି ଗୁରୁବାର ହିଞ୍ଜିଳିକାଟୁ ଅଞ୍ଚଳର ଗୋଟିଏ ପରିବାରର ୩ କରୋନା ସନ୍ଦିଗ୍ଧ ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି ବୋଲି ଅଧୀକ୍ଷକ ପ୍ରଫେସର ଡ଼.ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ପୁଅ ଭର୍ତ୍ତି ହୋଇଥିବା ଜଣାପଡିଛି। ଗତ କିଛିଦିନ ତଳେ ସେମାନେ କୌଣସି କାମରେ ମୁମ୍ବାଇ ଯାଇଥିଲେ। ନିକଟରେ ସେମାନେ ଘରକୁ ଫେରି କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନେ ସମସ୍ତେ ଏବେ ସ୍ୱତନ୍ତ୍ର କରୋନା କକ୍ଷରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯିବ ବୋଲି ଅଧୀକ୍ଷକ କହିଛନ୍ତି।

୨ଟି ପର୍ଯ୍ୟାୟରେ ପୂର୍ବରୁ ଭର୍ତ୍ତି ହୋଇଥିବା ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ୟପଟେ ବୁଧବାର ଏମ୍‌କେସିଜିରେ ସ୍ୱତନ୍ତ୍ର କରୋନା ଆଉଟଡୋର ଖୋଲିବା ପରେ ୨ ଦିନ ଭିତରେ ୫୦ ରୁ ଊର୍ଦ୍ଧ୍ୱ ରୋଗୀଙ୍କ କରୋନା ଭାଇରସ୍‌ର ଲକ୍ଷଣ ଅଛି କି ନାହିଁ ତାର ପରୀକ୍ଷା କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଚିକିଟି ଓ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ୨ ଜଣ ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ଇଞ୍ଜିନିୟରିଂ ଛାତ୍ର ଓ ଦିଗପହଣ୍ଡି ଅଞ୍ଚଳର ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ମଧ୍ୟ ଛାଡି ଦିଆଯାଇଥିବା ସେ କହିଛନ୍ତି।




## ଜିଲା ଚିଠି



### ଦେବଗଡ଼

### ବାଇପାସ୍ ଚିନ୍ତା

ଦେବଗଡ଼ ଜିଲା ସଦର ମହକୁମା ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହାର ପ୍ରଶସ୍ତୀକରଣ ବିଳମ୍ବିତ ହେବାରେ ଲାଗିଛି। ରାଜପଥରେ ଯାନବାହନ ବୃଦ୍ଧି ସହିତ ସହରର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଦୁର୍ଘଟଣା ମଧ୍ୟ ବଢୁଛି। ଫଳରେ ରାଜପଥ ପ୍ରଶସ୍ତୀକରଣ ବେଳେ ରାଜପଥକୁ ସହର ବାହାର ଦେଇ ଅର୍ଥାତ୍ ବାଇପାସ୍ ରାଜପଥ ନିର୍ମାଣ ପାଇଁ ଦାବି ହୋଇଥିଲା। ଦେବଗଡ଼ବାସୀ ଏନେଇ ବହୁବାର ଆନ୍ଦୋଳନ, ରାସ୍ତାରୋକୋ କରିଥିଲେ। ଲୋକଙ୍କ ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜପଥ କର୍ତ୍ତୃପକ୍ଷ ସହର ବାହାର ଦେଇ ବାଇପାସ ରାଜପଥ ନିର୍ମାଣ କରୁଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବାରୁ ସହରବାସୀଙ୍କ ସମସ୍ୟା ବଢିଚାଲିଛି। ବର୍ତ୍ତମାନ ସହର ଭିତରେ ଯାଇଥିବା ରାଜପଥ ବି ମରାମତି କରାଯାଉନି। ଯାହା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ରାଜପଥ ମରାମତି ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଥିଲେ ମଧ୍ୟ ରାସ୍ତା ନିର୍ମାଣକାରୀ ସଂସ୍ଥା ଶୁଣୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଏପରି କି ଉକ୍ତ ସମସ୍ୟା ଦୂର ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରୁ ନାହିଁ। କେନ୍ଦୁଝରସ୍ଥିତ ଭାରତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ଅଧିକାରୀ ଓ ଦେବଗଡ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ସହ ସମ୍ପୃକ୍ତ ଠିକାସଂସ୍ଥା କର୍ମକର୍ତ୍ତାଙ୍କୁ ସହର ଭିତର ଦେଇ ଯାଇଥିବା ରାଜପଥର ତୁରନ୍ତ ମରାମତି ଏବଂ ରାଜପଥ ଉପରେ ପ୍ରତିଦିନ ପାଣି ଛିଞ୍ଚନ ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ ମଧ ନିର୍ମାଣକାରୀ ସଂସ୍ଥା ସମ୍ପୂର୍ଣ୍ଣ ଅଣଦେଖା କରୁଛି। ରାସ୍ତାରେ ପାଣି ନ ଦେଇ ନିଜର ମନଇଚ୍ଛା ଉକ୍ତ ରାସ୍ତାର ଖାଲଗୁଡ଼ିକରେ କ୍ରଶର୍ ଡଷ୍ଟ ପକାଇ ଦେଉଛି। ଫଳରେ ରାସ୍ତାରେ ଧୂଳି ଉଡୁଛି। କିଛି ଦିନ ପରେ ପୁଣି ଖାଲ ହୋଇଯାଉଛି। ଜାତୀୟ ରାଜପଥର ପୁରୁଣାଗଡ଼ ଛକରୁ ସିମିଳିଆବାହାଳ ସର୍କିଟ ହାଉସ ପର୍ଯ୍ୟନ୍ତ ଦୀର୍ଘଦିନ ହେଲା ଖାଲଖମା ସହ ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି। ବିଭାଗ ତରଫରୁ ଏହାକୁ ସଜଡା ଯାଉନାହିଁ। ବିଭିନ୍ନ ଖାଲରେ ପକାଇଥିବା କ୍ରଶର୍ ଡଷ୍ଟ ଯୋଗୁ ଲୋକେ ଧୂଳିଧୂସର ଖାଇ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ୪୯ନଂ. ଜାତୀୟ ରାଜପଥର ବାଇପାସ କାମ ସରିଗଲେ ସହର ଭିତରେ ଗାଡ଼ିମୋଟର ଯିବାଆସିବା କମିଯିବ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। କିନ୍ତୁ ବାଇପାସ କାମ ଚାଲିଥିବା ବେଳେ କାମ ଶେଷ ହେବାର ନାଁ ଧରୁନି। ସହରବାସୀଙ୍କ ଲାଗି ବାଇପାସ ରାଜପଥ ଚିନ୍ତା ପାଲଟିଛି। ଫଳରେ ସହର ଭିତରେ ଗାଡ଼ିମୋଟର ଯାଉଥିବାରୁ ଅଧିକାଂଶ ଦିନ ଦୁର୍ଘଟଣା ଘଟୁଛି। ନିକଟରେ ଦୁର୍ଘଟଣାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ଯଦି ବାଇପାସ ବିଳମ୍ବ ହେଉଛି, ତେବେ ସହର ଭିତରେ ଯାଇଥିବା ରାଜପଥ ମରାମତି କରିବା କଥା। କିନ୍ତୁ ରାଜପଥ କର୍ତ୍ତୃପକ୍ଷ କେଉଁଟା ବି କରୁନାହିଁ। ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

– ଶଶାଙ୍କ ଶେଖର ଝାଙ୍କର

### ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ମାର୍ଚ୍ଚ ୩୧ ଯାଏ ବନ୍ଦ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ):** ମାରାତ୍ମକ କରୋନା(କୋଭିଡ-୧୯)କୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଭିତରକନିକା ଅଭୟାରଣ୍ୟ ସମେତ ରାଜ୍ୟର ସମସ୍ତ ପରିବେଶ ପର୍ଯ୍ୟଟନସ୍ଥଳୀର ରାତ୍ର ରହଣି ବ୍ୟବସ୍ଥାର ବୁକିଂ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ପରିବେଶ ପର୍ଯ୍ୟଟନସ୍ଥଳୀଗୁଡିକର ଦିନ ଭ୍ରମଣ ବ୍ୟବସ୍ଥାକୁ ମଧ ସାମୟିକ ଭାବେ ସ୍ଥଗିତ କରାଯାଇଛି। ଏହି ସମୟ ମଧରେ ବୁକିଂ କରିଥିବା ସମସ୍ତ ପର୍ଯ୍ୟଟକଙ୍କୁ ସେମାନଙ୍କ ଅଗ୍ରିମ ଶତପ୍ରତିଶତ ଅର୍ଥ ଫେରସ୍ତ ଦିଆଯିବ। ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ବର୍ତ୍ତମାନ ପାଇଁ ବନ୍ଦ ରହିବ। ସେହିଭଳି ଭୁବନେଶ୍ୱର ସ୍ଥିତ ଜୟଦେବ ବାଟିକାକୁ ମଧ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ କରିବାକୁ ଘୋଷଣା କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ସ୍ଥିତ ବଟାନିକାଲ ଗାର୍ଡେନ ସର୍ବସାଧାରଣଙ୍କ ପାଇଁ ବର୍ତ୍ତମାନ ପ୍ରତ୍ୟହ ଦିନ ୨ଟା ପରେ ବନ୍ଦ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁସବୁ ସ୍ୱର୍ଗ ରହିଛି- ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ।

-ଶ୍ରୀଅରବିନ୍ଦ

# ଆତ୍ମଘାତୀ ନୀତି

ଟେଲିକମ୍ କମ୍ପାନୀଗୁଡିକ ଉପରେ ବାକି ଥିବା ଆଡ୍‌ଜଷ୍ଟେଡ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ଦେୟର ପୁନର୍ଗଣନା ଲାଗି ଚେଷ୍ଟା କରିବା ଯୋଗୁ ସୁପ୍ରିମ୍‌କୋର୍ଟ ବୁଧବାର ଦୂରସଞ୍ଚାର ବିଭାଗ (ଡିଓଟି) ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ସରକାର ଟେଲିକମ୍ ସଂସ୍ଥାଗୁଡ଼ିକ ସହିତ ଦ୍ୱିପାକ୍ଷିକ ଭାବରେ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇ ୨୦ ବର୍ଷ ମଧ୍ୟରେ କିସ୍ତି କିସ୍ତି କରି ସେମାନଙ୍କ ଦେୟ ପରିଶୋଧ କରିବାକୁ ଅନୁମତି ଦେବା ହେଉଛି ଅଦାଲତଙ୍କ ଅସନ୍ତୋଷର କାରଣ। କୋର୍ଟଙ୍କ ମତରେ ମାମଲା ବିଚାରାଧୀନ ଥିବାରୁ ସରକାର ଏପରି କରିବା ଉଚିତ ନ ଥିଲା। ଦିଆଯାଇଥିବା ସମୟସୀମା ମଧ୍ୟରେ ଏଜିଆର୍ ଦେୟ ପଇଠ କରିବାକୁ ଟେଲିକମ୍ ସଂସ୍ଥାଗୁଡ଼ିକୁ ଶୀର୍ଷ କୋର୍ଟ କହିଥିଲେ। ସରକାରଙ୍କ ଦ୍ୱାରା ଏହି ବିଷୟର କୁପରିଚାଳନା ଯୋଗୁ ଟେଲିକମ୍ ପ୍ରସଙ୍ଗ ଦିନକୁ ଦିନ ଅଧିକ ଗୋଳମାଳିଆ ହେବାରେ ଲାଗିଛି। ୧୯୯୯ ମସିହାରେ ଟେଲିକମ୍ ସଂସ୍ଥାଗୁଡ଼ିକୁ ସ୍ଥାୟୀ ଲାଇସେନ୍ସ ବ୍ୟବସ୍ଥାରୁ ରାଜସ୍ୱ ଶେୟାରିଂ ମଡେଲକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେବା ପରଠାରୁ ଏହା ଉପରେ ସରକାରଙ୍କ ଆଗ୍ରହ ବୃଦ୍ଧି ପାଇଛି। ବିଭିନ୍ନ କେନ୍ଦ୍ର ସରକାର ଏହି ସମସ୍ୟାର ଯେପରି ପରିଚାଳନା କରୁଥିଲେ ସେଥିରେ ଟେଲିକମ୍ କମ୍ପାନୀଗୁଡ଼ିକ ଖୁସି ନ ଥିଲେ। ୨୦୦୩ ପରଠାରୁ ଏଜିଆର୍ ପ୍ରସଙ୍ଗ ବିଭିନ୍ନ କୋର୍ଟ ଓ ଟ୍ରିବ୍ୟୁନାଲରେ ରହିଆସିଛି ଏବଂ ଟେଲିକମ୍ କମ୍ପାନୀଗୁଡିକ ସବୁବେଳେ ଅଦାଲତରୁ ନିଜ ସପକ୍ଷରେ ଅନୁକୂଳ ରାୟ ପାଇ ଆସୁଥିଲେ। ତେବେ ଟେଲିକମ୍ କମ୍ପାନୀଗୁଡ଼ିକର ଏଜିଆର ବକେୟାର ସଂଜ୍ଞା ସମ୍ପର୍କରେ ସରକାର ସ୍ଥିର ରହିଆସିଛନ୍ତି ଏବଂ ସୁପ୍ରିମ୍‌କୋର୍ଟ ମଧ୍ୟ ତାକୁ କାଏମ୍ ରଖିଛନ୍ତି। ଅର୍ଥାତ୍ ଟେଲିକମ୍ ଅପରେଟରମାନେ ସରକାରଙ୍କ ରାଜକୋଷକୁ ପ୍ରାୟ ୧.୪୭ ଲକ୍ଷ କୋଟି ବକେୟା ଟଙ୍କା ଦେବାକୁ ବାଧ୍ୟ। ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ରାୟ ଯୋଗୁ କେତେକ କମ୍ପାନୀର ମେରୁଦଣ୍ଡ ଭାଙ୍ଗିବାକୁ ବସିଛି। ସରକାର ୨୦ ବର୍ଷର ଲମ୍ବା ଅବଧି ମଧ୍ୟରେ କମ୍ପାନୀଗୁଡ଼ିକୁ ଦେୟ କ୍ଲିୟର କରିବାକୁ ଅନୁମତି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ନିବେଦନ କରି ଏହି ଧକ୍କାକୁ ପ୍ରଶମନ କରିବାକୁ ଚେଷ୍ଟା କରିଛନ୍ତି। ତେବେ ସରକାର ଏହି କଥା ବହୁ ଡେରିରେ ହୃଦୟଙ୍ଗମ କରିଛନ୍ତି।

ନ୍ୟାୟିକ ପ୍ରକ୍ରିୟା ଚାଲିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ଉପରେ ଦୋଷ ଦେବା ଅର୍ଥ ପରିସ୍ଥିତିକୁ ଠିକ୍‌ଭାବେ ବୁଝି ନ ପାରିବା। ଟେଲିକମ୍ ସଂସ୍ଥାଗୁଡ଼ିକ ସମସ୍ତ ଏଜିଆର୍ ଦେୟ ପଇଠ କରିବାକୁ କୋର୍ଟ ଜିଦ ଧରିବା ଠିକ୍ କି ନୁହେଁ ତାହା ଏବେ ଦେଖିବା ଦରକାର ନାହିଁ। ପ୍ରଥମ କଥା ହେଲା କୋର୍ଟ ପରେ କୋର୍ଟଙ୍କ ପ୍ରତିକୂଳ ନିଷ୍ପତ୍ତି ସତ୍ତ୍ୱେ ଟେଲିକମ୍ ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ଦେୟ ପଇଠ କରିବା ଲାଗି ସରକାର କାହିଁକି ଜିଦ୍ ଧରିଥିଲେ? ଅପରେଟରମାନଙ୍କଠାରୁ ଯେଉଁ ବିପୁଳ ପରିମାଣର ଅର୍ଥ ଦାବି କରାଯାଇଥିଲା ତାହା ଯଦି ସେମାନେ ଦେଇଥାନ୍ତେ ତେବେ ଏହା ସେମାନଙ୍କ ସ୍ୱାସ୍ଥ୍ୟକୁ ଦୁର୍ବଳ କରିଦେଇଥାନ୍ତା ଏବଂ ଏହି କ୍ଷେତ୍ର ପାଇଁ ଅନ୍ଧକାର ରାତ୍ରି ଆସିଯାଇଥାନ୍ତା। ଭୋଡାଫୋନ ଆଇଡିଆ କହିଛି ଯେ, ଏହା ତା'ର ଦୋକାନ ବନ୍ଦ କରିପାରେ କାରଣ ଏହାର ଭାରତ ଅପରେଶନ ଆଉ ଚଳାଇବା ସମ୍ଭବ ହେବ ନାହିଁ।

## ଆଜିର ଅର୍ଥନୀତି

ଯଦି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୁଏ, ତେବେ ଟେଲିକମ୍ କ୍ଷେତ୍ରଟି ବହୁ ଚାପରେ ରହିବ। ବ୍ୟାଙ୍କରୁ ବିପୁଳ ଋଣ ନେଇଥିବା ଟେଲିକମ୍ କମ୍ପାନୀମାନେ ସେମାନଙ୍କର ଋଣ ପଇଠ କରିବାରେ ବିଫଳ ହେବେ। ଏହା ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌ର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ, ଯାହା ପୂର୍ବରୁ ବହୁତ ଚାପରେ ଅଛି। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଶକ୍ତି ହ୍ରାସ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଏହାର ଅଭିବୃଦ୍ଧିରେ ପ୍ରତିକୂଳ ପ୍ରଭାବ ପକାଇବ। ସରକାର ଏହି ଟଙ୍କାକୁ ଉଚିତ ବ୍ୟବହାର କରିବା ପରିବର୍ତ୍ତେ ବ୍ୟାଙ୍କଗୁଡିକର ପୁନଃପୁଞ୍ଜୀକରଣ କରିବାକୁ ଚେଷ୍ଟା କରିପାରନ୍ତି। ଏକ ଅସୁସ୍ଥ ଟେଲିକମ୍ କ୍ଷେତ୍ର ଗ୍ରାହକ ସେବା ଓ ଅନୁଭବ ଉପରେ ମଧ୍ୟ କୁପ୍ରଭାବ ପକାଇବ। ଦୁଇ ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଘରୋଇ କମ୍ପାନୀ ସହ ପ୍ରତିଯୋଗିତା କରିବାକୁ ଅକ୍ଷମ। ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକ ବୈଷୟିକ ଜ୍ଞାନକୌଶଳର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାବେଳେ ଭାରତ ପଛରେ ରହିବ। ଏହା ସିଧାସଳଖ ସରକାରଙ୍କ ନିଜସ୍ୱ ଡିଜିଟାଲ ଉଦ୍ୟମକୁ ପ୍ରଭାବିତ କରିବ। ନିବେଶର ଲକ୍ଷ୍ୟସ୍ଥଳ ଭାବରେ ଭାରତ ନିଜର ସ୍ଥିତି ହରାଇବ। ବର୍ତ୍ତମାନ ପରିସ୍ଥିତିରେ ସରକାର ସବୁଠୁ ବଡ଼ କ୍ଷତି ସହିବେ। ସରକାର ନିଜ ଗୋଡ଼କୁ ନିଜେ କୁରାଢ଼ୀ ମାରିଛନ୍ତି। ଏଣୁ ଟେଲିକମ୍ କ୍ଷେତ୍ରକୁ ବଞ୍ଚାଇବା ପାଇଁ ଉପାୟ ଏବଂ ମାଧ୍ୟମ ଖୋଜିବା ବର୍ତ୍ତମାନ ସରକାରଙ୍କ ପ୍ରମୁଖ ଦାୟିତ୍ୱ। ସୁପ୍ରିମ୍‌କୋର୍ଟରେ ଏଜିଆର୍ ଦେୟ ଆଦାୟ ଉପରେ ଚାପ ପକାଇ ସରକାର ଏହି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ତେଣୁ ସରକାର ହିଁ ଏହାର ସମାଧାନ ବାହାର କରିବା ଦରକାର। ଜନସାଧାରଣ ଆଶା କରୁଛନ୍ତି, ସରକାର ଫ୍ରାଙ୍କେନ୍‌ଷ୍ଟାଇନ ରାକ୍ଷସ ରୂପେ ପରିଣତ ହେବାରୁ ନିଜକୁ ରକ୍ଷା କରିବେ।

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ।

(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | B | | | | 8 | | | | | | | 4 |
| 3 | | 9 | 1 | D | 2 | 6 | | | A | 4 | | | | |
| | | | 8 | | | B | | | 2 | | C | | A | D |
| 4 | 2 | | | | 5 | | 3 | D | B | | | 7 | C | |
| 5 | | | | | 3 | | | | 8 | E | | | | |
| | A | | E | | | | | 9 | | 6 | | 1 | | |
| | C | | 4 | | | | B | | | | | | | 8 |
| 0 | | E | | C | | | | | 5 | | | 4 | | B |
| B | 5 | D | | | | 0 | 7 | | | | | | | 9 |
| | | 6 | | | 8 | | | E | | | | 3 | | |
| C | | | | | 6 | 5 | | | | | | | | |
| 2 | 0 | | | | 4 | | | | E | | 5 | 6 | | A |
| | | 5 | | | | 7 | | | | | 6 | E | 2 | |
| 8 | | | 0 | | 9 | 2 | | | | A | | | D | |
| 6 | E | | 2 | 8 | D | | | | 9 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 7 | 0 | E | 4 | 6 | D | A | C | 8 | B | 5 | 1 | 9 |
| B | 4 | 0 | 5 | 1 | 2 | 7 | C | E | 6 | D | 9 | A | 8 | 3 |
| A | 5 | 6 | 3 | 7 | C | 4 | 9 | 8 | 2 | 1 | 0 | D | B | E |
| E | C | D | 8 | B | 9 | 1 | 0 | 3 | 5 | 7 | A | 4 | 6 | 2 |
| 8 | 1 | 9 | A | 6 | D | 5 | 2 | B | E | 3 | 4 | 0 | C | 7 |
| 9 | 3 | 2 | B | C | E | 8 | 6 | 0 | 4 | A | 5 | 7 | D | 1 |
| 6 | A | E | D | 9 | 8 | C | 4 | 2 | 1 | B | 7 | 3 | 5 | 0 |
| 5 | 8 | 1 | 7 | 2 | A | 3 | B | 9 | D | 0 | E | C | 4 | 6 |
| C | 7 | 4 | 6 | 0 | 1 | A | 5 | D | 8 | 2 | 3 | 9 | E | B |
| 0 | D | B | 4 | 3 | 5 | E | 1 | 7 | 9 | C | 6 | 2 | A | 8 |
| 4 | 0 | 3 | 9 | 5 | 6 | D | 8 | 1 | 7 | E | C | B | 2 | A |
| 1 | 9 | 5 | C | 8 | B | 0 | 7 | 4 | A | 6 | 2 | E | 3 | D |
| D | 6 | A | 2 | 4 | 7 | B | E | 5 | 3 | 9 | 1 | 8 | 0 | C |
| 7 | B | C | E | D | 3 | 2 | A | 6 | 0 | 4 | 8 | 1 | 9 | 5 |
| 2 | E | 8 | 1 | A | 0 | 9 | 3 | C | B | 5 | D | 6 | 7 | 4 |

ଗତକାଲିର ଉତ୍ତର

# ଆତଙ୍କବାଦ ବିରୋଧରେ ଟ୍ରମ୍ପ କାର୍ଡ



ଅରୁଣ କୁମାର ପଣ୍ଡା

ପ୍ରତିରକ୍ଷା, ଶକ୍ତି, ବୈଷୟିକ ଜ୍ଞାନକୌଶଳ ଏବଂ ସଞ୍ଚାର କ୍ଷେତ୍ରରେ ପରସ୍ପର ବୁଝାମଣା ସହିତ ଉଭୟ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇଁ ଦୃଢ ପଦକ୍ଷେପ ନେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତି ଭାରତ-ଆମେରିକା ସମ୍ପର୍କ କ୍ଷେତ୍ରରେ ଏକ ମାଇଲଖୁଣ୍ଟ କୁହାଯାଇପାରେ। ଇସ୍‌ଲାମିକ ଆତଙ୍କବାଦ ବିରୋଧରେ ଆମେରିକା ଭାରତ ସହ ନିର୍ଣ୍ଣାୟକ ଲଢେଇ କରିବ ବୋଲି ଘୋଷଣା କରି ଉଭୟ ଦେଶ ମଧ୍ୟରେ ଗଭୀର ବନ୍ଧୁତାର ମହତ୍ତ୍ୱପୂର୍ଣ୍ଣ ସଙ୍କେତ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଅବଶ୍ୟ ଟ୍ରମ୍ପ ଆମେରିକାବାସୀଙ୍କ ଭିତରେ ତାଙ୍କର ଭାରତ ଗସ୍ତକୁ ନେଇ ଏକ ଭାବାବେଶ ସୃଷ୍ଟି କରିବାକୁ ଚାହୁଁଥିଲେ। ଆମେରିକା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆମେରିକାରେ ଥିବା ପ୍ରବାସୀ ଭାରତୀୟଙ୍କ ମନରେ ତାଙ୍କ ପ୍ରତି ବିଶ୍ୱାସ ସୃଷ୍ଟି କରିବା ଏହି ଗସ୍ତର ଭିତିରି ଉଦ୍ଦେଶ୍ୟ ଥିଲେ ମଧ୍ୟ ଗତ ଆମେରିକା ରାଷ୍ଟ୍ରପତିମାନଙ୍କ ଭାରତ ଗସ୍ତଠାରୁ ଟ୍ରମ୍ପଙ୍କ ଯାତ୍ରା ଅଧିକ ଫଳପ୍ରଦ ପ୍ରମାଣିତ ହୋଇଛି।

ଟ୍ରମ୍ପଙ୍କ ଭାରତ ଗସ୍ତ ବେଳେ ବହୁ ପ୍ରତୀକ୍ଷିତ ବାଣିଜ୍ୟିକ ବୁଝାମଣା ହେଲା ନାହିଁ କିମ୍ବା ସେଭଳି କୌଣସି ନାଟକୀୟ ଘୋଷଣା କରାଗଲା ନାହିଁ। ପରନ୍ତୁ ଯାହା ହେଲା ତାହା କିଛି କମ୍ ନୁହେଁ। ଅତିକମ୍‌ରେ ଚାରୋଟି କ୍ଷେତ୍ରରେ ଟ୍ରମ୍ପଙ୍କ ଭାରତ ଯାତ୍ରା ବେଶ୍ କିଛି ଉଲ୍ଲେଖନୀୟ ଫଳଶ୍ରୁତି ଦେଇଛି। ସେଗୁଡ଼ିକ ହେଲା- ସାଂସ୍କୃତିକ, ରାଜନୈତିକ, ସାମରିକ ଓ ଆର୍ଥିକ, ଯାହାର ଦୂରଗାମୀ ପ୍ରଭାବ ଭବିଷ୍ୟତରେ ଦେଖିବାକୁ ମିଳିବ। ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ରାଜନୀତି କ୍ଷେତ୍ରରେ ଦୁଇ ଜଣ ମଜଭୁତ ରାଜନେତା ଭାବରେ ଉଭା ହୋଇଛନ୍ତି ଏବଂ ଏହି ଦୁଇଦେଶ ମଧ୍ୟରେ ଭାଗୀଦାରି ଶକ୍ତିଶାଳୀ ହୋଇଛି। ଏ ପର୍ଯ୍ୟନ୍ତ ଆମେ ଛୋଟମୋଟ ଦେଣନେଣ ବା କାରବାର କରୁଥିଲୁ। ଆମେରିକା ସହିତ ଯାହାକୁ ଜେନେରାଲାଇଜ୍‌ଡ ସିଷ୍ଟମ୍ ପ୍ରିଫରେନ୍ସ (ଜିଏସ୍‌ପି) କୁହାଯାଏ। ଏହା ଅନୁସାରେ ଭାରତକୁ ପୂର୍ବରୁ ମିଳୁଥିବା ସୁବିଧା ଆଦି ପୁଣି ପ୍ରଦାନ କରିବା, କୃଷି ଏବଂ ଦୁଗ୍ଧ ଉତ୍ପାଦ ପାଇଁ ଭାରତୀୟ ବଜାର ଖୋଲିବା ଲାଗି ପ୍ରୟାସ ଆଦି ଅନ୍ତର୍ଭୁକ୍ତ ରହିବ। ରାଷ୍ଟ୍ରପତିଙ୍କ ଗସ୍ତ ପରେ ଏ କ୍ଷେତ୍ର ଆହୁରି ବ୍ୟାପକ ହେବ ବୋଲି ଆଶା କରାଯାଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରୁ ସର୍ବାଧିକ ରପ୍ତାନି ଆମେରିକାକୁ ହିଁ ହୋଇଥାଏ। ସେହି ଅନୁସାରେ ଆମେରିକୀୟ ସାମଗ୍ରୀ ଭାରତକୁ ଆସୁନାହିଁ। ରାଷ୍ଟ୍ରପତି ଟ୍ରମ୍ପ ଏହି ଅସନ୍ତୁଳନକୁ ଦୂର କରିବା ପାଇଁ ଭାରତର ତୈଳ ସମସ୍ୟାର ସମାଧାନ ଦୃଷ୍ଟିରୁ ପେଟ୍ରୋଲିୟମ୍ ଉତ୍ପାଦ ଭାରତକୁ ରପ୍ତାନି କରିବା ସମ୍ପର୍କରେ ବିଚାର କରୁଛନ୍ତି। ଏବେ ଆମେରିକା ଶିଳାତୈଳ (ସେଲ୍ ଅଏଲ)ର ଟେକ୍‌ନିକ୍ ହାସଲ କରି ଏହାର ପ୍ରଚୁର ଉତ୍ପାଦନ କରୁଛି। ଏହା ପରମ୍ପରାଗତ ଅଶୋଧିତ ପେଟ୍ରୋଲ ବା ଖଣିଜତୈଳର ବିକଳ୍ପ ଭାବେ ଉଭା ହୋଇଛି। ଏହି ଶିଳାତେଲ ବିଶେଷ ପ୍ରକାରର ଚଟାଣରୁ ଉତ୍ପାଦିତ ହୋଇଥାଏ। ଆଗରୁ ଆମେରିକା ଅନ୍ୟ ଦେଶରୁ ତୈଳ ଆମଦାନି କରୁଥିଲା। ଏବେ ରପ୍ତାନି କରୁଛି। ଏହି ନୂତନ ତେଲର ବହୁ ବଡ ବଡ ଭଣ୍ଡାର ଆମେରିକାରେ ରହିଛି। ଟେକ୍‌ସାସ ନିକଟବର୍ତ୍ତୀ ବାମିୟନ ବେସିନ ଅଞ୍ଚଳରେ ଆଜିକାଲି ପ୍ରଚୁର ପରିମାଣରେ ଏହି ତୈଳ ଉତ୍ପାଦିତ ହେଉଛି। ଏହି ଉଦ୍ୟୋଗ ଯେତେ ଜୋରରେ ବଢି ଚାଲିଛି, ସେହି ଅନୁସାରେ ପାଇପ୍ ଲାଇନର ଅଭାବ ଦେଖାଦେଉଛି। ଏବେ ଆମେରିକା ବିଶ୍ୱର ଏକ ବଡ ଖଣିଜ ତେଲ ଉତ୍ପାଦକ ଦେଶରେ ପରିଣତ ହୋଇଛି। ଏହି ତୈଳ ରପ୍ତାନି ପାଇଁ ଭାରତରେ ବଡବଜାର ସୃଷ୍ଟି କରିବାକୁ ଆମେରିକା ଲକ୍ଷ୍ୟ ରଖିଛି।

ଏବେ ଭାରତର ସବୁଠାରୁ ବଡ ଆବଶ୍ୟକତା ନିଜର ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବା ଏବଂ ବିଶେଷ ନିର୍ମାଣ କ୍ଷେତ୍ରରେ ଆଗକୁ ବଢିବା। ଏହା ସହିତ ଆମକୁ ଶ୍ରେଷ୍ଠତମ ବୈଷୟିକ ଜ୍ଞାନକୌଶଳର ମଧ୍ୟ ଆବଶ୍ୟକତା ରହିଛି। ଆମେରିକା କମ୍ପାନୀଗୁଡିକର ସହଯୋଗରେ ଭାରତର ଔଦ୍ୟୋଗିକ ବିକାଶ ଗତିଶୀଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ଏବେ ଟିକେ ପଛକୁ ଚାହିଁବା, ଯାହାକୁ ସିଂହାବଲୋକନ କୁହାଯାଏ। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ସେପ୍ଟେମ୍ବର ମାସରେ ଆମେରିକା ଯିବା ପୂର୍ବରୁ ନରେନ୍ଦ୍ର ମୋଦି 'ୱାଲ ସ୍ଟ୍ରିଟ୍ ଜର୍ନାଲ' ପତ୍ରିକାରେ ପ୍ରକାଶିତ ଲେଖାରେ ନିଜ ସ୍ୱପ୍ନର ଭାରତ ସମ୍ପର୍କରେ ଉଲ୍ଲେଖ କରି ଲେଖିଥିଲେ ଯେ, ଆମେରିକା ସମେତ ବିଶ୍ୱର ଅନ୍ୟ ବିକଶିତ ରାଷ୍ଟ୍ରମାନଙ୍କୁ ଭାରତରେ ନିବେଶ କରିବା ପାଇଁ ସେ ଆମନ୍ତ୍ରଣ କରୁଛନ୍ତି। ସେ ଲେଖିଥିଲେ- ଠିକ୍ କାମ କରିବା ଯେତିକି ଜରୁରୀ, କାମକୁ ଠିକ୍ କରିବା ମଧ୍ୟ ସେତିକି ଆବଶ୍ୟକ।' ମୋଦିଙ୍କ ଆମେରିକା ଗସ୍ତର ଅବ୍ୟବହିତ ପୂର୍ବରୁ ଦେଶରେ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନର ଠିକ୍ ଗୋଟିଏ ଦିନ ଆଗରୁ ଭାରତର ବୈଜ୍ଞାନିକମାନେ ମଙ୍ଗଳୟାନ ଅଭିଯାନ ସଫଳ ହେବା ଘୋଷଣା କରିଥିଲେ। ଏହି ସମୟ ମୋଦିଙ୍କ 'ଗ୍ଲୋବାଲ-କନେକ୍ଟ' କାର୍ଯ୍ୟକ୍ରମ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଥିଲା। ପ୍ରଥମେ ଜାପାନ, ପୁଣି ଚାଇନା ଏବଂ ଏହା ପରେ ଆମେରିକା ସରକାରଙ୍କ ସହ କଥାବାର୍ତ୍ତା କରି ସେ ବୈଶ୍ୱିକ ମଞ୍ଚରେ 'ନୂଆ ଭାରତ ଆଗମନ'ର ଘୋଷଣା କରିଥିଲେ। ଆମେରିକା ସହିତ ଯେତେବେଳେ ଭାରତର ପରମାଣୁ ସନ୍ଧି ହୋଇଥିଲା, ସେତେବେଳେ ଆମେରିକାରେ କମ୍ପାନୀମାନେ ଆଶା କରିଥିଲେ ଯେ, ଭାରତ ସହିତ ପ୍ରାୟ ୧୪୦ ନିୟୁତ ଡଲାରର ରିଆକ୍ଟର ଏବଂ ଅନ୍ୟ ଉପକରଣର ସଉଦା ହେବ। ପରମାଣୁ ଅପ୍ରସାର ଲବିର କଡା ବିରୋଧ ସତ୍ତ୍ୱେ ଆମେରିକା ଭାରତକୁ ସମର୍ଥନ କଲା; ପରନ୍ତୁ ପ୍ରତିବଦଳରେ କିଛି ହିଁ ମିଳିଲା ନାହିଁ। ଆମେରିକାର ଏହି ଦୁଃଖ ଆଜି ବି ରହିଛି। ଟ୍ରମ୍ପଙ୍କ ଏହି ଭାରତ ଯାତ୍ରା ବେଳେ ରିଆକ୍ଟର କ୍ରୟ ଓ ଅନ୍ତରୀକ୍ଷ ଅନୁସନ୍ଧାନ କ୍ଷେତ୍ରରେ ସହଯୋଗ ପାଇଁ ପୁଣିଥରେ କଥାବାର୍ତ୍ତା ଆରମ୍ଭ ହୋଇଛି। ଦେଶର ଦୂରସଞ୍ଚାର କ୍ରାନ୍ତିରେ ମଧ୍ୟ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଶା କରାଯାଉଛି।

ଯଦି ସ୍ଥିତି ଠିକ୍ ରହିବ ତେବେ ଭାରତରେ ପୁଞ୍ଜି ନିବେଶ ପାଇଁ ଆମେରିକୀୟ କମ୍ପାନୀଗୁଡିକୁ ପ୍ରୋତ୍ସାହିତ କରାଯାଇପାରିବ। ଭାରତକୁ ପୁଞ୍ଜି ସହିତ ଉଚ୍ଚସ୍ତରୀୟ କାରିଗରି ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଏହି ଟେକ୍‌ନୋଲୋଜି ପ୍ରତିରକ୍ଷା ସହିତ ଚିକିତ୍ସା, ବୈଜ୍ଞାନିକ ଅନୁସନ୍ଧାନ ତଥା ଉପଭୋକ୍ତା ସାମଗ୍ରୀ ଆଦି ପାଇଁ ବିନିଯୋଗ ହୋଇପାରିବ। ଭାରତ ନିଜର ଅର୍ଥ ବ୍ୟବସ୍ଥାକୁ ଦୃଢ଼ କରିବାରେ ବିଳମ୍ବ କରିଛି ତଥା ଆଧୁନିକ ବେପାର ପାଇଁ ପର୍ଯ୍ୟାପ୍ତ ଢାଞ୍ଚା ପ୍ରସ୍ତୁତିରେ ମଧ୍ୟ ଅଗ୍ରଗତି କରିନାହିଁ। କେବଳ ଜାତୀୟ ରାଜପଥ, ବନ୍ଦର ଏବଂ ରେଳବାଇ କ୍ଷେତ୍ରରେ ଆମେ କିଛି ଅଗ୍ରଗତି କରିଛୁ।

ଚାଇନାକୁ ଟକ୍କର ଦେବା ପାଇଁ ଆମେରିକା ସାମରିକ କ୍ଷେତ୍ରରେ ଭାରତକୁ ସହଯୋଗ କରିବା ପାଇଁ ଆଗ୍ରହୀ। ଚାଇନା-ପାକିସ୍ତାନ ମଧ୍ୟରେ ଗଠବନ୍ଧନକୁ ଦେଖି ଭାରତକୁ ନିଜର ସେନା କ୍ଷମତା ବୃଦ୍ଧି କରିବାକୁ ପଡୁଛି। ସାମୁଦ୍ରିକ ବେପାର ମାର୍ଗର ମହତ୍ତ୍ୱକୁ ଉପଲବ୍ଧି କରି ଭାରତ ମହାସାଗରଠାରୁ ଆରମ୍ଭ କରି ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଭାରତୀୟ ନୌସେନାର କ୍ଷେତ୍ରୀୟ ସୁରକ୍ଷାକୁ ନେଇ ଭୂମିକା ବଢିଛି। କିଛି ବର୍ଷ ମଧ୍ୟରେ ଭାରତ-ଆମେରିକା ମଧ୍ୟରେ ସାମରିକ ସମ୍ବନ୍ଧ ଅତି ମହତ୍ତ୍ୱପୂର୍ଣ୍ଣ ହୋଇଉଠିଛି। ଟ୍ରମ୍ପଙ୍କ ଭାରତ ଗସ୍ତ ସମୟରେ ତିନି ନିୟୁତ ଡଲାରର ରକ୍ଷା ବୁଝାମଣା ଉପରେ ହସ୍ତାକ୍ଷର ହୋଇଛି। ଏହା ଭିତରେ ନୌସେନା ପାଇଁ ୨୩ ଏମ୍‌ଏଚ୍-୬୦ ରୋମିଓ ହେଲିକପ୍ଟର ଏବଂ ସ୍ଥଳସେନା ପାଇଁ ୬ଏଏଚ୍୬୪-ଇ ଆପାଚି ହେଲିକପ୍ଟର ସାମିଲ ଅଛି। ଦେଶର ଆବଶ୍ୟକତାକୁ ଚାହିଁ ଭବିଷ୍ୟତରେ ଆହୁରି କିଛି ବୁଝାମଣା ହୋଇପାରେ।

ଟ୍ରମ୍ପଙ୍କ ମୁହଁରୁ ଭାରତବାସୀ ଯାହା ଶୁଣିବାକୁ ଚାହୁଁଥିଲେ ତାଙ୍କ ଯାତ୍ରାର ଦ୍ୱିତୀୟ ଦିବସରେ ଦିଲ୍ଲୀରେ ସେ ଖୋଲାଖୋଲି ତାହା କହିଲେ। କଠୋରପନ୍ଥୀ ଇସ୍‌ଲାମିକ ଆତଙ୍କବାଦ ବିରୋଧରେ ଆମେରିକା-ଭାରତ ମିଳିତ ଭାବେ ସଂଗ୍ରାମ କରିବେ ବୋଲି ସେ ଘୋଷଣା କଲେ। ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ପାକିସ୍ତାନକୁ କହିଥିବା କଥା ମଧ୍ୟ ଟ୍ରମ୍ପ ପ୍ରକାଶ କରିଥିଲେ। ଇତିମଧ୍ୟରେ ତାଲିବାନ ସହିତ ଆମେରିକାର ବୁଝାମଣା ହୋଇଛି। ଏଥିରେ ପାକିସ୍ତାନ ଆମେରିକାକୁ ସହାୟତା କରିଥିବାରୁ ଟ୍ରମ୍ପ ଇମ୍‌ରାନଙ୍କୁ ସାଥିରେ ରଖିବାକୁ ଚାହୁଁଛନ୍ତି। ପରନ୍ତୁ ଆତଙ୍କବାଦକୁ ନେଇ ସେ ପାକିସ୍ତାନକୁ ବାରମ୍ବାର କଠୋରବାଣୀ ଶୁଣାଇଛନ୍ତି। ଆଫଗାନିସ୍ତାନ ପ୍ରସଙ୍ଗରେ ମଧ୍ୟ ଟ୍ରମ୍ପ ଭାରତର ସହଯୋଗ ଚାହିଁଛନ୍ତି। ସର୍ବତୋ ଭାବରେ ଟ୍ରମ୍ପଙ୍କ ଭାରତ ଗସ୍ତ ଆମ ପାଇଁ ସକାରାତ୍ମକ ହୋଇଛି।

ସେକ୍ଟର-୬, ସିଡିଏ, କଟକ,
ମୋ-୯୪୩୭୨୭୦୬୦୫

# ପରିବେଶ ପ୍ରହରୀ ଘରଚଟିଆ



ପୀତାମ୍ବର ରାଉତ

ବିଶିଷ୍ଟ ପରିବେଶବିତ୍ ମହମ୍ମଦ ଦିଲ୍‌ୱାରଙ୍କ ଉଦ୍ୟମରେ ୨୦୧୦ ମସିହାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ଘରଚଟିଆର ବୈଜ୍ଞାନିକ ନାମ ପାସୋରିଡ୍। ଉତ୍ପତ୍ତିସ୍ଥଳ ଭୂମଧ୍ୟସାଗରୀୟ ଅଞ୍ଚଳଠାରୁ ଆରମ୍ଭକରି ବ୍ରିଟେନ୍, ଫ୍ରାନ୍ସ, ପ୍ୟାରିସ୍, ଜର୍ମାନୀ, ବେଲ୍‌ଜିୟମ୍, ଇଟାଲି, ନେଦରଲାଣ୍ଡ, ଫିନ୍‌ଲାଣ୍ଡରେ ଏମାନେ ବସବାସ କରୁଥିଲେ ହେଁ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ୨୦୦୪ ମସିହାରେ ବିଶ୍ୱ ଜୈବ ସଂରକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଆଧାରରେ ବିଗତ ୪୦-୫୦ ବର୍ଷ ମଧ୍ୟରେ ଶତକଡା ୯୦ ଭାଗ ଘରଚଟିଆ ବିଲୁପ୍ତ ହୋଇଯାଇଛନ୍ତି। ବାକି ଶତକଡା ୧୦ ଭାଗ ଜୀବିତ ପକ୍ଷୀଙ୍କ ଯତ୍ନ ନେବା ଆମ ପାଇଁ ଅତି ଜରୁରୀ। ଦିଲ୍ଲୀ ରାଜ୍ୟ ସରକାର ୨୦୧୨ ମସିହାରେ ଘରଚଟିଆକୁ ଦିଲ୍ଲୀ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି।

ଘରଚଟିଆ ଧୂସର ରଙ୍ଗର କ୍ଷୁଦ୍ର ପକ୍ଷୀଟିଏ। ଏମାନେ ପ୍ରାୟତଃ ଚାଳଘରେ ରୁହନ୍ତି। ଗଛ, ପାହାଡ଼ଖୋଲ, ପୋଲ, ନଦୀକୂଳ ଇତ୍ୟାଦି ଜାଗାରେ ମଧ୍ୟ ବସା ବାନ୍ଧନ୍ତି। ରହଣି ସ୍ଥାନରୁ ୧.୫ରୁ ୨ ମାଇଲ୍ ପର୍ଯ୍ୟନ୍ତ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି। ଘରଚଟିଆ ପକ୍ଷୀର ଲମ୍ବ ୧୪ରୁ ୧୫ ସେ.ମି.। ଡେଣାର ଲମ୍ବ ୧୯-୨୮ ସେ.ମି.। ପୁରୁଷ ଘରଚଟିଆର ମଥା, ଗଳା ଧୂସର ବା ଈଷତ୍ କଳାରଙ୍ଗର। ଏମାନଙ୍କ କଳରବ କ୍ଷୁଦ୍ର ଏବଂ ଅବିଶ୍ରାନ୍ତ। ଅଣ୍ଡାରୁ ଛୁଆ ଫୁଟିବାକୁ ୧୦ରୁ ୧୨ଦିନ ଲାଗିଥାଏ।

ମାତ୍ର ଆଜିର ଅସନ୍ତୁଳିତ ପରିବେଶ, ଜଙ୍ଗଲ ପରିମାଣ ହ୍ରାସ, ପକ୍କାଘର, ରାସାୟନିକ ସାର ବ୍ୟବହାର, କୀଟନାଶକ, ପେଟ୍ରୋଲ, ଡିଜେଲ ଧୂଆଁ, ଗାଡ଼ିର ହର୍ନ ଏବଂ ମୋବାଇଲ୍ ଟାୱାରର ବିକିରଣ ପ୍ରଭାବରେ ଏମାନଙ୍କ ଅବସ୍ଥା ବିଲୋପ ଆଡ଼କୁ ଗତି କରୁଛି। ଇଣ୍ଡିଆନ୍ କ୍ରେନ୍ସ ଆଣ୍ଡ ୱେଟ୍‌ଲ୍ୟାଣ୍ଡସ୍ ୱାର୍କିଂ ଗ୍ରୁପ୍‌ର କେ.ଏସ୍. ଗୋପୀସୁନ୍ଦରଙ୍କ ମତରେ ଚାଷ ଜମିରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଯୋଗୁ ଘରଚଟିଆଙ୍କ ଖାଦ୍ୟ ଉପଯୋଗୀ କୀଟ, ପୋକ ମରିଯାଉଛନ୍ତି। ତେଣୁ ଖାଦ୍ୟ ଅଭାବ ସେମାନଙ୍କ ମୃତ୍ୟୁର ମୁଖ୍ୟ କାରଣ।

## ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ



ଘରଚଟିଆଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେବା ବାଞ୍ଛନୀୟ। ନ ହେଲେ ଶାଗୁଣା ଭଳି ଏମାନଙ୍କୁ ବାହାର ରାଜ୍ୟରୁ ଆଣି ଚିଡ଼ିଆଖାନାରେ ରଖିବାକୁ ହେବ। ୧୯୯୯ ମହାବାତ୍ୟାଠାରୁ ଶାଗୁଣା ଦେଖିବାକୁ ମିଳୁନାହାନ୍ତି।

ମଣିଷ ସମାଜ ପାଇଁ ଘରଚଟିଆ ଏକ ଅତ୍ୟନ୍ତ ଉପକାରୀ ପକ୍ଷୀ। ଶସ୍ୟକ୍ଷେତ୍ରରେ ଅପକାରୀ କୀଟ ଯଥା- ଉଇ, ଝିଣ୍ଟିକା, ଲେଡି ପୋକ ଆଦିକୁ ଖାଇଦିଅନ୍ତି। ତେଣୁ ଏହି କ୍ଷୁଦ୍ର ପକ୍ଷୀଟି କୃଷକର ବନ୍ଧୁ। ଏବେ ବି କଟକର ସିଡିଏ ଅଞ୍ଚଳ ଓ ମହାନଦୀ ପଠାରେ ବୁଦାଗଛରେ ବହୁ ସଂଖ୍ୟାରେ ଏ ପକ୍ଷୀ ଦୃଶ୍ୟମାନ ହେଉଛି। ସୂର୍ଯ୍ୟାସ୍ତ ପୂର୍ବରୁ ଘରଚଟିଆର ନୀଡ଼ବାହୁଡ଼ା ଦୃଶ୍ୟ ଅତ୍ୟନ୍ତ ମନୋରମ।

ତେବେ ପ୍ରଶ୍ନ ଉଠେ ରାଜ୍ୟ ସରକାରଙ୍କ ଯୋଜନା କ'ଣ କେବଳ ମଣିଷମାନଙ୍କ ପାଇଁ! ପଶୁପକ୍ଷୀ, ପରିବେଶର ଦାୟିତ୍ୱ ନେବ କିଏ? ବିନା ପଶୁପକ୍ଷୀ ଓ ବିନା ଜଙ୍ଗଲରେ ଆମେ ବଞ୍ଚିପାରିବା ନାହିଁ। ତେଣୁ ସେମାନଙ୍କୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ବାସ ଓ ଖାଦ୍ୟ ଅଭାବରୁ ବାଘ, ହାତୀ ସହର ଆଡକୁ ମୁହାଁଉଛନ୍ତି। ସରକାର ଏକା ନୁହନ୍ତି, ଆମେ ସାଧାରଣ ମଣିଷ ଏବଂ ସ୍କୁଲ ପିଲା ମିଳିମିଶି ପ୍ରତିଦିନ ମୁଠିଏ ଚାଉଳ ଘର ଅଗଣା କିମ୍ବା ଛାତ ଉପରେ ଥୋଇବା। ପାଖରେ ପାଣି ପାତ୍ରଟିଏ ରଖିବା। ସରକାରୀ ନିର୍ଦ୍ଦେଶ ଏମିତି ହୁଅନ୍ତାନି- ସର୍ବଶିକ୍ଷାରେ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳରୁ ମାତ୍ର ୨ ମୁଠା ପ୍ରତିଦିନ ପିଲାଏ ଦେଲେ ପରିବେଶ ବିଜ୍ଞାନ ବୁଝିବା ସହଜ ହେବା ସହ ସେମାନଙ୍କୁ ନୈତିକ ଶିକ୍ଷା ମିଳିପାରିବ। ସୁଖର କଥା କଟକସ୍ଥିତ ସିଡିଏ କାର୍ଯ୍ୟାଳୟର ଜନୈକ ଅଧିକାରୀ ତଥା ପରିବେଶବିତ୍‌ଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଅଫିସ୍ ଛାତରେ ପକ୍ଷୀମାନଙ୍କ ପାଇଁ ଗହମ, ଚାଉଳ, ସୋରିଷ ଏବଂ ପାଣିକୁଣ୍ଡର ବ୍ୟବସ୍ଥା ହୋଇଛି। ଏପରି କାର୍ଯ୍ୟ ଅନ୍ୟ ସରକାରୀ ତଥା ବେସରକାରୀ ଅଫିସରେ କରାଗଲେ ତାହା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ ହେବ। ବ୍ୟାସସ୍ମୃତି (୩/୩୬) କହିଛି- ପଶୁପକ୍ଷୀମାନଙ୍କୁ କିଛି କିଛି ଖାଦ୍ୟ ନିତ୍ୟ ଦାନ କରିବା ଉଚିତ, ଏହାଦ୍ୱାରା ଆମର ରିଷ୍ଟ ଖଣ୍ଡନ ହେବା ସହିତ ଚଲାପଥ କୁସୁମିତ ହେବ। ଆମ ଲୋକପ୍ରିୟ ସରକାର ଘରଚଟିଆ ପକ୍ଷୀକୁ ରାଜ୍ୟ ପକ୍ଷୀର ମାନ୍ୟତା ପାଇଁ ବିଚାରକରି ସବୁ ସରକାରୀ ଓ ବେସରକାରୀ ଅଫିସ୍ ଛାତରେ ପାଣି ଓ ଖାଦ୍ୟର ବ୍ୟବସ୍ଥା କଲେ ପକ୍ଷୀ ବଂଶ ବୃଦ୍ଧିରେ ସହାୟକ ହେବ।

ଆବାହକ, ଓଡ଼ିଶା ବାୟାଚଢ଼େଇ ସୁରକ୍ଷା ଅଭିଯାନ, ନିଆଳି, କଟକ,
ମୋ: ୯୯୩୭୬୬୨୧୮୭

## ଏଇ ଭାରତରେ

ଝାଡ଼ଖଣ୍ଡର ଦୁର୍ଗମ ଗ୍ରାମାଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ସ୍କୁଲଗୁଡ଼ିକର ପରିବେଶ ତଥା ଶିକ୍ଷାରେ ଉନ୍ନତି ଆଣି ଆଇଏଏସ୍ ଅଧିକାରୀ ଆଦିତ୍ୟ ରଞ୍ଜନ ସଭିଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ପଶ୍ଚିମ ସିଂହଭୂମ ଜିଲା ଉନ୍ନୟନ ଅଧିକାରୀ ଭାବେ ନିଯୁକ୍ତି ପାଇବା ପରେ ସେ ଜିଲାରେ ଅଙ୍ଗନୱାଡ଼ିର ଅବସ୍ଥା ଭଲ ନ ଥିବା ଲକ୍ଷ୍ୟ କରିଥିଲେ। ୨୦୧୮ରେ ସେ ନିଜ ଦରମାରୁ କିଛି ଖର୍ଚ୍ଚ କରି ଚାଇଁବାସା ଅଞ୍ଚଳରେ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ପରେ ପଶ୍ଚିମ ସିଂହଭୂମ ଜିଲାରେ ଏଭଳି ୬୫୦ କେନ୍ଦ୍ରର ଅବସ୍ଥା ସୁଧାରି ଦେଇଛନ୍ତି। ୨୦୧୫ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀଙ୍କର ପ୍ରଥମେ ଦେଓଘରରେ ନିଯୁକ୍ତି ହୋଇଥିଲା। ସେଠାରେ ସେ ସ୍ଥାନୀୟ ଶିଶୁମାନଙ୍କୁ ପଢାଇବା ଆରମ୍ଭ କରିଥିଲେ। କିନ୍ତୁ ପଶ୍ଚିମ ସିଂହଭୂମକୁ ତାଙ୍କ ବଦଳି ହେବା ପରେ ସେ ଜିଲାର ସବୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଏମିତି ଗଢିଛନ୍ତି ଯେ, ସେଠାରେ ସେବିକା ଓ ସହାୟିକାମାନେ କେନ୍ଦ୍ର ମଧ୍ୟରେ ପିଲାମାନଙ୍କୁ ଗାଧୋଇ ଦେଉଛନ୍ତି, ସେମାନଙ୍କୁ ଖୁଆଇ ଦେଉଛନ୍ତି। ସବୁ କେନ୍ଦ୍ରକୁ ଦୁଇ ହଳ ୟୁନିଫର୍ମ, ନେଲ୍ କଟର, ସାନିଟେଶନ କିଟ୍, ପାନିଆ, ଟିସ୍ୟୁପେପର ଆଦି ଯୋଗାଇ ଦିଆଯାଉଛି ବୋଲି କହନ୍ତି ରଞ୍ଜନ। ୨୦୨୦ ଶେଷ ସୁଦ୍ଧା ସେ ଜିଲାରେ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ସଂଖ୍ୟା ୧ ହଜାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ମାସକୁ ଦୁଇଥର ସେ ସବୁ କେନ୍ଦ୍ରରେ ସମୀକ୍ଷା ପାଇଁ ବି ପହଞ୍ଚିଯାଉଛନ୍ତି। ଗ୍ରାମାଞ୍ଚଳରେ ହାଇସ୍କୁଲ ପିଲା ଓ ୧୦ମ ପାସ୍ ପରେ ଯେଉଁମାନେ ବିଜ୍ଞାନ ପଢୁଛନ୍ତି ସେମାନଙ୍କ ପାଇଁ ଭ୍ରାମ୍ୟମାଣ ବିଜ୍ଞାନାଗାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହି ବିଜ୍ଞାନାଗରର ନାମ ଦେଇଛନ୍ତି 'ୱଣ୍ଡର ଅଫ୍ ହ୍ୱିଲ'। ଏହାଦ୍ୱାରା ପ୍ରତିଦିନ ୧୨୯ଟି ହାଇସ୍କୁଲର ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୯୫

- ଗେଗଙ୍ଗ ଅପାଙ୍ଗ ଅରୁଣାଚଳ ପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ।
- ଲେଖିକା ସୁସ୍ମିତା ବାଗ୍‌ଚୀ ତାଙ୍କର ଗଳ୍ପ ସଙ୍କଳନ 'ଆକାଶ ଯେଉଁଠିକଥାକହେ' ପାଇଁ ୧୯୯୨ ମସିହାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡିଆ ପାଇଁ ଲଜ୍ଜା

ମହାଶୟ,

ଧରିତ୍ରୀ ମୁଖ୍ୟପୃଷ୍ଠାରେ ସମ୍ପାଦକ ତଥାଗତ ସତପଥୀଙ୍କ ଲେଖା 'ଓଡିଆ ପାଇଁ ଲଜ୍ଜା' ସମୟ ଉପଯୋଗୀ। ମା', ମାଟି ତଥା ଜାତି ପାଇଁ ଲଢେଇ କରିବା ପ୍ରାୟ ୯୯ ଭାଗ ରାଜନେତାଙ୍କର ଆଉ ସର୍ବଶ୍ରେଷ୍ଠ କାର୍ଯ୍ୟ ହୋଇ ନାହିଁ। ଦେଶ ତଥା ମାଟି ପ୍ରୀତି ଅପେକ୍ଷା ସମସ୍ତେ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ରାଜନେତାମାନେ ମନମୁଖି ନିଷ୍ପତ୍ତି ନେବାର ଦୁଃସାହସ କରୁଛନ୍ତି। ଫଳରେ ରାଜ୍ୟସଭାକୁ ଯାଉଥିବା ନେତାମାନେ ନିଜର ଭାଷା ଓ ସଂସ୍କୃତିକୁ ଭୁଲି ଯାଉଛନ୍ତି। ମାନ୍ୟବର ଧରତ୍ରୀ ସଂପାଦକଙ୍କ ଓଡିଆ ଭାଷା ପାଇଁ ସ୍ୱର ପ୍ରଶଂସାଯୋଗ୍ୟ।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ବିଦ୍ୟୁତ୍ କର୍ମଚାରୀଙ୍କୁ ପରିଚୟପତ୍ର ଦିଅନ୍ତୁ

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ବୋଲି ପରିଚୟ ଦେଇ ଇଲେକ୍ଟ୍ରି ବୋର୍ଡ ଲଗାଇବା, ମିଟର ଦେଖିବା ଇତ୍ୟାଦି ବାହାନାରେ ଗୃହ ଭିତରେ ପ୍ରବେଶ କରି କିଛି ଦୁର୍ବୃତ୍ତ ଛିନ୍‌ତାଇ ଓ ଲୁଟ କରୁଛନ୍ତି। ଏବେ ଗଙ୍ଗପଡା ଅଞ୍ଚଳରେ ଲୁଟେରାମାନେ ଏହି ଉପାୟରେ ଜଟିଳା ସାମନ୍ତରାୟ ନାମ୍ନୀ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଛନ୍ତି। ଏଣୁ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ପ୍ରଦାନ କଲେ ସେମାନଙ୍କୁ ସନ୍ଦେହ କରିବାର ଅବକାଶ ରହିବ ନାହିଁ, ଯଦ୍ୱାରା ବିଦ୍ୟୁତ୍ ଗ୍ରାହକଙ୍କ ପରିବାର ଧନଜୀବନ କ୍ଷତିରୁ ରକ୍ଷା ପାଇପାରିବେ।

ବିଦ୍ୟୁତ୍‌ପ୍ରଭା ମହାନ୍ତି, ମହିଳା ସଙ୍ଗଠନ ସମ୍ପାଦକ, ପୁରୁଣା ଭୁବନେଶ୍ୱର

### ଓଡ଼ିଆ ଭାଷା ସମୃଦ୍ଧ ହେଉ

ଦୈନିକ ଧରିତ୍ରୀ(୧୦।୨)ରେ ପ୍ରକାଶିତ 'ଭାଷା ବଗିଚାକୁ ଗାଉଁଲି ଚାରା' ପ୍ରବନ୍ଧଟି ପାଠକରି ଖୁସି ହେଲି। ପ୍ରାବନ୍ଧିକ ପଦ୍ମନାଭ ସାହୁଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଟି ଓଡିଆ ଭାଷା ସାହିତ୍ୟ ପ୍ରତି ଏକ ସମୟୋଚିତ ଆହ୍ୱାନ। ଓଡିଆ ଶବ୍ଦଭଣ୍ଡାରର ସମୃଦ୍ଧି ପାଇଁ ଓଡିଆ ଭାଷା ସାହିତ୍ୟର ପ୍ରଥିତଯଶା ସାହିତ୍ୟିକମାନଙ୍କର ଆନ୍ତରିକ ଉଦ୍ୟମ ଯେପରି ଜରୁରୀ, ଆମ ରାଜ୍ୟରେ ଥିବା ବିଭିନ୍ନ ସାହିତ୍ୟାନୁଷ୍ଠାନ (ଉଭୟ ସରକାରୀ ଏବଂ ବେସରକାରୀ)ର ଏ ଦିଗରେ କର୍ତ୍ତବ୍ୟ ମଧ୍ୟ ସେହିପରି ଜରୁରୀ। ଆମର ଆଶା ଓ ବିଶ୍ୱାସ ଏ ଦିଗରେ ଉଦ୍ୟମ ଏବଂ କର୍ତ୍ତବ୍ୟ ନିଭାଇବା ପାଇଁ ସମସ୍ତ ଓଡ଼ିଆପ୍ରେମୀ ଆଗଭର ହେବେ।

ସତୀଶ ଚନ୍ଦ୍ର ବେହେରା, ସୁନନ୍ଦା ବେହେରା, ସମୀକ୍ଷା ପ୍ରିୟଦର୍ଶିନୀ, ସୁରଭି ପ୍ରିୟଦର୍ଶିନୀ, ରଘୁନାଥପୁର, ବାରିପଦା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨୫ ଗ୍ରାମରେ ଦନ୍ତାହାତୀ ଆତଙ୍କ

**ଢେଙ୍କାନାଳ ଅଫିସ, ୧୯।୩:** ଗୋଠରୁ ଅଲଗା ହୋଇଥିବା ଏକ ଦନ୍ତା ହାତୀ ଉପଦ୍ରବରେ ଢେଙ୍କାନାଳ ସଦର ଥାନା ଅଧୀନ ୨୫ ଗ୍ରାମରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଉକ୍ତ ହାତୀକୁ ତୁରନ୍ତ ଟ୍ରାଙ୍କୁଲାଇଜ୍ କରିବାକୁ କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଗୁରୁବାର ଜିଲା ବନଖଣ୍ଡ ଅଧିକାରୀଙ୍କ ନିକଟରେ ଲିଖିତ ଦାବି କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଦନ୍ତା ହାତୀଟି ଗୋଠଛଡ଼ା ହୋଇ ଶୁଆଖାଇକାଟେଣୀ, ସୋଗରପଶି, ଚାଉଳିଆ, ତରଭା ଏବଂ ନୂଆଗାଁ ପଞ୍ଚାୟତର ୨୫ ଗ୍ରାମରେ ବ୍ୟାପକ ଉପଦ୍ରବ ସୃଷ୍ଟି କରିଚାଲିଛି। ଏଥିରେ ଚାଷୀଙ୍କ ବ୍ୟାପକ ଫସଲ ନଷ୍ଟ ହୋଇଛି। ଧନଜୀବନ ମଧ ହାନି ହେଉଛି। ଅଞ୍ଚଳବାସୀ ଭୟରେ ପଦାକୁ ବାହାରି ପାରୁନାହାନ୍ତି। ବନ ବିଭାଗ କର୍ମଚାରୀମାନେ ହାତୀକୁ ଘଉଡ଼ାଇବା ଲାଗି ଉଦ୍ୟମ କରୁଥିଲେ ମଧ ସେ ଅଞ୍ଚଳ ଛାଡ଼ି ଯାଉନାହିଁ। କିଛିଦିନ ତଳେ ଉକ୍ତ ଦନ୍ତା ଆକ୍ରମଣରେ ବେଲଗୁଣ୍ଠା ଗ୍ରାମର ଜଣେ ମହିଳା ଗୁରୁତର ହୋଇଥିଲେ। ସେ ଅଦ୍ୟାବଧି ଚିକିତ୍ସିତ ଅଛନ୍ତି। ତେଣୁ ହାତୀକୁ ଟ୍ରାଙ୍କୁଲାଇଜ୍ କରି କାବୁ କରିବାକୁ ରାମଚନ୍ଦ୍ର ପାତ୍ର, ହିମାଂଶୁ ରାଉତ, ହଟ୍ଟକିଶୋର ସ୍ୱାଇଁ, ଅର୍ଜୁନ ସ୍ୱାଇଁ, ଅଶୋକ ଜେନା, ପୀତବାସ ବାରିକ, ବିନୋଦ ଜେନା ପ୍ରମୁଖ ଡିଏଫ୍ଓଙ୍କ ନିକଟରେ ଦାବି କରିଛନ୍ତି।

### ପୋଖରୀରେ ବୁଡ଼ି ନାବାଳକ ମୃତ

**କାମାକ୍ଷାନଗର, ୧୯।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ ଅଧୀନ କୌଶଲ୍ୟାପାଳ ଗ୍ରାମର ଠାକୁର ହାଂସଦାଙ୍କ ପୁଅ ଜଗନ୍ନାଥ (୭) ଗୁରୁବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### କ୍ୱାରାଣ୍ଟାଇନ୍‌ରେ ୪୬

**ଅନୁଗୋଳ ଅଫିସ, ୧୯।୩:** ବିଦେଶ ଏବଂ ବିଭିନ୍ନ ରାଜ୍ୟରେ ରହୁଥିବା ୪୬ଜଣ ଅନୁଗୋଳ ଜିଲାକୁ ଫେରିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେମାନଙ୍କୁ ନିଜ ଘରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟକ୍ତି ଆଇସୋଲେଶନ ସେଣ୍ଟରରେ ନ ଥିବା ଜିଲାପାଳ କହିଛନ୍ତି।

### ୮ ଫୁଟର ଅଜଗର ଉଦ୍ଧାର

**ଅନୁଗୋଳ ଅଫିସ୍, ୧୯।୩** ଅନୁଗୋଳ ଜିଲା ମହୀଧରପୁର ନିମସାହିରୁ ଗୁରୁବାର ୮ ଫୁଟର ଅଜଗର ଉଦ୍ଧାର କରାଯାଇଛି। ପୂର୍ବାହ୍ନରେ ଗ୍ରାମର କେତେଜଣ ଯୁବକ ସାପକୁ ଦେଖି ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ପରେ ଆଦିତ୍ୟ ଏବଂ ସାଥୀ ସଞ୍ଜୟ ବେହେରା ପହଞ୍ଚି ଅଜଗରକୁ ଉଦ୍ଧାର କରିଥିଲେ। ସାପଟିକୁ କଞ୍ଜା ସେକ୍ସନ ବନପାଳ ସୁଷମା ପଣ୍ଡାଙ୍କ ଉପସ୍ଥିତିରେ ନିକଟ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ବୁଝିଲେ ଏମ୍‌ପି

**ପରଜଙ୍ଗ, ୧୯।୩(ଡି.ଏନ.ଏ.):** ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଗୁରୁବାର ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କରୋନା ପ୍ରତିରୋଧ ବ୍ୟବସ୍ଥା ତଦାରଖ କରିଛନ୍ତି। ଏବେ କରୋନା ଭାଇରସ୍‌କୁ ନେଇ ସାରା ଦେଶରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ସତର୍କତା ଏବଂ ସଚେତନତା ହିଁ ଭୂତାଣୁଠାରୁ ଦୂରେଇ ରଖିବ ବୋଲି ସେ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ, ରୋଗୀ ଏବଂ ସମ୍ପର୍କୀୟମାନେ ଯଥାସମ୍ଭବ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଏମ୍‌ପି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ମୃତଦେହ ବ୍ୟବଚ୍ଛେଦ ଗୃହ ମେଡିକାଲଠାରୁ ୨ କିମି ଦୂରରେ ଥିବାରୁ ସମସ୍ୟା ଉପୁଜୁଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହି ବ୍ୟବସ୍ଥା କରିବାକୁ ଏମ୍‌ପି ମେଡିକାଲ ଇନ୍‌ଚାର୍ଜଙ୍କୁ ପରାମର୍ଶ ଦେଇଛନ୍ତି। ଏମ୍‌ପିଙ୍କ ଏହି ପରିଦର୍ଶନ ସମୟରେ ବିଡିଓ ବସନ୍ତ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପ୍ରିୟଜିତ ସାମଲ, ସମିତିସଭ୍ୟ ମୀନକେତନ ସାମଲ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ସାମାଜିକ କର୍ମୀ ପୂର୍ବତନ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଛିନ୍‌ଛତ୍ର କଲା କାଳବୈଶାଖୀ

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର/ ପରଜଙ୍ଗ(ଡି.ଏନ.ଏ.), ୧୯।୩**

- ବଜ୍ର ନେଲା ୨ ଜୀବନ
- ଘୂର୍ଣ୍ଣିଝଡ଼ କଲା ବେହାଲ
- ଜିଲାରେ ବ୍ୟାପକ କ୍ଷତି
- ବିଦ୍ୟୁତ୍ ସେବା ବ୍ୟାହତ

ଢେଙ୍କାନାଳ ଜିଲାରେ ଗୁରୁବାର ଅପରାହ୍ନରେ ପାଖାପାଖି ଘଣ୍ଟାଏ ଧରି ହୋଇଥିବା କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷାରେ ବ୍ୟାପକ କ୍ଷତି ହୋଇଛି। ବଜ୍ରପାତରେ ୨ଜଣଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି।

ସହରରେ ଅପରାହ୍ନ ଯାଏ ପାଗ ସ୍ୱାଭାବିକ ଥିଲା। ସନ୍ଧ୍ୟା ୬ଟା ପରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟିଯିବା ସହ ଆରମ୍ଭ ହୋଇଥିଲା ଝଡ଼ବର୍ଷା। ପ୍ରବଳ ବେଗରେ ପବନ ବହିଥିଲା। ଏଥିରେ ଢେଙ୍କାନାଳ ସହରର ଚିତ୍ର ବଦଳିଯାଇଛି। କଲେଜ ବାଇପାସ୍, ଅମଲାପଡ଼ା, କଣ୍ଟାନାଳୀ ବାଇପାସ୍ ସମେତ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଧରାଶାୟୀ ହୋଇଛି। ତାର ଛିଣ୍ଡି ପଡ଼ିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଗଁଦିଆ ବ୍ଲକ ଷଙ୍ଗଡ଼ୀ ଗ୍ରାମର ଏକ କ୍ୟାମ୍ପରେ ବଜ୍ରପାତ ହେବାରୁ ଚନ୍ଦ୍ରକାନ୍ତ ସାମଲ (୪୦), ରଶ୍ମିରଞ୍ଜନ ସାମଲ (୩୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ବୈଦ୍ୟନାଥ ଦାସ (୨୭) ଏବଂ ଚୌଦ୍ୱାର ଅଞ୍ଚଳର ଜେସିବି ହେଲ୍‌ପର ଗଣେଶ ସାହୁ ଗୁରୁତର ହୋଇଛନ୍ତି। ମୃତାହତଙ୍କୁ ଜିଲା ଚିକିତ୍ସାଳୟକୁ ଅଣାଯାଇଛି।

ସେହିପରି ପରଜଙ୍ଗ ଅଞ୍ଚଳରେ ଅପରାହ୍ନ ୫ଟାରେ ହୋଇଥିବା ଝଡ଼ତୋଫାନ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଛି। ଏଥିରେ ଅନେକ ଦୋକାନର ସାଇନ୍‌ବୋର୍ଡ ଉଡ଼ିଯାଇଛି। ବହୁ ଚାଳ ଘର କ୍ଷତିଗ୍ରସ୍ତ ହୋଇଛି। ଘୂର୍ଣ୍ଣିଝଡ଼ ଯୋଗୁ ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହୃତ ପାଉଁଶ ଉଡ଼ି ରାସ୍ତାପାର୍ଶ୍ୱ ଗ୍ରାମବାସୀଙ୍କୁ ବେହାଲ କରିଦେଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ନେଇଥିବା କମ୍ପାନୀ କ୍ୟାମ୍ପରେ ପାଉଁଶ ଜମା କରି ରଖାଯାଇଛି। ଏଥିରେ ପାଣି ସିଞ୍ଚନ କରାଯାଉନାହିଁ। ସାମାନ୍ୟ ପବନ ହେଲେ ଉକ୍ତ ପାଉଁଶ ଉଡ଼ି ଜଳାଶୟ, ଚାଷକ୍ଷେତ୍ରକୁ ପ୍ରଦୂଷିତ କରୁଛି। ଗୁରୁବାର ଝଡ଼ ସମୟରେ ବ୍ୟାପକ ମାତ୍ରାରେ ପାଉଁଶ ଉଡ଼ି ସ୍ଥାନୀୟ ବାସିନ୍ଦାଙ୍କୁ କଲବଲ କରିଥିଲା। ଏ ନେଇ ସରପଞ୍ଚ ପ୍ରିୟଜିତ୍ ସାମଲ କୁହନ୍ତି, କମ୍ପାନୀର ମନମୁଖି କାର୍ଯ୍ୟ ଲାଗି ପାଉଁଶ ଉଡ଼ି ଲୋକେ ହୀନସ୍ତା ହେଉଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସେହିପରି ଘୂର୍ଣ୍ଣିଝଡ଼ରେ କାମାକ୍ଷାନଗର, ଭୁବନ, ଗଁଦିଆ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

# କରୋନା ବଢ଼ାଇଲା କଟକଣା



ଢେଙ୍କାନାଳ ସହର ରଥଗଡ଼ାସ୍ଥିତ ପରିବା ବଜାରରେ ଗୁରୁବାର ଲାୟନ୍ସ କ୍ଲବ ଆନୁକୂଲ୍ୟରେ ମାସ୍କ ବଣ୍ଟନ କରାଯାଥିଲା। ଏମ୍‌ପି ମହେଶ ସାହୁ, କ୍ଲବ ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ଜିତେନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ରହି ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

**ଢେଙ୍କାନାଳ ଅଫିସ, ୧୯।୩**

- ସେଲୁନ, ପାର୍ଲର, ସ୍ପା ବନ୍ଦ ନିର୍ଦ୍ଦେଶ
- ଧର୍ମପୀଠରେ ଦର୍ଶନକୁ ବାରଣ

ଭାରତରେ କରୋନା ଧୀରେ ଧୀରେ କାୟା ବିସ୍ତାର କରିବାରେ ଲାଗିଛି। ଏହି ମାରାତ୍ମକ ଭୂତାଣୁ ପାଇଁ ନିର୍ଦ୍ଦିଷ୍ଟ ପ୍ରତିଷେଧକ ବାହାରି ନାହିଁ। ତେଣୁ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରତିରୋଧ, ସତର୍କତା ଏବଂ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଜନସାଧାରଣଙ୍କ ହିତ ପାଇଁ ସରକାରଙ୍କ ପକ୍ଷରୁ କଟକଣାକୁ ଆହୁରି କଠୋର କରାଯାଇଛି। ସେହିପରି ସଂକ୍ରମଣ ଏଡ଼ାଇବାକୁ ଜିଲା ପ୍ରଶାସନ, ଜନପ୍ରତିନିଧି, ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ନୂତନ ଭାବେ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଢେଙ୍କାନାଳ ଜିଲାର ସମସ୍ତ ସେଲୁନ, ବିୟୁଟି ପାର୍ଲର ବନ୍ଦ ରହିବ। ସେହିପରି ମନ୍ଦିର ସମେତ ଅନ୍ୟ ଧର୍ମୀୟ ପୀଠସ୍ଥଳୀଗୁଡ଼ିକରେ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରଖାଯାଇଛି। ଧର୍ମପୀଠରେ ପରମ୍ପରା ଅନୁଯାୟୀ ନୀତିକାନ୍ତି କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ପାଇଁ ମଧ କଟକଣା ଜାରି କରାଯାଇଛି। ଏଣିକି କାର୍ଯ୍ୟାଳୟରେ ଗହଳି ଏଡ଼ାଇବା ଲାଗି କର୍ମଚାରୀମାନେ ସିଫ୍ଟରେ ଆସି କାମ କରିବେ। ଥଣ୍ଡା, କାଶ, ଜ୍ୱରରେ ଆକ୍ରାନ୍ତ କର୍ମଚାରୀମାନେ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ। ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ଘରେ ନିବୃତ୍ତ ଭାବେ ରହିପାରିବେ ବୋଲି ଜିଲାପାଳ କହିଛନ୍ତି।

# ଧରପଗଡ଼ ବେଳେ ଆର୍‌ଆଇଙ୍କୁ ଧସ୍ତାଧସ୍ତି

**ଭୁବନ, ୧୯।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାରେ ବେଆଇନ ପଥର ଖଣି ଚଳାଉଥିବା ବ୍ୟବସାୟୀଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। ବାରମ୍ବାର ତାଗିଦ୍, ଚଢ଼ାଉ ସତ୍ତ୍ୱେ ସେମାନେ ସୁଧୁରୁନାହାନ୍ତି। ଓଲଟି ଚଢ଼ାଉ ସମୟରେ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି ପ୍ରଶାସନିକ ଅଧିକାରୀ। ଏପରି ଏକ ଘଟଣାର ପୁନରାବୃତ୍ତି ହୋଇଛି ଭୁବନ ଥାନା ଅଁଳାଝରିରେ। ବେଆଇନ ଭାବେ ମାଙ୍କଡ଼ାପଥର ଚାଲାଣ ହେଉଥିବା ଏକ ଟ୍ରାକ୍ଟରକୁ ଧରପଗଡ଼ ବେଳେ ପଥର ବ୍ୟବସାୟୀମାନେ ମହୁଲପାଳ ଆର୍‌ଆଇ ସରୋଜ ସାହୁଙ୍କୁ ଧସ୍ତାଧସ୍ତି କରିଛନ୍ତି। ଅଭିଯୁକ୍ତମାନେ ଆର୍‌ଆଇଙ୍କ ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି।

ଆର୍‌ଆଇ ମନୋଜ କହିଛନ୍ତି, ବୁଧବାର ଅଁଳାଝରି ଗ୍ରାମ ନିକଟରେ ଥିବା ଏକ ବେଆଇନ ଖଣିରୁ ଟ୍ରାକ୍ଟରରେ ମାଙ୍କଡ଼ା ପଥର ଚାଲାଣ ଚାଲାଣ କରାଯାଉଥିବା ସୂଚନା ପାଇ ତହସିଲଦାର ଶକ୍ତିକାନ୍ତ ରାଏଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା। ଟ୍ରାକ୍ଟରଟି ଅଁଳାଝରି ଗ୍ରାମରୁ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳକୁ ଯାଉଥିଲା। ଏହି ସମୟରେ ଅଞ୍ଚଳର ସନିଆ ବେହେରାଙ୍କ ସମେତ ଅନ୍ୟ ୫ଜଣ ଯୁବକ ଆସି ଧସ୍ତାଧସ୍ତି କରିବା ସହିତ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଅଭିଯୁକ୍ତମାନେ ତାଙ୍କୁ କିଛି ସମୟ ଅଟକ ରଖିଥିଲେ। ତେବେ ସେ କୌଶଳକ୍ରମେ ସେମାନଙ୍କଠାରୁ ଖସି ଆସିବାରେ ସଫଳ ହୋଇଥିଲେ। ପରେ ତହସିଲଦାରଙ୍କ ନିର୍ଦ୍ଦେଶରେ ଆର୍‌ଆଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୭୮/୨୦୨୦ ଦଫା ୩୦୭, ୩୯୫, ୩୫୩, ୨୯୪ ଓ ୫୦୬ରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

# କରୋନା ସଚେତନତା ରାଲି



ସଚେତନତା ରାଲି ନଗର ପରିକ୍ରମା କରୁଛି।

**ଭୁବନ, ୧୯।୩(ଡି.ଏନ.ଏ.):** ଭୁବନ ବ୍ଲକ ବାଲିବୋ ପଞ୍ଚାୟତ ପକ୍ଷରୁ ଗୁରୁବାର କରୋନା ଭୂତାଣୁ ପ୍ରତିରୋଧ ସମ୍ପର୍କିତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିସହ ଭୂତାଣୁ ସମ୍ପର୍କରେ ଲୋକଙ୍କୁ ସତର୍କ କରାଇବାକୁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସନ୍ତୋଷ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ପିଇଓ କିରଣବାଳା ତରାଇ ଉପସ୍ଥିତ ରହି ପଞ୍ଚାୟତ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କରୋନାକୁ ଦୂରେଇ ରଖିବା ଲାଗି ଆବଶ୍ୟକ ସତର୍କତାମୂଳକ ବ୍ୟବସ୍ଥା ସମ୍ପର୍କରେ ସ୍ଲୋଗାନ ଦେଇ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଜିଆର୍‌ଏସ୍ ଅଜୟ ଶତପଥୀ, ସ୍ୱାସ୍ଥ୍ୟକର୍ମୀ ବିଳାସିନୀ ତ୍ରିପାଠୀଙ୍କ ସମେତ ବହୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏଥିରେ ସାମିଲ ହୋଇଥିଲେ।


## ପୂର୍ବ ତଟ ରେଳପଥ

### ହିନ୍ଦୋଳ ରୋଡ଼-ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ ନୟା ଭାଗୀରଥିପୁର ପାସେଞ୍ଜର ହଲ୍ଟ ନିମନ୍ତେ କମିଶନ ଏଜେଣ୍ଟ୍ ନିଯୁକ୍ତି

ସଂ.G.51/P.H/Halt Agent/NBT ତା.16.03.2020ରିଖ

ଖୋର୍ଦ୍ଧା ରୋଡ଼ ମଣ୍ଡଳ ପରିସୀମା ଅଧୀନସ୍ଥ ହିନ୍ଦୋଳ ରୋଡ଼-ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ ନୟା ଭାଗୀରଥିପୁର ପାସେଞ୍ଜର ହଲ୍ଟ ଷ୍ଟେସନ ଠାରେ ଟିକଟ ବିକ୍ରୀ ନିମନ୍ତେ କମିଶନ ଏଜେଣ୍ଟ୍ ଭାବେ ନିଯୁକ୍ତି ପାଇଁ ଇଚ୍ଛୁକ ଆବେଦକଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି।

ହଲ୍ଟ ଏଜେଣ୍ଟ୍‌ଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର କରାଯିବ :

ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ଦେୟ କମିଶନ : ଟ.1-15,000/-: 15%, ଟ.15,001-50,000/-: 12%, ଟ.50,001 - 1,00,000/- : 9%, ଟ.1,00,001 - 2,00,000/- : 6%, ଟ.2,00,001 ଏବଂ ତଦୁର୍ଦ୍ଧ୍ୱ : 3%

ଉପରୋକ୍ତ ହଲ୍ଟ ନିମନ୍ତେ ସୁରକ୍ଷା ଜମା ରାଶି: ଟ. 2,500/- (ସୁରକ୍ଷା ଜମା ବାବଦକୁ ଟ. 2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ. 500/-)।

କିପରି ଆବେଦନ କରିବେ: ଆବାସ ସ୍ଥାନ ଦୃଷ୍ଟିକୋଣରୁ ଯୋଗ୍ୟ ସାବ୍ୟସ୍ତ ହୋଇଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ଉପଯୁକ୍ତ ଫର୍ମାଟ୍ ଅନୁଯାୟୀ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍-752050 ଙ୍କ ଠିକଣାରେ ଆବେଦନ କରିବେ ଏବଂ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ। ଡାକ ସେବା କିମ୍ବା କୌଣସି ଅନ୍ୟାନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

ଉପଯୁକ୍ତ ଭାବେ ଫର୍ମାଟ୍ ଅନୁଯାୟୀ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡ଼ିକୁ ଏହି କାର୍ଯ୍ୟାଳୟରେ ତା 09.04.2020ରିଖ (ଗୁରୁବାର) 1500 ଘଟିକା କିମ୍ବା ତା ପୂର୍ବରୁ ପହଁଞ୍ଚିବା ଆବଶ୍ୟକ। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା 09.04.2020 ରିଖ ଦିନ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ।

ରେଳବାଇ ପ୍ରଶାସନ ଯେକୌଣସି ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଖାରଜ କରିବାର ଅଧିକାର ନିଜ ପାଖରେ ସୁରକ୍ଷିତ ରଖିଛନ୍ତି।

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ଆମର ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ଉପଲବ୍ଧ ହେବ।

PR-801/K/19-20 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ଼

## ପ୍ରୟାଣର ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି



### ଡା. ସୁବାସ ଚନ୍ଦ୍ର ରଥ

ଆବିର୍ଭାବ : ତା ୧୧.୦୯.୧୯୪୮ ତିରୋଧାନ : ତା ୦୨.୦୪.୨୦୧୯

ମା' ଶକ୍ତି ହସ୍‌ପିଟାଲ ଓ ଡ୍ରିମ୍‌ସ ପରିବାର

ରଥ ପରିବାର ସଦସ୍ୟବୃନ୍ଦ ଏବଂ ବନ୍ଧୁବର୍ଗ ।

## ODISHA JOINT ENTRANCE EXAMINATION - 2020 [ OJEE - 2020 ]

No: OJEE / 106 Date: 19.03.2020

**NOTICE REGARDING EXTENSION OF LAST DATE FOR ONLINE APPLICATION**

Candidates who wish to take admission in B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/ M.Pharm/ Int. MBA and Lateral Entry to B.Tech/ B.Pharm Courses in Government and Private Universities and Colleges of Odisha have to appear

**OJEE - 2020,**

Entrance Examination for all the above Course will be Computer Based Test (CBT).

Last dates for online application is hereby extended as follows

| | |
|---|---|
| Tentative Dates for OJEE (CBT ) | : 1st Week of May, 2020 (Exact dates shall be notified later) |
| Last date to fill-up Online Application form | : 27th March, 2020 |
| Last date of online application fee payment | : 31st March, 2020 |
| Downloading of admit card | : 20th April, 2020 onwards |

For other details, please visit our website: www.ojee.nic.in/ www.odishajee.com.

Sd/-
CHAIRMAN,
OJEE, Odisha

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.ELS-ANGL-OT-19-20-19

କାର୍ଯ୍ୟର ନାମ: 09 ଟନ୍, 15 ଟନ୍ ଟ୍ରକ୍ ଏବଂ 20 ଟନ୍ କ୍ଷମତା ବିଶିଷ୍ଟ ଟ୍ରେଲର(Trailer) ଜରିଆରେ ସଡ଼କ ଦ୍ୱାରା ଭାରତୀୟ ରେଳପଥର ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS), ଅନୁଗୁଳ ଏବଂ ଅନ୍ୟ ରେଲୱେ ୟୁନିଟ୍‌ଗୁଡ଼ିକ ମଧରେ ରେଳବାଇ ସାମଗ୍ରୀଗୁଡ଼ିକର ପରିବହନ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 35,98,420/-, EMD (ଟଙ୍କାରେ): 72,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି: 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.24.03.2020ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.04.2020ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS)/ ଅନୁଗୁଳ

PR-800/K/19-20

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଭୁବନ

ଜ୍ଞାପକ ସଂଖ୍ୟା.୨୪୨ ଟେଲିଫୋନ ନଂ.-06769-272023 ତାରିଖ.୧୯।୦୩।୨୦୨୦

**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ନିମ୍ନଲିଖିତ ସୈରାତ ଗୁଡିକର ନିଲାମ କରାଯିବ। ଏଣୁ ନିଲାମଧାରୀମାନେ ନିମ୍ନରେ ପ୍ରଦତ୍ତ କରାଯାଇଥିବା ଧାର୍ଯ୍ୟ ମୂଲ୍ୟର ଶତକଡା ୧୦% (ଦଶ ପ୍ରତିଶତ) ଅମାନତ ରାଶି ନଗଦ ଅର୍ଥ ଆକାରରେ ପରିଷଦରେ ଜମାକରି ପ୍ରାପ୍ତ ରସିଦ ସହିତ ବନ୍ଦ ଲଫାପାରେ ନିଲାମ ବାକ୍ସରେ ତା୨୫।୦୩।୨୦୨୦ରିଖ ଦିବା ଘ.୨.୦୦ଟିକା ମଧରେ ଆବେଦନ କରିପାରିବେ ଏବଂ ଉକ୍ତ ନିଲାମ ସେହିଦିନ ଦିବା ଘ.୪.୦୦ଟିକା ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ସୈରାତଗୁଡିକର ନିଲାମ ଅଧିକ ଦରରେ ନିଲାମ ଡାକିଥିବା ବ୍ୟକ୍ତି ସମସ୍ତ ଅର୍ଥ ଉକ୍ତ ଦିନ ଏକକାଳୀନ ପରିଷଦରେ ଜମା ଦେଇ ଚୁକ୍ତିପତ୍ର ସ୍ୱାକ୍ଷର କରିବେ। ପରିଷଦର କୌଣସି ଅର୍ଥ ବାକି ରଖିଥିବା ବ୍ୟକ୍ତି ଉକ୍ତ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ।

| କ୍ର. ସଂ. | ସୈରାତର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ରାଶି |
|---|---|---|---|
| ୧ | ଦୈନିକ ବଜାର | ଟ.୨,୮୫,୬୦୦.୦୦/- | ଟ.୨୮,୫୬୦.୦୦/- |
| ୨. | ବସଷ୍ଟାଣ୍ଡ ଫି | ଟ.୯୦,୦୦୦.୦୦/- | ଟ.୯,୦୦୦.୦୦/- |
| ୩. | କାଞ୍ଜିଆ ହୋଦା | ଟ.୪,୦୦୦.୦୦/- | ଟ.୪୦୦.୦୦/- |

ନିର୍ବାହୀ ଅଧିକାରୀ, ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଦଖଲ ନୋଟିସ୍

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,** ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ଆଜାଦ ଅଲ୍ଲୀ ଖାନ୍,** ପିତା: ମୁରସିଦ ଅଲ୍ଲୀ ଖାନ୍ ଏବଂ ପାୱାର ଅଫ୍ ଆଟର୍ଣ୍ଣି ହୋଲ୍ଡର: ନସିମା ଚାସ୍ମି, ସ୍ୱାମୀ: ଆଜାଦ ଅଲ୍ଲି ଖାନ୍, ସା: ପ୍ଲଟ୍ ନଂ.: ଏଲ୍୧-୧୫୮, ଫେଜ୍-୩, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | **ଆଜାଦ ଅଲ୍ଲୀ ଖାନ୍,** ପିତା: ମୁରସିଦ ଅଲ୍ଲୀ ଖାନ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୭/୧୨୬୪, ପରିମିତ କ୍ଷେତ୍ର: ୭.୯୯୦ ଏକର ଏବଂ ପ୍ଲଟ୍ ନଂ.: ୮୭/୧୨୬୩/୧୮୦୨, ପରିମିତ କ୍ଷେତ୍ର: ୪.୦୧୦ଏକର, ଖାତା ନଂ.: ୪୨୧, ଉଭୟ ପରିମିତ କ୍ଷେତ୍ର: ୧୨ ଏକର, ମୌଜା: ଶଙ୍କରପୁର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ସବ୍-ରେଜିଷ୍ଟ୍ରାର: ଖଣ୍ଡଗିରି, ଆବାସିକ ଆପାର୍ଟମେଣ୍ଟ ଟାୱାର ନଂ.: ୦୦୯, ତଳ ମହଲା, ଫ୍ଲାଟ୍ ନଂ.: ୦୨, କ୍ଷେତ୍ର: ୧୦୯୯ ବର୍ଗଫୁଟ, ଟାଟା ଆରିଆନା ପ୍ରକଳ୍ପ, ଭୁବନେଶ୍ୱର | ତା.୧୩.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ସହିତ ଟ.୪୬,୨୦,୭୦୮/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୪.୦୧.୨୦୨୦ / ୧୮.୦୩.୨୦୨୦ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୯.୦୩.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଅସୁସ୍ଥ ସରକାରୀ କର୍ମଚାରୀଙ୍କୁ ୧୪ ଦିନ ଛୁଟି

## କୋଭିଡ୍-୧୯ ସଚେତନତା

- ଜାରି ହେଲା ଆଉ ଏକ ଗାଇଡ୍‌ଲାଇନ୍
- ଘରେ ରହି କାର୍ଯ୍ୟ କରିବାକୁ ବେସରକାରୀ ସଂସ୍ଥା କର୍ମଚାରୀଙ୍କୁ ପରାମର୍ଶ
- ସେଲୁନ, ସ୍ପା, ବିୟୁଟି ପାର୍ଲର ବନ୍ଦ
- ପୋଖରୀ ପାଣି ବ୍ୟବହାର କରିବା ମନା
- ସାମାନ୍ୟ ଅସୁସ୍ଥ ଥିଲେ ଡାକ୍ତରଖାନା ନ ଯିବାକୁ ପରାମର୍ଶ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

କରୋନା(କୋଭିଡ୍-୧୯)ର ଭୟାବହତା ସମଗ୍ର ବିଶ୍ୱକୁ ଥରହର କରିଛି। ଏହି ମାରାତ୍ମକ ଭୂତାଣୁ କବଳରୁ ବଞ୍ଚିବାର ଏକମାତ୍ର ଉପାୟ ସଚେତନତା। ରାଜ୍ୟ ସରକାର ପ୍ରତିକାର ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା ପରେ ସରକାର କର୍ମଚାରୀଙ୍କ ପାଇଁ ସତର୍କତା ଜାରି କରିଛନ୍ତି। ଯଦି କୌଣସି ସରକାରୀ କର୍ମଚାରୀଙ୍କୁ ଥଣ୍ଡା, କାଶ କିମ୍ବା ଜ୍ୱର ହୁଏ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୪ ଦିନ ଛୁଟି ମିଳିବ। ଏହି ସୂଚନା ଦେଇଛନ୍ତି ସାଧାରଣ ପ୍ରଶାସନ ବିଭାଗ ସଚିବ ସଞ୍ଜୀବ ଚୋପ୍ରା। ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ପାଇଖାନା, ଦପ୍ତର ସମେତ ସବୁ ସ୍ଥାନକୁ ଜୀବାଣୁମୁକ୍ତ ରଖିବା ପାଇଁ ସମସ୍ତ ବିଭାଗକୁ ଏ ନେଇ ସୂଚନା ଦିଆଯାଇଛି ବୋଲି ଚୋପ୍ରା କହିଛନ୍ତି।

ରାଜ୍ୟ ସରକାର ସାମାଜିକ କଟକଣା ନେଇ ଆଉ ଏକ ଗାଇଡଲାଇନ୍ ଜାରି କରିଛନ୍ତି। ସାମାଜିକ ଦୂରତ୍ୱ ନେଇ ନିଜ ବିଭାଗର ଯଦି କୌଣସି ପ୍ରସ୍ତାବ ଥିବ ତେବେ ତାହା ଜଣାଇବାକୁ ସମସ୍ତ ବିଭାଗ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ନିଜର ପ୍ରସ୍ତାବ ସୋସିଆଲ ଡିଷ୍ଟାନ୍ସିଂ କମିଟି ମୁଖ୍ୟ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ନିକଟକୁ ପଠାଇପାରିବେ। ଯେଉଁ ସରକାରୀ କର୍ମଚାରୀ ବିଦେଶରୁ ଫେରି ମାର୍ଚ୍ଚ ୪ ତାରିଖ ପରେ ଘରେ ନିଜ ପରିବାର ସହ ରହୁଛନ୍ତି, ସେମାନଙ୍କୁ ମଧ୍ୟ ୧୪ ଦିନ ଛୁଟି ଦିଆଯିବ। ଏହି ସମୟସୀମାଠାରୁ ଯଦି ଅଧିକ ଦରକାର ପଡ଼ିବ ତେବେ ସେସବୁକୁ ମଧ୍ୟ ସାଧାରଣ ଛୁଟି ଭାବେ ଗଣାଯିବ। ସେହିପରି ଘରୋଇ କର୍ମଚାରୀମାନଙ୍କୁ ନିଜ ଘରେ ରହି କାର୍ଯ୍ୟ କରିବା ପାଇଁ ଅନୁମତି ଦେବାକୁ ଘରୋଇ ତଥା ବେସରକାରୀ ସଂସ୍ଥାଗୁଡ଼ିକୁ ସରକାର ପରାମର୍ଶ ଦେଇଛନ୍ତି। ଜେଲରେ ରହୁଥିବା କଏଦୀ ଏବଂ କର୍ମଚାରୀଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବାକୁ ପରାମର୍ଶ ଦିଆଯାଇଛି। ଜେଲ୍ ପରିସରରେ ସମସ୍ତ କବାଟ, ଗେଟ୍, ରେଲିଂ, ଡୋର୍ ହ୍ୟାଣ୍ଡେଲ ଆଦିକୁ ସୋଡିୟମ ହାଇପୋକ୍ଲୋରାଇଟରେ ନିୟମିତ ବ୍ୟବଧାନରେ ସଫା କରିବାକୁ କୁହାଯାଇଛି। ଯାନବାହନ ଆଦି ସଫା ରଖିବା ସହ ଜ୍ୱର, ସର୍ଦ୍ଦି ହୋଇଥିଲେ ଜେଲ କର୍ମଚାରୀଙ୍କୁ କାର୍ଯ୍ୟ ନ କରିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି କଏଦୀଙ୍କୁ ଜ୍ୱର, କାଶ ଥଣ୍ଡା ହୁଏ ତୁରନ୍ତ ତାଙ୍କୁ ଏକାକୀ ଗୋଟିଏ ରୁମ୍‌ରେ ରଖିବାକୁ ପରାମର୍ଶ ଦିଆଯାଇଛି। ଜେଲ ପରିସରକୁ କୌଣସି ପରିଦର୍ଶକ, ଦଳ କିମ୍ବା ଏନ୍‌ଜିଓକୁ ପ୍ରବେଶ ପାଇଁ ବାରଣ କରାଯାଇଛି। ମଦ ଦୋକାନରେ ଭିଡକୁ ହ୍ରାସ ପାଇଁ ଗାଇଡ୍‌ଲାଇନ୍‌ରେ ପରାମର୍ଶ ଦିଆଯାଇଛି। ଗ୍ରାହକମାନେ ୧ ମିଟର ପର୍ଯ୍ୟନ୍ତ ଦୂରତାରେ ଧାଡିରେ ଛିଡ଼ା ହେବେ। କରୋନା ସମ୍ପର୍କରେ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀକୁ ମଦ ଦୋକାନ ମାଲିକ ଦୋକାନ ସମ୍ମୁଖରେ ଝୁଲାଇବେ। ଦୋକାନ କର୍ମଚାରୀ ନିଜ ହାତକୁ ସାନିଟାଇଜର ମାଧ୍ୟମରେ ସଫା କରିବେ। ଜରୁରୀ ନ ଥିଲେ ଡାକ୍ତରଖାନାକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଜରୁରିକାଳୀନ ରୋଗୀଙ୍କ ବ୍ୟତୀତ ଅନ୍ୟ ରୋଗୀମାନେ ଆଉଟ୍‌ଡୋରରେ ଭିଡ ନ ଜମାଇବାକୁ କୁହାଯାଇଛି। ଦାନ୍ତ ଚିକିତ୍ସା ସମେତ ଅନ୍ୟାନ୍ୟ ସାମାନ୍ୟ ଅସୁସ୍ଥତା ପାଇଁ ଡାକ୍ତରଖାନା ନ ଯିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ସେଲୁନ୍, ବିୟୁଟି ପାର୍ଲର ଏବଂ ସ୍ପା ବନ୍ଦ କରିବା ନିର୍ଦ୍ଦେଶ ଦିଆଯାଇଛି। ଏଗୁଡ଼ିକରେ ଗ୍ରାହକମାନେ ବସିବାକୁ ୧ ମିଟର ଦୂରତା ନ ଥିବାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେଗୁଡିକୁ ବନ୍ଦ ରଖିବାକୁ କୁହାଯାଇଛି। ପୋଖରୀ କିମ୍ବା ଡ୍ରେନରେ ଗାଧୋଇବା କିମ୍ବା ବ୍ୟବହାର ଉପରେ କଟକଣା ଲଗାଯାଇଛି। ପୋଖରୀର ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଗ୍ରାମପଞ୍ଚାୟତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପରିବର୍ତ୍ତେ ଲୋକମାନେ ନଳକୂପ ଓ ପାଇପ୍ ପାଣି ବ୍ୟବହାର କରିବାକୁ କୁହାଯାଇଛି। ଜ୍ୱର, କାଶ ହେଉଥିଲେ ନଳକୂପରୁ ପାଣି ନ ନେବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ରାଜ୍ୟ ସରକାର କଟକଣା ଲଗାଇଛନ୍ତି। ସମସ୍ତ ମ୍ୟୁଜିୟମ, ଲାଇବ୍ରେରି, ଥିଏଟର ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏ ବନ୍ଦ ରଖିବାକୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଣ୍ଡି ଖାଇ !**
**ଗୋଡ଼ରେ ପଡ଼ିଲେ ଯାଏ ଗାଧୋଇ ।**

ହାଣ୍ଡିରୁ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ମହିଳା ଗୋଡ଼ରେ ଅଇଁଠା ଲାଗିବାରୁ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ କଥା ହୋଇଥାଏ। ପରୋକ୍ଷରେ ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ଏକ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟସ୍ତବିବ୍ରତ ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତେ ଲମ୍ବରେ ଓଢ଼ଣା ପଡ଼ିଛି,**
**ଗାଁ ମୁଣ୍ଡ ଯାଏ ତୁଣ୍ଡ ଶୁଭୁଛି ।**


ଝିଅଟି ଯେବେ ବୋହୂ ହୋଇ ଶାଶୁଘରକୁ ଆସେ ସେତେବେଳେ ସେ ଓଢ଼ଣା ପକେଇ ରହିଥାଏ, କାହା ସହ ଉଚ୍ଚ ସ୍ୱରରେ କଥା ହୋଇ ନ ଥାଏ, ଯାହାକି ତା'ର ଲଜ୍ଜାଶୀଳା ଗୁଣକୁ ସୂଚାଉଥାଏ। ଲଜ୍ଜା ନାରୀର ଭୂଷଣ ହୋଇଥିବା ବେଳେ କେତେଜଣ ନାରୀ ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇବାର ଭୁଲ୍ କରିବସିଥାନ୍ତି। ଫଳରେ ନିଜ ଶାଳୀନତା ହରାଇ ବସି ସମାଜରେ ନିନ୍ଦିତ ହୋଇପଡ଼ିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପଞ୍ଜାବରୁ ଫେରିଲେ ୧୪୦ ଓଡ଼ିଆ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୯।୩(ବ୍ୟୁରୋ): କରୋନା ଯୋଗୁ ପଞ୍ଜାବର ଭଟିଣ୍ଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଫସିରହିଥିବା ଓଡିଆ ଛାତ୍ରୀଛାତ୍ରମାନେ 'ଓଡିଶା ମୋ ପରିବାର' ସହାୟତାରେ ଓଡିଶା ଫେରିଛନ୍ତି। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ତାଙ୍କ ନିର୍ବାଚନମଣ୍ଡଳୀର ୫ଜଣ ଛାତ୍ରଙ୍କ ସହିତ ଓଡିଶାର ମୋଟ୍ ୧୪୦ ଛାତ୍ରୀଛାତ୍ର ଉପରୋକ୍ତ ବିଶ୍ୱବିଦ୍ୟାଳୟରେ ଫସି ରହିଥିବା ଓଡିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣିବା ସହିତ ସେମାନଙ୍କୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଏହା ଜଣାପଡିବା ପରେ ତୁରନ୍ତ ଘଟଣା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରୁ ଅବଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ ନୂଆଦିଲ୍ଲୀଠାରେ ଥିବା ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରବିକାନ୍ତଙ୍କୁ ଏ ଦିଗରେ ପଦକ୍ଷେପ ନେବାପାଇଁ କୁହାଯିବା ପରେ ସେ ତୁରନ୍ତ ରେଳବାଇ ବୋର୍ଡ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଏହି ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଫେରିବା ପାଇଁ ସୁରକ୍ଷିତ ବ୍ୟବସ୍ଥା କରିବାକୁ କହିଥିଲେ। ଓଡ଼ିଶା ଫେରିବା ପାଇଁ ୩୫ଜଣ ଛାତ୍ରୀଙ୍କ ସହିତ ମୋଟ୍ ୬୯ଜଣଙ୍କ ଲାଗି ମାର୍ଚ୍ଚ ୧୭ ତାରିଖରେ ଭଟିଣ୍ଡାରୁ ନୂଆଦିଲ୍ଲୀ ରେଳଷ୍ଟେଶନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବସ ବ୍ୟବସ୍ଥା ହୋଇଥିଲା। ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରବିକାନ୍ତ ନିଜେ ବ୍ୟକ୍ତିଗତ ଭାବେ ନୂଆଦିଲ୍ଲୀ ରେଳଷ୍ଟେଶନରେ ଉପସ୍ଥିତ ରହି ଛାତ୍ରୀଛାତ୍ରମାନେ ଆସିବାକୁ ଥିବା ବଗିକୁ ସାନିଟାଇଜ କରାଇଥିଲେ। ଛାତ୍ରୀଛାତ୍ରମାନେ ପୁରୁଷୋତ୍ତମ ଏକ୍ସପ୍ରେସରେ ଆସି ଗୁରୁବାର ସକାଳ ୪ଟା ୨୦ରେ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ଓଡିଶା ମୋ ପରିବାରର ଆବାହକ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ସେମାନଙ୍କୁ ସ୍ୱାଗତ କରିଛନ୍ତି। ଶେଷରେ ସେମାନଙ୍କୁ ସତର୍କ ହୋଇ ରହିବାକୁ ପରାମର୍ଶ ଦିଆଯାଇ ଘର ଅଭିମୁଖେ ଯାତ୍ରା କରିଛନ୍ତି।

# କରୋନା: ୬୧ରୁ ୬୦ ନମୁନା ନେଗେଟିଭ୍


ସୁବ୍ରତୋ ବାଗ୍‌ଚୀ

- ସୂଚନା ଦେଲେ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ
- ସମସ୍ତ ଧାର୍ମିକସ୍ଥଳୀରେ ପ୍ରବେଶ କଟକଣା
- ଚିକିତ୍ସାରେ ସହଯୋଗ କରୁଛନ୍ତି ଏକମାତ୍ର ସଂକ୍ରମିତ
- ସଂକ୍ରମିତ ବାପାଙ୍କ ନମୁନା ନେଗେଟିଭ, ଭଉଣୀ ମଧ୍ୟ ବିପଦମୁକ୍ତ
- ସାରା ରାଜ୍ୟରେ ୩୧୮୩ ଆଇସୋଲେଶନ୍
- ଗ୍ରାମାଞ୍ଚଳରେ ୭,୧୭୬ ଅସ୍ଥାୟୀ ଚିକିତ୍ସା ଶିବିର

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ରାଜ୍ୟରେ ନୂତନ ଭାବେ କୌଣସି କରୋନା ପଜିଟିଭ୍ ମିଳି ନାହିଁ। ଏଯାବତ୍ ପରୀକ୍ଷା କରାଯାଇଥିବା ୬୧ଟି କରୋନା ନମୁନା ପରୀକ୍ଷା ମଧ୍ୟରୁ ୬୦ ନେଗେଟିଭ ରହିଛି। ମାତ୍ର ଜଣେ ପଜିଟିଭ୍ ଥିବା କିଛିଦିନ ପୂର୍ବେ ଚିହ୍ନଟ ହୋଇଥିଲେ। ବୁଧବାର ୫ ନମୁନା ପରୀକ୍ଷା କରାଯାଇଥିଲା। ଏହା ନେଗେଟିଭ୍ ଆସିଛି। ଗୁରୁବାର ଅପରାହ୍ନ ୨ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଏକମାତ୍ର କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୨୩ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଡାକ୍ତରଖାନାରେ ଆଇସୋଲୋଶନ୍‌ରେ ରଖାଯାଇଛି। କରୋନା ସମ୍ପର୍କରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ରାଜ୍ୟର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଚିକିତ୍ସାରେ ବ୍ୟକ୍ତିଜଣଙ୍କ ଡାକ୍ତରଙ୍କୁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ସେ ଠିକ୍ ଭାବେ ଖାଇବା ପିଇବା ଜାରି ରଖିଥିବା ଜଣାପଡିଛି। କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ତାଙ୍କର କୌଣସି ପରିବାର ସଦସ୍ୟ ଏଥିରେ ଆକ୍ରାନ୍ତ ହୋଇ ନାହାନ୍ତି। ତାଙ୍କ ପିତାଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ନେଗେଟିଭ୍ ଆସିଛି। ସେହିପରି ତାଙ୍କ ଭଉଣୀଙ୍କଠାରେ ମଧ୍ୟ ସଂକ୍ରମଣର କୌଣସି ଲକ୍ଷଣ ଦେଖାଯାଇନାହିଁ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ୩୧୮୩ ଆଇସୋଲେଶନ୍ ବେଡ୍ ପ୍ରସ୍ତୁତ ଅଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ହେଲ୍ପ ଲାଇନ୍‌କୁ ୧୨,୨୬୮ କଲ୍ ଆସିଛି। ଗୁରୁବାର ଅପରାହ୍ନ ୨ଟା ସୁଦ୍ଧା ୨୬୨୬ ବିଦେଶ ଫେରନ୍ତାଙ୍କ ନାମ ପଞ୍ଜୀକୃତ ହୋଇସାରିଛି। ସହରାଞ୍ଚଳରେ ୪୫୦ କୋଠା ଚିହ୍ନଟ କରାଯାଇଛି ଯେଉଁଥିରେ କି ୫୧,୧୬୦ ଜଣ ବ୍ୟକ୍ତି ଏହାର ସୁବିଧା ନେଇପାରିବେ। ରାଜ୍ୟର ୬,୭୯୮ ଗ୍ରାମପଞ୍ଚାୟତରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କି ରାଜ୍ୟର ୨,୩୭,୦୦୦ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିବା ବାଗ୍‌ଚୀ କହିଥିଲେ। ସେହିଭଳି ସରକାରଙ୍କ ପକ୍ଷରୁ ବୁଧବାର ଧର୍ମାନୁଷ୍ଠାନଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଥିଲା। ରାଜ୍ୟର ଜିଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ସମସ୍ତ ଧର୍ମାନୁଷ୍ଠାନ ଗୁଡ଼ିକ ପାଇଁ ମଧ୍ୟ ସେହିଭଳି ମାର୍ଗଦର୍ଶିକା ବଳବତ୍ତର ରଖିବାକୁ ପରାମର୍ଶ ଦେଇଛନ୍ତି। ମନ୍ଦିର, ମସଜିଦ୍, ଗୀର୍ଜା ଓ ଗୁରୁଦ୍ୱାରାଗୁଡ଼ିକ ୨୦ମାର୍ଚ୍ଚ(ଶୁକ୍ରବାର)ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରବେଶକୁ ବାରଣ କରାଯାଇଛି। ହେଲେ ଏହି ସମୟରେ ଧାର୍ମିକ ରୀତିନୀତି ବିନା ପ୍ରତିବନ୍ଧକରେ ଚାଲୁରହିବ ବୋଲି ବାଗ୍‌ଚୀ କହିଛନ୍ତି। ରାଜ୍ୟର ୬୭୯୮ ଗ୍ରାମପଞ୍ଚାୟତରେ ୭,୧୭୬ ଅସ୍ଥାୟୀ ଚିକିତ୍ସା ଶିବିର ସ୍ଥାପନ ହୋଇଛି। ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଉଥିବା ମୋଟ ୪୮,୩୮,୫୪୮ ହିତାଧିକାରୀଙ୍କୁ ଅଗ୍ରିମ ସହାୟତା ପ୍ରଦାନ କରାଯାଇଛି। ଜରୁରିକାଳୀନ ସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଆବାସିକ କଲ୍ୟାଣ ସଂଘ (ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନ୍)ଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଦ୍ରବ୍ୟ ଓ ସାମଗ୍ରୀ ନେଇ ଚଳାଚଳ କରୁଥିବା ବସ୍, ଟ୍ରେନ୍ ଏବଂ ଗାଡ଼ିଗୁଡ଼ିକ ରାଜ୍ୟ ଭିତରେ କିମ୍ବା ଆନ୍ତଃରାଜ୍ୟ ସୀମାରେ ବନ୍ଦ ହେବ ନାହିଁ। ଏ ନେଇ ଶୁକ୍ରବାର ସରକାର କିଛି ନିଷ୍ପତ୍ତି ନେଇପାରନ୍ତି ବୋଲି ଜଣାପଡିଛି। କୁକୁଡ଼ା, କୁକୁଡ଼ା ଅଣ୍ଡା ସହ ଅନ୍ୟ କୁକ୍କୁଟଜାତ ଉତ୍ପାଦ ନିରାପଦ ଅଟେ। ଏହିସବୁ ପରିବହନ ଓ ବ୍ୟବହାର ସମୟରେ ଆବଶ୍ୟକ ପରିଚ୍ଛନ୍ନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

# ନକଲି ରିଲିଜ ଅର୍ଡର ବଳରେ ଜେଲରୁ ଖସିଗଲେ ୨ବନ୍ଦୀ

ବରଗଡ଼ ଅଫିସ,୧୯।୩

ନକଲି ରିଲିଜ ଅର୍ଡ଼ର ବଳରେ ବରଗଡ଼ ଉପ କାରାଗାର (ସବଜେଲ୍)ର ୨ଜଣ ବିଚାରାଧୀନ ବନ୍ଦୀ ମୁକ୍ତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ହେଲେ ଛତିଶଗଡ଼ ରାଜ୍ୟର ପ୍ରଦୀପ ଠାକୁର ଓ ସାହିଲ ଓରଫ ଉତ୍ତର କୁମାର ଖୁଟେ। ଏ ସମ୍ପର୍କରେ ସବ୍‌ଜେଲ ଅଧୀକ୍ଷକ ନୀଳିମା କୁଲୁଙ୍କୁ ପଚାରିବାରୁ ରିଲିଜ ଅର୍ଡ଼ର ମିଳିବା ପରେ ସେମାନଙ୍କୁ ସବ୍‌ଜେଲରୁ ମୁକ୍ତ କରାଯାଇଛି। ମାତ୍ର ସେହି ରିଲିଜ ଅର୍ଡ଼ର ଅସଲି ନା ନକଲି ଥିଲା, ଆମେ କିଭଳି ଜାଣିବୁ ବୋଲି କହିଥିଲେ। ସେହିପରି ସେମାନେ କିଭଳି ମୁକ୍ତ ହେଲେ ସେ ନେଇ କୋର୍ଟରୁ କିଛି ରିପୋର୍ଟ ମଗାଯାଇଛି କି ବୋଲି ପଚାରିବାରୁ ସବ୍‌ଜେଲ ଅଧୀକ୍ଷକ କୁଲୁ ତାକୁ ସ୍ୱୀକାର କରିଥିଲେ ଏବଂ ସେ ନେଇ ଆମେ କୋର୍ଟକୁ ଉତ୍ତର ଦେବୁ ବୋଲି କହିଥିଲେ ।

ସୂଚନା ଅନୁଯାୟୀ, ଜଣେ ଯୁବତୀଙ୍କୁ ଢ଼ାଲ କରି ଉକ୍ତ ଦୁଇ ଅଭିଯୁକ୍ତ ଛତିଶଗଡ଼ ରାଜ୍ୟ ଜାଞ୍ଜିର ଚାମ୍ପା ଜିଲା ଆମଗାଁ ନିବାସୀ ବିଷ୍ଣୁପ୍ରସାଦ ଚନ୍ଦ୍ରା(୩୭)ଙ୍କୁ ବରଗଡ଼ ସହରରୁ ଅପହରଣ କରି ୨୫ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ। ୨୦୧୯ ଜୁଲାଇ ୫ରେ ବରଗଡ଼ ଟାଉନ ଥାନା ପୋଲିସ ବିଷ୍ଣୁପ୍ରସାଦଙ୍କୁ ଉଦ୍ଧାର କରିବା ସହିତ ସମ୍ପୃକ୍ତ ଦୁଇ ଅପହର୍ତ୍ତାଙ୍କୁ ଗିରଫ କରିଥିଲା। ଗତବର୍ଷ ଜୁଲାଇ ୫ତାରିଖରୁ ଗିରଫ ଅଭିଯୁକ୍ତମାନେ ବରଗଡ଼ ସବ୍‌ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଗତ ୧୭ ତାରିଖରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ କୋର୍ଟରେ ହାଜର ହେବାର ଥିଲା। ମାତ୍ର ସେହିଦିନ ସେମାନେ କୋର୍ଟରେ ହାଜର ହୋଇ ପାରି ନ ଥିଲେ । ଅନ୍ୟପଟେ କୋର୍ଟରେ ମଧ୍ୟ ସେମାନଙ୍କ ରିଲିଜ (ମୁକ୍ତ) ନେଇ କିଛି ରେକର୍ଡ଼ ନ ଥିବା ଜଣାପଡ଼ିବା ପରେ ଘଟଣାଟି ପଦାକୁ ଆସିଥିଲା ।

# ୧୦ ଟ୍ରେନ୍ ବାତିଲ କଲା ପୂର୍ବତଟ ରେଳପଥ

- ନିୟମିତ ବୁକିଂ ସମୀକ୍ଷା ପରେ ପରବର୍ତ୍ତୀ ନିଷ୍ପତ୍ତି
- ୨୦ ରୁ ଟିକେଟ୍ ବୁକିଂ ରିହାତି ରଦ୍ଦ
- ଜରୁରୀ ନ ଥିଲେ ଟ୍ରେନ୍ ଯାତ୍ରା ନ କରିବାକୁ ପରାମର୍ଶ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଆବଶ୍ୟକତାଠାରୁ କମ୍ ସଂଖ୍ୟକ ଯାତ୍ରୀଙ୍କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଯାତାୟାତ କରୁଥିବା ୫ ଯୋଡ଼ା ଅର୍ଥାତ୍ ମୋଟ ୧୦ଟି ଟ୍ରେନ୍‌କୁ ବାତିଲ କରାଯାଇଛି। ମିଳିଥିବା ସୂଚନା ମୁତାବକ, ମାର୍ଚ୍ଚ ୨୩, ୨୫ ଓ ୩୦ ତାରିଖରେ ପୁରୀ-ହାୱଡ଼ା ଗରିବ ରଥ ଏକ୍ସପ୍ରେସ୍ ପୁରୀଠାରୁ ବାତିଲ୍ ହେବାକୁ ଥିବାବେଳେ ମାର୍ଚ୍ଚ ୨୪, ୨୬ ଓ ୩୧ ତାରିଖରେ ଏହା ହାୱଡ଼ା ପଟୁ ବାତିଲ ହେବ। ସେହିଭଳି ମାର୍ଚ୍ଚ ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର-ଧାନବାଦ ଗରିବ ରଥ ଏକ୍ସପ୍ରେସ୍ ଭୁବନେଶ୍ୱରଠାରୁ ଏବଂ ୨୧ରୁ ୩୦ ତାରିଖ ମଧ୍ୟରେ ଏବଂ ଏପ୍ରିଲ ପହିଲାରେ ଧାନବାଦଠାରୁ ବାତିଲ ହେବ। ମାର୍ଚ୍ଚ ୨୫ରେ ଭୁବନେଶ୍ୱର-ନୂଆଦିଲ୍ଲୀ ଦୂରନ୍ତୋ ଏକ୍ସପ୍ରେସ୍ ଭୁବନେଶ୍ୱରଠାରୁ ଓ ୨୬ ତାରିଖରେ ନୂଆଦିଲ୍ଲୀଠାରୁ ଏବଂ ମାର୍ଚ୍ଚ ୨୦ରୁ ୩୧ ତାରିଖ ମଧ୍ୟରେ ପୁରୀ-ହାୱଡ଼ା ଶତାବ୍ଦୀ ଏକ୍ସପ୍ରେସ୍‌କୁ ଉଭୟ ପୁରୀ ଓ ହାୱଡ଼ାଠାରୁ ବାତିଲ କରାଯାଇଛି। ମାର୍ଚ୍ଚ ୨୦ରୁ ୨୯ତାରିଖ ମଧ୍ୟରେ ତିରୁପତି-ବିଶାଖାପଟନମ୍ ଏକ୍ସପ୍ରେସ୍‌କୁ ତିରୁପତିଠାରୁ ଏବଂ ୨୧ରୁ ୩୦ତାରିଖ ମଧ୍ୟରେ ବିଶାଖାପଟନମ୍‌ଠାରୁ ବାତିଲ୍ କରାଯାଇଛି। ନିୟମିତଭାବେ ଯାତ୍ରୀମାନଙ୍କ ଟିକେଟ୍ ବୁକିଂକୁ ସମୀକ୍ଷା କରାଯାଉଥିବାବେଳେ ଯାତ୍ରୀଙ୍କ ସଂଖ୍ୟାକୁ ନଜରରେ ରଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

ବିଶାଖାପଟନମ୍-ସିକନ୍ଦରାବାଦ୍ ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପଟନମ୍‌ରୁ ମାର୍ଚ୍ଚ ୧୭, ୨୪ ଓ ୩୧ ତାରିଖରେ ବାତିଲ ହୋଇଥିବାବେଳେ ସିକନ୍ଦରାବାଦ୍‌ଠାରୁ ୧୮, ୨୫ ଓ ଏପ୍ରିଲ୍ ୧ରେ ବାତିଲ ହୋଇଛି। ମାର୍ଚ୍ଚ ୨୩ ଓ ୩୦ରେ ବିଶାଖାପଟନମ୍-ତିରୁପତି ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପଟନମ୍‌ଠାରୁ ଏବଂ ମାର୍ଚ୍ଚ ୨୪ ଓ ୩୧ରେ ତିରୁପତିରୁ ବାତିଲ ହୋଇଛି। ମାର୍ଚ୍ଚ ୧୮ ଓ ୨୫ରେ ସମ୍ବଲପୁର-ବନଶୱାଡ଼ି ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁରଠାରୁ ଏବଂ ୧୯ ଓ ୨୬ରେ ବନଶୱାଡ଼ିଠାରୁ ବାତିଲ ହୋଇଛି। ମାର୍ଚ୍ଚ ୧୯ ଓ ୨୬ରେ ଭୁବନେଶ୍ୱର-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରଠାରୁ ଏବଂ ୨୦ ଓ ୨୭ ତାରିଖରେ ସିକନ୍ଦରାବାଦରୁ ବାତିଲ ରହିବ। ପୁରୀ-ସାନ୍ତ୍ରାଗାଛି-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ୨୦ ଓ ୨୭ରେ ପୁରୀରୁ ଏବଂ ୨୧ ଓ ୨୮ରେ ସାନ୍ତ୍ରାଗାଛିଠାରୁ ବାତିଲ ରହିବ। ମାର୍ଚ୍ଚ ୨୪ ଓ ୩୧ରେ ଇନ୍ଦୋର-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଇନ୍ଦୋରଠାରୁ ଏବଂ ମାର୍ଚ୍ଚ ୨୫ ଓ ଏପ୍ରିଲ ୧ରେ ପୁରୀଠାରୁ ବାତିଲ ହେବ। ସାନ୍ତ୍ରାଗାଛି-ଚେନ୍ନାଇ ସ୍ୱତନ୍ତ୍ର ଟ୍ରେନ୍ ମାର୍ଚ୍ଚ ୨୦ ଓ ୨୭ରେ ସାନ୍ତ୍ରାଗାଛିରୁ ଏବଂ ୨୧ ଓ ୨୮ରେ ଚେନ୍ନାଇରୁ ବାତିଲ ରହିବ।

ଅନ୍ୟପକ୍ଷରେ କରୋନା ସଂକ୍ରମଣର ବ୍ୟାପକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଳୱେ ଛାତ୍ରୀଛାତ୍ର, ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କ ବ୍ୟତୀତ ମାର୍ଚ୍ଚ ୨୦ ତାରିଖ ରାତି ୧୨ଟାରୁ ଅନ୍ୟ ସମସ୍ତ ଯାତ୍ରୀଙ୍କ ସଂରକ୍ଷିତ ଏବଂ ଅସଂରକ୍ଷିତ ବର୍ଗର ଟିକେଟ୍ ବୁକିଂ ରିହାତିକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଆବଶ୍ୟକ ନ ଥିଲେ ଟ୍ରେନ୍‌ରେ ଯାତ୍ରା ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କମ୍ ଯାତ୍ରୀ ସଂଖ୍ୟା ଥିବା ୧୫୫ ଯୋଡ଼ା ଟ୍ରେନ୍‌କୁ ବାତିଲ କରିଦିଆଯାଇଛି। ଯାତ୍ରୀମାନଙ୍କୁ ଅସୁବିଧା ନ ହେବା ଲାଗି ଅନ୍ୟ ବିକଳ୍ପକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ବାତିଲ ହୋଇଥିବା ଟ୍ରେନ୍‌ର ଯାତ୍ରୀମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦେବାର ବ୍ୟବସ୍ଥା ହୋଇଛି। ସେହିପରି ଦେଶର ଦକ୍ଷିଣ ଭାଗରେ ଫଶି ରହିଥିବା ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଘରକୁ ଫେରିବାର ବ୍ୟବସ୍ଥା କରାଯାଇଛି। ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଅସୁସ୍ଥ ଅନୁଭବ କଲେ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପାଇଁ ତୁରନ୍ତ ରେଳ କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# 'ଓଡ଼ିଆକୁ ଛତିଶଗଡ଼ର ଦ୍ୱିତୀୟ ରାଜଭାଷା କର'

## ବାଘେଲାଙ୍କୁ ଚିଠି ଲେଖିଲେ ନିରଞ୍ଜନ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଛତିଶଗଡ଼ରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷା ଭାବେ ଗ୍ରହଣ କରିବା ପାଇଁ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଏହାକୁ ସମର୍ଥନ କରି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲାଙ୍କୁ ଏକ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଛତିଶଗଡ଼ରେ ଏକ କୋଟିରୁ ଅଧିକ ଲୋକଙ୍କ ମାତୃଭାଷା ଓଡ଼ିଆ। ଛତିଶଗଡ଼ ସରକାର ମଧ୍ୟ ପୂର୍ବ ଦାବି ଅନୁଯାୟୀ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାକୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ସେହିପରି ଛତିଶଗଡ଼ ହାଇକୋର୍ଟ ମଧ୍ୟ ସ୍ଥାନୀୟ ସରକାର ଓଡ଼ିଆ ଭାଷାଭାଷୀମାନେ ଯେପରି ଓଡ଼ିଆ ପଢ଼ି ପାରିବେ ସେଥିପାଇଁ ଆଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ରାଜ୍ୟ ଭଳି ଛତିଶଗଡ଼ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷା ଭାବେ ଘୋଷଣା କରିବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

FINANCE

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ବିନାୟକ ଶିକ୍ଷା ମନ୍ଦିର
ଶାନ୍ତି ଉଦ୍ୟାନ, ଖଡ଼ିପଦା, ପୁରୀ-୨
Ph: 8249836330, www.bsm.org.in
ନାମଲେଖା ବିଜ୍ଞାପନ
ବିନାୟକ ଶିକ୍ଷା ମନ୍ଦିର ୨୦୨୦-୨୧ ଶିକ୍ଷାବର୍ଷ ନିମନ୍ତେ ବିଦ୍ୟାଳୟର ପ୍ରବେଶ ଶ୍ରେଣୀ ଶିଶୁ ପ୍ରାରମ୍ଭରେ ନାମଲେଖା ଉଭୟ Online ଓ Offline ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରୁଛି। ଯେଉଁ ଛାତ୍ରଛାତ୍ରୀମାନେ ତା୦୨।୦୩।୨୦୨୦ଠାରୁ ତା୩୧।୦୩।୨୦୨୦ରିଖ ମଧ୍ୟରେ ନାମ ପଞ୍ଜୀକରଣ କରାନ୍ତି, ଉକ୍ତ ଛାତ୍ରଛାତ୍ରୀମାନେ RCFC-୨୦୦୯ ଶିକ୍ଷା ଅଧିକାର ଆଇନ ଅନୁସାରେ ୨୫% ସ୍ଥାନ ଉକ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଏଣୁ ଅନ୍ତିମ ତାରିଖ ପୂର୍ବରୁ ନାମ ପଞ୍ଜୀକରଣ କରାଇବା ଆବଶ୍ୟକ।
ବି.ଦ୍ର.: ପଞ୍ଜୀକରଣ ନିମନ୍ତେ ବିସ୍ତୃତ ବିବରଣୀ ବିଦ୍ୟାଳୟ ନୋଟିସ୍ ବୋର୍ଡରୁ ଦେଖିବା ଏକାନ୍ତ ଆବଶ୍ୟକ।
-ବିନାୟକ ଶିକ୍ଷା ମନ୍ଦିରର ପରିଚାଳକ

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

See Color Display Classified on every Tuesday & Friday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଶ୍ରୀଲଙ୍କାରେ ନିର୍ବାଚନ ବନ୍ଦ

କରୋନାକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା ସରକାର ଏପ୍ରିଲ ୨୫ରେ ହେବାକୁ ଥିବା ସଂସଦୀୟ ନିର୍ବାଚନକୁ ଗୁରୁବାର ଅନିର୍ଦ୍ଦିଷ୍ଟ କାଳ ଲାଗି ବାତିଲ କରିଦେଇଛନ୍ତି। ନିର୍ବାଚନ କମିଶନର ମହିନ୍ଦା ଦେଶପ୍ରିୟା ଏହି ସୂଚନା ଦେଇଛନ୍ତି। ୨୨୫ ଆସନ ବିଶିଷ୍ଟ ଶ୍ରୀଲଙ୍କା ପାର୍ଲାମେଣ୍ଟ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନାମାଙ୍କନପତ୍ର ଦାଖଲ ସରିଛି। ଶ୍ରୀଲଙ୍କାରେ ୫୦ କରୋନା ସଂକ୍ରମିତ ଚିକିତ୍ସାଧୀନ ଓ ୨୦୦ ସନ୍ଦିଗ୍ଧଙ୍କୁ ହସ୍ପିଟାଲରେ ରଖାଯାଇଛି।

# ଫାଶୀ ପାଇଁ ତିହାର ତିଆର

ନୂଆଦିଲ୍ଲୀ,୧୯।୩(ପି.ଟି.)

ନିର୍ଭୟା ଦୋଷୀଙ୍କୁ ଫାଶୀ ଦେବା ପାଇଁ ତିହାର ଜେଲ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ଥର ଲାଗି ତିହାର ଜେଲରେ ଏକସଙ୍ଗେ ୪ ଜଣ ଫାଶୀ ପାଇବାକୁ ଯାଉଛନ୍ତି। ମିରଟ୍‌ରୁ ଆସି ମଙ୍ଗଳବାର ତିହାର ଜେଲ୍‌ରେ ପହଞ୍ଚିଥିବା ଘାତକ ପବନ ଜହ୍ଲାଦ ଫାଶୀ ଦେବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ଜେଲର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଫାଶୀ ଦଉଡି ଓ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହା ପରେ ଡମି କରାଯାଇଥିଲା। ଅପରାଧୀଙ୍କ ଓଜନର


ପବନ ଜହ୍ଲାଦ

ଦେଢ଼ଗୁଣ ଓଜନବିଶିଷ୍ଟ ବାଲିବସ୍ତାକୁ ଫାଶୀ ଦଉଡିରେ ଝୁଲାଯାଇଥିଲା।

### କେଉଁମାନେ ଉପସ୍ଥିତ ରହିବେ

ଦିଲ୍ଲୀ ଜେଲ ନିୟମାବଳୀ, ୨୦୧୮ ଅନୁଯାୟୀ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ମେଡିକାଲର ଭାରପ୍ରାପ୍ତ ଅଫିସର, ଜେଲ୍ ମେଡିକାଲ ଅଫିସର, ଜିଲା ମାଜିଷ୍ଟ୍ରେଟ କିମ୍ବା ଅତିରିକ୍ତ ଜିଲା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଫାଶୀ ଦିଆଯିବ। ଏହି ସମୟରେ ଅନ୍ୟୁନ ୧୦ କନଷ୍ଟେବଲ, ୱାର୍ଡର, ଦୁଇଜଣ ହେଡ୍ କନଷ୍ଟେବଲ, ମୁଖ୍ୟ ୱାର୍ଡର କିମ୍ବା ସମାନ ସଂଖ୍ୟକ ଜେଲ ସୁରକ୍ଷା କର୍ମୀ ଉପସ୍ଥିତ ରହିବେ। ଫାଶୀ ସମୟରେ ଦୋଷୀଙ୍କ ପରିବାର ସଦସ୍ୟଙ୍କୁ ଦେଖିବା ପାଇଁ ଅନୁମତି ଦିଆଯିବ ନାହିଁ। ଯଦି ବନ୍ଦୀ ଚାହାନ୍ତି ତେବେ ତାଙ୍କ ଧର୍ମର ଜଣେ ପୂଜକଙ୍କୁ ଫାଶୀ ସମୟରେ ସେଠାରେ ଉପସ୍ଥିତ ରହିବାକୁ ଅନୁମତି ମିଳିପାରେ। ସେହିପରି ଫାଶୀ ସରିବା ପର୍ଯ୍ୟନ୍ତ ଜେଲ୍‌ର ଅନ୍ୟ ବନ୍ଦୀମାନଙ୍କୁ ସେମାନଙ୍କ ସେଲ୍‌ରେ ବନ୍ଦ କରି ରଖାଯିବ। ଫାଶୀ ପରେ ମୃତଦେହଗୁଡ଼ିକୁ ଜେଲ ପରିସରରୁ ହଟାଇଦିଆଯିବ।

### କିପରି ଦିଆଯାଏ ଫାଶୀ

ଜେଲ ନିୟମାବଳୀ ଅନୁଯାୟୀ ଫାଶୀର ୪ ଦିନ ପୂର୍ବରୁ ମେଡିକାଲ ଅଫିସର ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ସେମାନଙ୍କୁ କେତେ ଗଭୀର ପର୍ଯ୍ୟନ୍ତ ଝୁଲାଯିବ ତାହା ରିପୋର୍ଟରେ ଉଲ୍ଲେଖ କରାଯାଇଥାଏ। ମୃତ୍ୟୁଦଣ୍ଡ ପାଇବାକୁ ଥିବା ପ୍ରତି ଦୋଷୀଙ୍କ ପାଇଁ ଦୁଇଟି ଅତିରିକ୍ତ ଦଉଡି ରିଜର୍ଭ ରଖାଯାଇଥାଏ। ଯାଞ୍ଚ ସରିବା ପରେ ଦଉଡି ଓ ଅନ୍ୟାନ୍ୟ ସରଞ୍ଜାମକୁ ଇସ୍ପାତ୍ ବାକ୍ସରେ ତାଲା ପକାଇ ସିଲ୍ କରାଯାଏ। ଏହାକୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱରେ ରଖାଯାଇଥାଏ। ଫାଶୀ ଦିନ ସକାଳେ ସୁପରିଣ୍ଟେଣ୍ଡେଣ୍ଟ, ଜିଲାପାଳ ଓ ମେଡିକାଲ ଅଫିସରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସେଲ୍‌ରେ ବନ୍ଦୀଙ୍କୁ ଭେଟିଥାନ୍ତି। ଫାଶୀ ପାଇବାକୁ ଥିବା ବ୍ୟକ୍ତିଙ୍କର କୌଣସି ୱିଲ୍(ଇଚ୍ଛାପତ୍ର) ଥିଲେ ତାହାକୁ ସ୍ୱାକ୍ଷର କରାଯାଇ ସୁପରିଣ୍ଟେଣ୍ଡେଣ୍ଟ ଓ ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଆଟେଷ୍ଟେଡ୍ କରାଯାଇଥାଏ। ଫାଶୀଖୁଣ୍ଟ ପାଖକୁ ନିଆଯିବା ପୂର୍ବରୁ ଦୋଷୀଙ୍କ ମୁହଁକୁ କପଡ଼ାରେ ଆବୃତ କରାଯାଏ। ତେଣୁ ସେ ଫାଶୀଖୁଣ୍ଟକୁ ଦେଖିପାରେ ନାହିଁ। ୱାର୍ଡେନମାନେ ବନ୍ଦୀଙ୍କୁ ଧରି ରଖନ୍ତି ଓ ସୁପରିଣ୍ଟେଣ୍ଡେଣ୍ଟ ଇସାରା ଦେଲେ ଛାଡ଼ିଥାନ୍ତି। ଏହାପରେ ଘାତକ ବୋଲ୍ଟ ଟାଣିଥାନ୍ତି। ଫାଶୀ ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥାଏ। ମୃତଦେହକୁ ଶ୍ମଶାନ ପର୍ଯ୍ୟନ୍ତ ନେବା ଲାଗି ଆମ୍ବୁଲାନ୍ସ ଯୋଗାଇଦିଆଯାଇଥାଏ।

ଏହା ପୂର୍ବରୁ ୨୦୧୩ ଫେବୃୟାରୀ ୯ରେ ତିହାର ଜେଲରେ ଅଫଜଲ ଗୁରୁଙ୍କୁ ଫାଶୀ ଦିଆଯାଇଥିଲା। ଫାଶୀ ପରେ ତାଙ୍କୁ ଜେଲ ପରିସରରେ କବର ଦିଆଯାଇଥିଲା। ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଅଫଜଲଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା।



ତିହାର ଜେଲ୍

## ନିର୍ଭୟା ମାମଲା ଘଟଣାକ୍ରମ

**୨୦୧୨ ଡିସେମ୍ବର ୧୬:** ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଘରୋଇ ବସ୍‌ରେ ୬ ଜଣ ଗଣବଳାତ୍କାର କରିବା ସହ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ କରି ଚଳନ୍ତା ବସ୍‌ରୁ ଫିଙ୍ଗିଦେଇଥିଲେ। ପୀଡ଼ିତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

**ଡିସେମ୍ବର ୧୭:** ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସାରା ଦେଶରେ ଜୋର୍‌ଦାର ବିକ୍ଷୋଭ ହୋଇଥିଲା। ପୋଲିସ ଅଭିଯୁକ୍ତ ବସ୍ ଡ୍ରାଇଭର ରାମ ସିଂ, ତାଙ୍କ ଭାଇ ମୁକେଶ, ବିନୟ ଶର୍ମା ଓ ପବନ ଗୁପ୍ତାଙ୍କୁ ଚିହ୍ନଟ କରିଥିଲେ। ତା' ପରଦିନ ସେମାନଙ୍କୁ ଗିରଫ କରାଯାଇଥିଲା।

**ଡିସେମ୍ବର ୨୧:** ନାବାଳକ ଅଭିଯୁକ୍ତଙ୍କୁ ଆନନ୍ଦ ବିହାର ବସ୍ ଟର୍ମିନାଲରୁ ଧରାଯିବା ସହ ଷଷ୍ଠ ଅଭିଯୁକ୍ତ ଅକ୍ଷୟ ସିଂଙ୍କୁ ବିହାରର ଔରଙ୍ଗାବାଦ ଜିଲାରୁ ଗିରଫ କରାଯାଇଥିଲା।

**ଡିସେମ୍ବର ୨୫:** ନିର୍ଭୟାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସିଙ୍ଗାପୁରର ମାଉଣ୍ଟ ଏଲିଜାବେଥ ହସ୍ପିଟାଲକୁ ପଠାଯାଇଥିଲା। ଡିସେମ୍ବର ୨୯ରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

**୨୦୧୩ ଜାନୁୟାରୀ ୩:** ପୋଲିସ ୫ ସାବାଳକ ଅଭିଯୁକ୍ତଙ୍କ ବିରୋଧରେ ଅପହରଣ, ଗଣବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ, ଅପ୍ରାକୃତ ଅପରାଧ ଓ ଡକାୟତି ମାମଲାରେ ଚାର୍ଜଶିଟ ଦାଖଲ କରିଥିଲା।

**ମାର୍ଚ୍ଚ ୧୧:** ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିଲେ।

**ଜୁଲାଇ ୧୧:** ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ନାବାଳକ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲା ଓ ଅଗଷ୍ଟ ୩୧ରେ ୩ ବର୍ଷ ସୁଧାର ଗୃହକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲା।

**ସେପ୍ଟେମ୍ବର ୧୩:** ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ତଳକୋର୍ଟ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ସେମାନେ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**୨୦୧୪ ମାର୍ଚ୍ଚ ୧୫:** ହାଇକୋର୍ଟ ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିଥିଲେ।

**୨୦୧୭ ମେ ୫:** ସୁପ୍ରିମକୋର୍ଟ ୪ ଅପରାଧୀଙ୍କ ମୃତ୍ୟୁଦଣ୍ଡକୁ କାଏମ ରଖିଥିଲେ।

# 'ଦୁର୍ବଳ ଆଇନ ବ୍ୟବସ୍ଥା ପାଇଁ ବଳାତ୍କାର ବଢ଼ିଚାଲିଛି'

ନିର୍ଭୟା ଗଣବଳାତ୍କାର ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଏହାର ପ୍ରତିବାଦରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ମାସାଧିକ କାଳ ଧରି ବିକ୍ଷୋଭ ପ୍ରତିବାଦ ଲାଗି ରହିବା ପରେ ସରକାର ବଳାତ୍କାର ଆଇନକୁ କଠୋର କରିଥିଲେ। ଫଳରେ ଦେଶରେ ଆଉ ଯୌନ ହିଂସା ହେବନାହିଁ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଦେଶରେ ବଳାତ୍କାର, ଯୌନ ନିର୍ଯାତନା, ମହିଳାଙ୍କୁ ଜାଳିଦେବା ଭଳି ଘଟଣା ବଢ଼ିଚାଲିଥିବା ନାରୀ ଅଧିକାର କର୍ମୀ ଓ ଆଇନଜୀବୀମାନେ କହିଛନ୍ତି। ଦୁର୍ବଳ ଆଇନ ବ୍ୟବସ୍ଥା ଓ କର୍ତ୍ତୃପକ୍ଷଙ୍କୁ ଗୁରୁତ୍ୱ ଦେବାର ଭୁଲ୍ ପାଇଁ ଦେଶ ମହିଳାମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇ ରହି ନ ଥିବା ସେମାନେ ମତ ଦେଇଛନ୍ତି।

୨୦୧୨ ଡିସେମ୍ବର ୧୬ ନିର୍ଭୟା ଘଟଣା ପରେ ୨୦୧୩ ଜୁନ୍‌ରେ ପଶ୍ଚିମବଙ୍ଗର କାମଦୁନି, ଅଗଷ୍ଟରେ ମୁମ୍ବାଇର ଶକ୍ତି ମିଲ୍ ପରିସରରେ ବୀଭତ୍ସ ବଳାତ୍କାର ଘଟଣା ସାରା ଦେଶର ଗଣମାଧ୍ୟମରେ ଛାଇଯାଇଥିଲା। ଏହା ମଧ୍ୟରେ କଠୁଆଠାରୁ ଆରମ୍ଭ କରି ଉନ୍ନାଓ ପର୍ଯ୍ୟନ୍ତ ଅନେକ ଗଣବଳାତ୍କାର ଓ ହତ୍ୟା ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲେ ହେଁ ପୀଡ଼ିତାମାନଙ୍କୁ ନ୍ୟାୟ ମିଳିପାରି ନାହିଁ।



୨୦୧୨ ଡିସେମ୍ବରରେ ନିର୍ଭୟା ଗଣବଳାତ୍କାର ପରେ ନ୍ୟାୟ ଦାବିରେ ଦିଲ୍ଲୀରେ ବିକ୍ଷୋଭ।

ସ୍ଥିତିରେ ସୁଧାର ନ ଆସିବାର କାରଣ ହେଲା ଦୁର୍ବଳ ଆଇନ ବ୍ୟବସ୍ଥା ବୋଲି ଆଇନଜୀବୀ ବ୍ରିନ୍ଦା ଗ୍ରୋଭର କହିଛନ୍ତି। ନିର୍ଭୟା ମାମଲାର ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଫାଷ୍ଟଟ୍ରାକ୍ କୋର୍ଟକୁ ପାଖାପାଖି ୪ ବର୍ଷ ୬ ମାସ ସମୟ ଲାଗିଥିଲା। କାମଦୁନି ଓ ଶକ୍ତି ମିଲ୍ ଗଣବଳାତ୍କାର ମାମଲା ଏବେ ବି କୋଲକାତା ଓ ବମ୍ବେ ହାଇକୋର୍ଟରେ ବିଚାରାଧୀନ ରହିଛି। ଉପଯୁକ୍ତ ତଦନ୍ତ ନ ହେବା ଓ ପ୍ରମାଣ ଅଭାବରୁ ବଦାଉଁ ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ୨୦୧୮ କଠୁଆ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାରେ ୭ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରମାଣ ଅଭାବରୁ ଜଣକୁ ଦୋଷମୁକ୍ତ କରାଯାଇଥିଲା। ୩ ଜଣଙ୍କୁ ୨୫ ବର୍ଷ ଓ ଅନ୍ୟ ୩ ଜଣଙ୍କୁ ୫ ବର୍ଷ ଜେଲ୍‌ଦଣ୍ଡ ମିଳିଛି। ନାବାଳିକା ବଳାତ୍କାର ମାମଲାରେ ଭାଜପା ବିଧାୟକ କୁଲଦୀପ ସେନଗାରଙ୍କୁ ଗତ ଡିସେମ୍ବରରେ ଆଜୀବନ ଜେଲ୍‌ଦଣ୍ଡ ମିଳିଥିଲା।

### ପୁଅ ପାଇଁ ମାଆଙ୍କ ଶେଷ ଇଚ୍ଛା 'ପୁରି, ସବ୍‌ଜି, କଚୋରି'

ଫାଶୀ ପାଇବାକୁ ଯାଉଥିବା ନିର୍ଭୟା ଦୋଷୀ ବିନୟ ଶର୍ମାଙ୍କ ପାଇଁ ତାଙ୍କ ମାଆଙ୍କ ଶେଷ ଇଚ୍ଛା ହେଲା ସେ ପୁଅଙ୍କୁ ପୁରି, ସବ୍‌ଜି ଓ କଚୋରି ଖୁଆଇବେ। ଘାତକ ଫାଶୀ ପାଇଁ ପ୍ରସ୍ତୁତି ଶେଷ କରିବା ସହ ଦିଲ୍ଲୀ ହାଇକୋର୍ଟ ଜଣେ ଅପରାଧୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ବିନୟଙ୍କ କ୍ୟୁରେଟିଭ୍ ପିଟିଶନ ଜାନୁୟାରୀ ୧୪ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାବେଳେ ରାଷ୍ଟ୍ରପତି ଫେବୃୟାରୀରେ କ୍ଷମା ଆବେଦନକୁ ଖାରଜ କରିଥିଲେ। ବିନୟଙ୍କ ଘରେ ପହଞ୍ଚିଥିବା କେତେଜଣଙ୍କୁ ତାଙ୍କ ମାଆ କହିଥିଲେ, ଭଗବାନ ଚାହିଁଲେ ପୁଅକୁ ରକ୍ଷା କରିବେ। ସବୁକିଛି ଭଗବାନଙ୍କ ଇଚ୍ଛାରେ ହେଉଛି। କରୋନା ଭୂତାଣୁର ଉଦାହରଣ ଦେଇ ସେ କହିଥିଲେ, କିଏ ମରିବ ବା ବଞ୍ଚିବ ତାହା ମଣିଷ ହାତରେ ନାହିଁ। ତିହାର ଜେଲ୍ କର୍ତ୍ତୃପକ୍ଷ ପୁଅ ପାଇଁ ଖାଦ୍ୟ ନେଇଯିବା ଲାଗି ଅନୁମତି ଦେବେନାହିଁ। ଯଦି ସେମାନେ ଅନୁମତି ଦିଅନ୍ତେ ତେବେ ପୁଅ ପାଇଁ ପୁରି, ସବ୍‌ଜି ଓ କଚୋରି ନେଇ ଯାଆନ୍ତି ବୋଲି ବିନୟଙ୍କ ମାଆ କୋହଭରା କଣ୍ଠରେ କହିଥିଲେ।

## '୭ ବର୍ଷ ପରେ ଝିଅ ଆତ୍ମାକୁ ଶାନ୍ତି ମିଳିବ: ନିର୍ଭୟାଙ୍କ ମା'

ନୂଆଦିଲ୍ଲୀ,୧୯।୩(ପି.ଟି.)



୨୦୧୨ ନିର୍ଭୟା ମାମଲାର ୭ ବର୍ଷ ପରେ ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯାଉଛି। ଫାଶୀ ଘୁଞ୍ଚାଇବା ପାଇଁ ତିନି ଅପରାଧୀଙ୍କ ପିଟିଶନକୁ ପଟିଆଲା ହାଉସ୍ କୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ୭ ବର୍ଷ ପରେ ତାଙ୍କ ଝିଅର ଆତ୍ମାକୁ ଶାନ୍ତି ମିଳିବାକୁ ଯାଉଛି ଓ ତାଙ୍କୁ ନ୍ୟାୟ ମିଳିଲା ବୋଲି ନିର୍ଭୟାଙ୍କ ମା' ଆଶାଦେବୀ ଗୁରୁବାର କହିଛନ୍ତି। ୨୦୧୨ ଡିସେମ୍ବର ୧୬ରେ ଦକ୍ଷିଣ ଦିଲ୍ଲୀରେ ଘଟିଥିବା ବୀଭତ୍ସ ଗଣବଳାତ୍କାର ଘଟଣା ସାରା ଦେଶକୁ ଦୋହଲାଇ ଦେଇଥିଲା। ଡିସେମ୍ବର ୨୯ରେ ସିଙ୍ଗାପୁର ହସ୍ପିଟାଲରେ ପୀଡ଼ିତାଙ୍କର ମୃତ୍ୟୁ ଘଟିଥିଲା।

## କୋର୍ଟ ବାହାରେ ମୂର୍ଚ୍ଛା ଗଲେ ଅକ୍ଷୟଙ୍କ ସ୍ତ୍ରୀ

ନୂଆଦିଲ୍ଲୀ,୧୯।୩(ପି.ଟି.)

ନିର୍ଭୟା ମାମଲାର ଦୋଷୀ ଅକ୍ଷୟ କୁମାର ସିଂଙ୍କ ସ୍ତ୍ରୀ ପୁନୀତା ଦେବୀ ଗୁରୁବାର ପଟିଆଲା ହାଉସ୍ କୋର୍ଟ ବାହାରେ ମୂର୍ଚ୍ଛା ଯାଇଥିଲେ। ସେ ଓ ତାଙ୍କ ପୁଅ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ ପୁନୀତା ଦିନକ ପୂର୍ବରୁ ଛାଡ଼ପତ୍ର ପାଇଁ ବିହାରର ଏକ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ। ସେ ଜଣେ ବଳାତ୍କାରୀଙ୍କ ସ୍ତ୍ରୀର ପରିଚୟ ନେଇ ବଞ୍ଚିବାକୁ ଚାହାନ୍ତି ନାହିଁ ବୋଲି ତାଙ୍କ

### ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ

ଆବେଦନରେ ଉଲ୍ଲେଖ କରିଥିଲେ। ଗୁରୁବାର ସେ କହିଛନ୍ତି, ତାଙ୍କ ସ୍ୱାମୀ ନିର୍ଦ୍ଦୋଷ। ସେ ନ୍ୟାୟ ଚାହାନ୍ତି। ମୋତେ ମାରିଦିଅ, ମୁଁ ବଞ୍ଚିବାକୁ ଚାହେଁନା ବୋଲି ସେ କୋର୍ଟ ପରିସରରେ କାନ୍ଦି କାନ୍ଦି କହିଥିଲେ। ୭ ବର୍ଷ ହେଲା ଆମେ ପ୍ରତିଦିନ ମରୁଛୁ ବୋଲି ପୁନୀତା କହିବା ସହ ନିଜକୁ ନିଜେ ଚପଲରେ ପିଟିଥିଲେ।

# ଆଜି କମଲନାଥଙ୍କ ଭାଗ୍ୟ ପରୀକ୍ଷା

ନୂଆଦିଲ୍ଲୀ,୧୯।୩(ପି.ଟି.)

### ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ମଧ୍ୟପ୍ରଦେଶ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଶୁକ୍ରବାର ଡାକି ଅପରାହ୍ନ ୫ଟା ସୁଦ୍ଧା ଆସ୍ଥାଭୋଟ କରାଇବା ଲାଗି ସୁପ୍ରିମକୋର୍ଟ ଗୁରୁବାର ବାଚସ୍ପତି ଏନ୍.ପି. ପ୍ରଜାପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ କମଲନାଥ ସରକାରଙ୍କୁ ଶକ୍ତ ଝଟକା ଲାଗିଛି। କଂଗ୍ରେସ ସରକାର ରହିବ କି ନାହିଁ ତାହା କେବଳ ଆସ୍ଥାଭୋଟ ଉପରେ ନିର୍ଭର କରୁଛି। ରାଜନୈତିକ ଅନିଶ୍ଚିତତା ଦୂର କରିବାକୁ ହେଲେ ତୁରନ୍ତ ଅଧିବେଶନ ଡାକି ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ପଡ଼ିବ। ସଦସ୍ୟମାନେ ହାତ ଟେକି ସମର୍ଥନ ସମ୍ପର୍କରେ ସେମାନଙ୍କ ମତ ଜଣାଇବେ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଶିବରାଜ ସିଂ ଚୌହାନ ଏବଂ ମଧ୍ୟପ୍ରଦେଶ କଂଗ୍ରେସ ଦଳ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଦୁଇଦିନର ଶୁଣାଣିରେ ଅଦାଲତ ୮ଟି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ୨୦ ତାରିଖରେ ବିଧାନସଭା ଆରମ୍ଭ ହୋଇଥିଲେ ହେଁ ରାଜ୍ୟପାଳଙ୍କ ଅଭିଭାଷଣ ପରେ କରୋନା ସଂକ୍ରମଣ ଆଳ ଦେଖାଇ ବାଚସ୍ପତି ଗୃହକୁ ୨୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଆସ୍ଥା ଭୋଟ ପାଇଁ ରାଜ୍ୟପାଳ ଦୁଇଥର କହିବା ସତ୍ତ୍ୱେ ତାଙ୍କ କଥାକୁ ବାଚସ୍ପତି ରଖି ନ ଥିଲେ।

### [ଇତିହାସର ଆଇନାରେ] ମାର୍ଚ୍ଚ ୨୦ର ପ୍ରମୁଖ ଘଟଣା

୨୦୧୨ ମାର୍ଚ୍ଚ ୨୦ରେ ଇରାକର ୧୦ ସହରରେ ସିରିଜ ବୋମା ବିସ୍ଫୋରଣରେ ୫୨ ଲୋକ ପ୍ରାଣ ହରାଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୨୦୧୧ରେ ଆମେରିକା ସେନା ଚାଲିଯିବା ପରେ ଏଠାରେ କ୍ରମାଗତ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା।

୨୦୧୪ ମାର୍ଚ୍ଚ ୨୦ରେ ଆଫଗାନିସ୍ତାନର କାବୁଲସ୍ଥିତ ବିଳାସପୂର୍ଣ୍ଣ ସେରେନା ହୋଟେଲରେ ୪ ତାଲିବାନ ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେମାନେ ଗୁଳିମାଡ଼ କରିବାରୁ ୯ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ବିଦେଶୀ ଥିଲେ।

## ଶପଥ ନେଲେ ଗୋଗୋଇ

ଚଣ୍ଡିଗଡ଼, ୧୯।୩(ଆଇଏଏନ୍ଏସ୍) : ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଗୁରୁବାର ଶପଥ ଗ୍ରହଣ କରାଇଛନ୍ତି। ଶପଥଗ୍ରହଣ ବେଳେ ବିରୋଧୀ କଂଗ୍ରେସ ଓ ବାମପନ୍ଥୀ ନେତାମାନେ ହୋ ହଲ୍ଲା କରି କକ୍ଷତ୍ୟାଗ କରିବା ସହ ଗୋଗୋଇଙ୍କ ସଦସ୍ୟତାକୁ ବିରୋଧ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି, ନ୍ୟାୟପାଳିକାର ସର୍ବୋଚ୍ଚ ପଦରେ ଥିବା ଜଣେ ବ୍ୟକ୍ତିଙ୍କୁ ଭାଜପା ରାଜ୍ୟ ସଭା ଲାଗି ମନୋନୀତ କରିବା ଓ ସେହି ବ୍ୟକ୍ତି ଏଥିଲାଗି ସମ୍ମତି ଜଣାଇବା ଉଚିତ ନୁହେଁ। ମୋଦି ସରକାର ତାଙ୍କୁ ପୂର୍ବରୁ ବ୍ୟବହାର କରୁଥିଲେ ବୋଲି



ଏଥିରୁ ସୂଚନା ମିଳୁଛି। ରାଜନୈତିକ ସ୍ୱାର୍ଥ ଲାଗି ନ୍ୟାୟପାଳିକାକୁ ବ୍ୟବହାର କରାଯିବା ଆଦୌ ଉଚିତ ନୁହେଁ ବୋଲି ଅମରିନ୍ଦର ପ୍ରକାଶ କରିଛନ୍ତି। ଅବସର ଗ୍ରହଣ କରିବାର ୬ ମାସ ନ ପୂରୁଣୁ ରାଷ୍ଟ୍ରପତି ତାଙ୍କୁ ରାଜ୍ୟ ସଭାକୁ ମନୋନୀତ କଲେ। ପୂର୍ବତନ ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ର ଅବସର ନେବାର ଦୀର୍ଘବର୍ଷ ପରେ ରାଜ୍ୟ ସଭାକୁ ଯାଇଥିଲେ।

# କରୋନା ନେଲାଣି ୯ ହଜାର ଜୀବନ

ପ୍ୟାରିସ୍/ବେଜିଂ, ୧୯।୩

ସାରା ବିଶ୍ୱରେ କରୋନା ଭୂତାଣୁ ୯ ହଜାରରୁ ଊର୍ଦ୍ଧ୍ୱ ମୁଣ୍ଡ ନେଲାଣି। ଏବେ ମୃତ୍ୟୁସଂଖ୍ୟା ୯,୦୨୦ରେ ପହଞ୍ଚିଛି। ୟୁରୋପରେ ୪,୧୩୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏସିଆରେ ୩,୪୧୬ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନାର ଉତ୍ପତ୍ତି ସ୍ଥଳ ଚାଇନାରେ ଜଣେ ହେଲେ କରୋନା ସଂକ୍ରମିତ ହୋଇ ନ ଥିବା ଜଣାପଡ଼ିଛି। ହେଲେ ଏବେ ବି ସେଠାରେ ୬,୬୩୬ ବ୍ୟକ୍ତି ସଂକ୍ରମିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଗତ ଡିସେମ୍ବରରେ ପ୍ରଥମେ କରୋନା ଚାଇନାର ଉହାନ ସହରରୁ ମୃତ୍ୟୁର ତାଣ୍ଡବଲୀଳା ରଚିଥିଲା। ପରେ ଦେଶରେ ଏବେସୁଦ୍ଧା ୩,୨୪୫ ମୁଣ୍ଡ ନେଲାଣି ଏହି ଭୂତାଣୁ। ଏବେ ସ୍ଥିତିରେ ସୁଧାର ଆସିଥିଲେ ହେଁ ଭୟ କମିନାହିଁ। ଅନ୍ୟପକ୍ଷରେ ୟୁରୋପ ଏବେ ଏହି ମହାମାରୀର କେନ୍ଦ୍ରସ୍ଥଳ ପାଲଟିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୭୧୨ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। କରୋନା ଭୂତାଣୁ ଏଠାରେ ଅତି ଦ୍ରୁତଗତିରେ ସଂକ୍ରମଣ ହେଉଛି। ମୋଟ ୯୦,୨୯୩ ସଂକ୍ରମିତ ବ୍ୟକ୍ତି ଏଠାରେ ଚିହ୍ନଟ କରାଯାଇଥିବା ବେଳେ କୋକୁଆ ଭୟ ସୃଷ୍ଟିହୋଇଛି।

## ଘରେ କାମ କରିବେ ୫୦% କର୍ମଚାରୀ

ନୂଆଦିଲ୍ଲୀ, ୧୯।୩ : କରୋନା ପ୍ରକୋପ ବିଶ୍ୱକୁ ଥରହର କରିପକାଇଥିବା ବେଳେ ବିଭିନ୍ନ ଦେଶ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଭାରତରେ କରୋନା ମୃତ୍ୟୁକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ସମସ୍ତ ବିଭାଗ ଓ ରାଷ୍ଟ୍ରାୟତ୍ତ ଫାର୍ମର ୫୦% ମଧ୍ୟମ ଓ କନିଷ୍ଠ ଶ୍ରେଣୀ ଅଧିକାରୀ(ଗ୍ରୁପ-ବି, ସି)ମାନେ ଏପ୍ରିଲ ୪ ପର୍ଯ୍ୟନ୍ତ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକାଠି ମେଳି ବନ୍ଦକରିବା, ପରିବହନ ସଂଖ୍ୟା କମାଇବା ଦ୍ୱାରା କରୋନାକୁ ରୋକାଯାଇ ପାରିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। କରୋନା ସଂକ୍ରମଣକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍ୟ ସଂସ୍ଥାଗୁଡ଼ିକ ଏହାକୁ ଗ୍ରହଣ କରିପାରିବେ ବୋଲି କୁହାଯାଇଛି। ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କୁ କେନ୍ଦ୍ର ପକ୍ଷରୁ ନୋଟିସ ଜାରି କରାଯାଇ କର୍ମଚାରୀଙ୍କୁ ୫୦-୫୦ରେ ଭାଗକରି ପର୍ଯ୍ୟାୟ କ୍ରମେ ଘରେ କାମକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସପ୍ତାହକରେ ଥରେ ସମୟ ସାରଣୀରେ ପରିବର୍ତ୍ତନ କରାଯିବ ବୋଲି ଦର୍ଶାଯାଇଛି। ଅତିରିକ୍ତ ସଚିବ ସୁଜାତା ଚତୁର୍ବେଦୀଙ୍କ ଦସ୍ତଖତ ଥିବା ଏହି ବିଜ୍ଞପ୍ତିରେ ସମସ୍ତ ସରକାରୀ



### କରୋନା ଲାଗି କେନ୍ଦ୍ରର ନିର୍ଦ୍ଦେଶ

ମନ୍ତ୍ରଣାଳୟ, ବିଭାଗ, ପିଏମ୍‌ଓ, କ୍ୟାବିନେଟ ସଚିବ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗକୁ ଅବଗତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ସମ୍ପର୍କରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ପୂର୍ବରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ଓ କରୋନା ସଂକ୍ରମଣକୁ ରୋକିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଘରେ ରହି କାର୍ଯ୍ୟ କରୁଥିବା କର୍ମଚାରୀମାନେ ସେମାନଙ୍କ ଫୋନ ଓ ବୈଦ୍ୟୁତିକ ଯୋଗାଯୋଗ ମାଧ୍ୟମ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି। ଏଭଳି ପଦକ୍ଷେପ ଅନ୍ୟ କର୍ମଚାରୀଙ୍କ ପାଇଁ ଲାଗୁ କରାଯାଇ ପାରିବ ବୋଲି ଦର୍ଶାଯାଇଛି।



ବଲିଉଡ୍ ନାୟିକା ସୋନମ କପୁର କରୋନାରୁ ଦୂରେଇ ରହିବା ପାଇଁ ସେଲ୍ଫ ଆଇସୋଲେଶନରେ ଥିବା ଜଣାପଡିଛି। ନିକଟରେ ସେ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜାଙ୍କ ସହ ଲଣ୍ଡନରୁ ଫେରିଥିବା ବେଳେ ନିଜ ଘରେ ୧୪ ଦିନ ପାଇଁ ସେଲ୍ଫ ଆଇସୋଲେଶନରେ ଥିବା ଜଣାପଡିଛି। ଏବେ ସୋନମଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନା ଭାଇରସକୁ ନେଇ ଲୋକେ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରୁଥିବାରୁ ସୋନମ ନିଜକୁ ଆଇସୋଲେଶନରେ ରଖିବାକୁ ଠିକ୍ ଭାବିଥିବା ପ୍ରକାଶ କରିଛନ୍ତି।

# ଲକ୍ଷପତି କୁକୁର

**ଦରଭଙ୍ଗା:** ଦୁର୍ନୀତି, ବଡ଼ ଧରଣର ଟେଣ୍ଡର ଫିକ୍ସିଂକୁ ନେଇ ଜାତୀୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହିଥାଏ ବିହାର। ଅପରାଧୀମାନେ ବେଆଇନ ଭାବେ ଉପାର୍ଜନ କରୁଥିବା ଟଙ୍କାକୁ ବିଭିନ୍ନ ବାଟରେ ଖର୍ଚ୍ଚ କରିବା ଲାଗି ସୁଚିନ୍ତିତ ଯୋଜନା କରିଥାନ୍ତି। ଏପରି କି ନିଜର ପୋଷା ଜନ୍ତୁଙ୍କୁ ମହଣ ମହଣ ସୁନା ଅଳଙ୍କାରରେ ସଜାଇବା ଏଠାରେ ସାଧାରଣ କଥା। ତେବେ ବେଗୁସରାଇ ଅଞ୍ଚଳର ଆପରାଧିକ



କାର୍ଯ୍ୟକଳାପ ସହିତ ଜଡ଼ିତ ଜଣେ ବ୍ୟକ୍ତି ନିଜ ପୋଷା କୁକୁରକୁ ଅଢ଼େଇ ଲକ୍ଷ ଟଙ୍କାର ସୁନାଚେନ ପିନ୍ଧାଇ ରଖିବା ଘଟଣା ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି।

ସମ୍ପୂର୍ଣ୍ଣ ଘଟଣା ଏହିପରି, ମାର୍ଚ୍ଚ ୧୩ରେ ସ୍ଥାନୀୟ ନଗର ନିଗମ କାର୍ଯ୍ୟାଳୟ ପରିସରରେ ୪ଟି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାକୁ ହାତେଇବା ଲାଗି ଦୁଇ ଗୋଷ୍ଠୀ ଏକାଠି ହୋଇଥିଲେ। ତେବେ ଘଟଣାସ୍ଥଳ ହଠାତ୍ ପାଲଟିଯାଇଥିଲା ରଣକ୍ଷେତ୍ର। ସାମାନ୍ୟ ଗଣ୍ଡଗୋଳରୁ ଗୁଳିମାଡ଼ ଯାଏ କଥା ଯାଇଥିଲା। ଏଥିରେ ଗୋଟିଏ ପକ୍ଷର ୩ଜଣ ଗୁରୁତର ହୋଇଥିଲେ। ଘଟଣା ଘଟାଇବା ପରେ ଅପରାଧୀମାନେ ଫେରାର ହୋଇଯାଇଥିଲେ। ରତନପୁର ଥାନା ଅଞ୍ଚଳରେ କେତେଜଣ କୁଖ୍ୟାତ ଅପରାଧୀ ଅପରାଧ କରିବାକୁ ଷଡ଼ଯନ୍ତ୍ର କରୁଥିବା ସୂଚନା ପାଇ ପୋଲିସ ଅତର୍କିତ ଚଢ଼ାଉ କରିଥିଲା। ଏହି ସମୟରେ ଉକ୍ତ କୁକୁର ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲା। ତେବେ ଏଥିରେ କାହାରି କିଛି କ୍ଷତି ହୋଇନାହିଁ। ପରେ ପୋଲିସ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ କେତେଜଣ ଅପରାଧୀ ଧରାପଡ଼ିଥିଲେ। ଏହାପରେ ଉକ୍ତ କୁକୁର ବିଷୟରେ ଜଣାପଡ଼ିଥିଲା। କୁକୁରଟି ଅମିତ କୁମାର ସିଂଙ୍କର ବୋଲି ଜଣାପଡ଼ିଛି। ଅମିତଙ୍କ ନାମରେ ଅନେକ ମାମଲା ରହିଛି। ଅନେକ ସମୟରେ ଉକ୍ତ କୁକୁରଟି ଅମିତଙ୍କ ଜୀବନ ବଞ୍ଚାଇଛି। ତେଣୁ କୁକୁରଟିକୁ ଅମିତ ବହୁତ ଭଲ ପାଆନ୍ତି। ତେଣୁ ତାହାର ସ୍ୱତନ୍ତ୍ର ଯତ୍ନନେବା ସହ କୁକୁରକୁ ଏକ ସୁନା ନିର୍ମିତ ଚେନ ପିନ୍ଧାଇଛନ୍ତି।

ଗୋଟିଏ ପଟେ ଏହି ଘଟଣା ମାଲିକ-କୁକୁର ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ବଖାଣୁଥିବାବେଳେ ଅନ୍ୟପଟେ ଅପରାଧୀମାନେ କିପରି ନିଜର ଅବୈଧ ଟଙ୍କାକୁ ବିନିଯୋଗ କରୁଛନ୍ତି ତାହାର ନିଛକ ଚିତ୍ର ପଦାକୁ ଆସିଛି।

# ୩୬ ବର୍ଷରେ ପାଦ ଥାପିଲେ ତନୁଶ୍ରୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଗୁରୁବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୪ ମାର୍ଚ୍ଚ ୧୯ରେ ଜାମ୍‌ସେଦ୍‌ପୁରଠାରେ ଜନ୍ମଗ୍ରହଣ କରିଥିଲେ। ଅଭିନେତା ଇମରାନ୍ ହାସମୀଙ୍କ ସହିତ ଫିଲ୍ମ 'ଆସିକି ବନାୟା ଆପ୍‌ନେ'ରେ ଲିପ୍‌ଲକ୍ ସହିତ ଅନ୍ତରଙ୍ଗ ସିନ୍ ଦେଇ ବଲିଉଡ୍‌ରେ ସେ ଚର୍ଚ୍ଚା ପରିସରକୁ ଆସିଥିଲେ। ଏହାପରେ ତନୁଶ୍ରୀଙ୍କ ପଛରେ ଫିଲ୍ମ ନିର୍ମାତାଙ୍କ ଲାଇନ୍ ଲାଗିଯାଇଥିଲା। ନାନା ପାଟେକରଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ପରେ ତାଙ୍କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।

**ନାନାଙ୍କ ବିରୋଧରେ ଆଣିଥିଲେ ଅଭିଯୋଗ**



# ଏବେ ଅନ୍‌ଲାଇନ୍ ଦର୍ଶନ



**ଜୟପୁର:** କରୋନା ଭାଇରସ୍ ଯୋଗୁ ଏବେ ଆଇସୋଲେଶନ୍ ଉପରେ ବେଶୀ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ବିଭିନ୍ନ କମ୍ପାନୀ ବି ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଏବେ ଘରେ ରହି ଠାକୁରଙ୍କୁ ବି ଦର୍ଶନ କରିପାରିବେ। ରାଜସ୍ଥାନର ଜୟପୁରରେ ଏବେ ସବୁ ବଡ଼ ବଡ଼ ମନ୍ଦିରର ଠାକୁରଙ୍କୁ ଓ ଆଳତି ଦର୍ଶନ କରିପାରିବେ । ସଂକ୍ରମଣ କାରଣରୁ ମନ୍ଦିର ଖୋଲା ରହିଲେ ବି ଶ୍ରଦ୍ଧାଳୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଜୟପୁରର ପ୍ରସିଦ୍ଧ ମନ୍ଦିର ଗୋବିନ୍ଦ ଦେବଜୀ ମନ୍ଦିରରେ ପାଦୁକ, ତୁଳସୀ ଚରଣାମୃତ, ଗଙ୍ଗାଜଳ ବିତରଣକୁ ବି ବନ୍ଦ କରି ଦିଆଯାଇଛି। ମନ୍ଦିର ସମ୍ପର୍କରେ ଏହି ସବୁ ସୂଚନା ନେଇ ୨୫୦୦ ବ୍ୟାନର ସହରର ବିଭିନ୍ନ ସ୍ଥାନରେ ଲଗାଯାଇଛି ।

# ବିଦେଶରେ ବଢୁଛି ଭାରତୀୟ ଆମ୍ବ ଚାହିଦା

**ନୂଆଦିଲ୍ଲୀ:** ଫଳ ମଧ୍ୟରେ ରାଜା ଆମ୍ବ। ଭାରତୀୟ ଅର୍ଥନୈତିକ ବ୍ୟବସ୍ଥାରେ ପ୍ରମୁଖ ଅଙ୍ଗ କୁହାଯାଉଥିବା ଏହି ରସାଳ ସୁସ୍ୱାଦୁ ଫଳକୁ ନେଇ ସମସ୍ତଙ୍କ ମଧ୍ୟରେ ରହିଆସିଛି ଅହେତୁକ ଆକର୍ଷକ। ଗୁଣବତ୍ତା, ସ୍ୱାଦ, ପୌଷ୍ଟିକ ତତ୍ତ୍ୱ, ଆକର୍ଷଣୀୟ ରଙ୍ଗ ଏବଂ ଉପଯୋଗିତା ହିଁ ଏହାକୁ ଅନ୍ୟ ଫଳ ମଧ୍ୟରେ ସ୍ୱତନ୍ତ୍ର କରିଛି। କେବଳ ଦେଶ ଭିତରେ ନୁହେଁ, ବିଦେଶରେ ମଧ୍ୟ ଭାରତୀୟ ଆମ୍ବର ଖାସ୍ ଚାହିଦା ରହିଛି। ବିଶେଷକରି ଚାଇନା, ଅଷ୍ଟ୍ରେଲିଆ, ରୁଷିଆ ଭଳି ଦେଶ ଏବେ ଭାରତୀୟ ଆମ୍ବ ମୋହରେ ପଡ଼ିଛନ୍ତି। ଆମ୍ବର ବଢୁଥିବା ଏପରି ଲୋକପ୍ରିୟତା ଯୋଗୁ 'ରାଷ୍ଟ୍ରୀୟ ମ୍ୟାଙ୍ଗୋ ଡାଟାବେସ୍ ୱେବସାଇଟ୍' ପ୍ରସ୍ତୁତ କରାଯାଇଛି। ମାତ୍ର ଗୋଟିଏ ବର୍ଷରେ ଏଥିରେ ୩୪ ଲକ୍ଷ ୟୁଜର ଭିଜିଟ୍ କରିଛନ୍ତି, ଯେଉଁଥିରେ ୭ ଲକ୍ଷ ଭାରତୀୟ ଥିବାବେଳେ ଅବଶିଷ୍ଟ ୨୭ ଲକ୍ଷ ବିଦେଶୀ ଅଛନ୍ତି। ଭାରତୀୟ ଆମ୍ବ ପ୍ରତି ଆମେରିକାବାସୀଙ୍କ ମଧ୍ୟରେ ବିଶେଷ ରୁଚି ରହିଛି। ୬ଲକ୍ଷ ଆମେରିକୀୟ 'ରାଷ୍ଟ୍ରୀୟ ମ୍ୟାଙ୍ଗୋ ଡାଟାବେସ୍ ୱେବସାଇଟ୍'କୁ ହିଟ୍‌ସ୍ କରିଛନ୍ତି। ଏ ସଂକ୍ରାନ୍ତରେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସବ୍‌ଟ୍ରପିକାଲ ହର୍ଟିକଲଚର (ସିଆଇଏସ୍‌ଏଚ୍)ର ନିର୍ଦ୍ଦେଶକ ଶୈଳେନ୍ଦ୍ର ରାଜନ କୁହନ୍ତି, ରୁଷିଆ, ଅଷ୍ଟ୍ରେଲିଆ, ଚାଇନାର ଲୋକମାନେ ଅଧିକ ମାତ୍ରାରେ ୱେବ୍‌ସାଇଟ୍‌କୁ ଭିଜିଟ୍ କରିଛନ୍ତି। ଏଥିରୁ ଭାରତୀୟ ଆମ୍ବ ପ୍ରତି ରୁଚି ବଢୁଥିବା ଜଣାପଡିଛି। ମ୍ୟାଙ୍ଗୋ ଡାଟାବେସ୍‌ରେ ଭାରତର ବିଭିନ୍ନ ପ୍ରାନ୍ତରୁ ଉତ୍ପାଦନ କରାଯାଉଥିବା ୫୦୦ ପ୍ରଜାତିର ଆମ୍ବ ବିଷୟରେ ସୂଚନା ଉପଲବ୍ଧ ରହିଛି। ଏଥିସହ ଗୁଣାତ୍ମକ ଆମ୍ବ ଉତ୍ପାଦନ କରୁଥିବା ୪୫୦ ସଫଳ ଚାଷୀଙ୍କ ବିଷୟରେ ମଧ୍ୟ ତଥ୍ୟ ଉଲ୍ଲେଖ ରହିଛି। ସମ୍ପୃକ୍ତ ଚାଷୀମାନେ ଦଶନ୍ଧି ଦଶନ୍ଧି ଧରି ପାରମ୍ପରିକ ଉପାୟରେ ଆମ୍ବଚାଷ କରି ଆସୁଛନ୍ତି।



# ଆଣ୍ଟି କରୋନା ଜୁସ୍

**ଥିରୁଭାନନ୍ତପୁରମ୍:** ଆଣ୍ଟି କରୋନା ଜୁସ୍ ! ଏମିତି ଏକ ଜୁସ୍ ବିକ୍ରି ହେଉଛି କେରଳରେ । ଏହି ଜୁସ୍ ପିଇଲେ ଲାଭ ହେବ କି ନାହିଁ ତାହା ତ ପ୍ରମାଣିତ ହୋଇନାହିଁ, କିନ୍ତୁ ଏଭଳି ଏକ ନାଁରେ ଲୋକଙ୍କୁ ଠକୁଥିବା ବ୍ୟକ୍ତି ଜଣକ ଏବେ ଗିରଫ ହୋଇଛନ୍ତି । କରୋନା ଭାଇରସ୍‌କୁ ନେଇ ଏବେ ସାରା ବିଶ୍ୱ ଆତଙ୍କିତ ହୋଇଥିବାବେଳେ ବିଶେଷଜ୍ଞମାନେ ବି ଏପର୍ଯ୍ୟନ୍ତ ଏହାର ଔଷଧ ବାହାର କରିବାକୁ ସକ୍ଷମ ହୋଇନାହାନ୍ତି। କିନ୍ତୁ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କେରଳରେ ଜଣେ ବିଦେଶୀ ନାଗରିକ ଆଣ୍ଟି କରୋନା ଜୁସ୍ ବିକ୍ରି କରିବା ଆରମ୍ଭ କରି ଦେଇଛନ୍ତି । କେରଳର ଥିରୁବନନ୍ତପୁରମ୍‌ର ବର୍କଲାରେ ଏପରି ଏକ ଘଟଣା ଏବେ ଚର୍ଚ୍ଚାର କାରଣ ହୋଇଛି । ଏଠାରେ ଜଣେ ବ୍ରିଟିଶ୍ ନାଗରିକ ଏକ



କାଫେ ଚଳାଉଥିଲେ । କିନ୍ତୁ ଏବେ କରୋନା ଭାଇରସ୍ ଖବର ଆସିବା ପରେ ସେ ତାଙ୍କ କାଫେରେ ଆଣ୍ଟି କରୋନା ଜୁସ୍ ବିକିବା ଆରମ୍ଭ କରି ଦେଇଥିଲେ। ଏଇ ଜୁସର ଦାମ୍ ଲିଟର ପିଛା ୧୫୦ ଟଙ୍କା ରଖିଥିଲେ ଏବଂ ଦୋକାନ ଆଗରେ ବଡ଼ ବଡ଼ ଅକ୍ଷରରେ ବୋର୍ଡ ମଧ୍ୟ ଲଗାଇଥିଲେ। ଏଣୁ ସମ୍ପୃକ୍ତ ଦୋକାନୀଙ୍କ ପାଖରେ ଭିଡ଼ ବି ବଢ଼ି ଯାଇଥିଲା। ଏହି ଭିଡ ଖବର ପାଇ ପୋଲିସ୍ ପହଞ୍ଚି ଦୌକାନୀଙ୍କୁ ଗିରଫ କରିଛି । ତେବେ ଦୋକାନୀଙ୍କ କହିବା କଥା ହେଉଛି ସେ କେବଳ ଅଦା, ଲେମ୍ବୁ ଓ ଅଁଳାର ଜୁସ୍ ବିକ୍ରି କରୁଥିଲେ; କିନ୍ତୁ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଏପରି ନାଁ ଦେଇଥିଲେ ।

# କର୍ତ୍ତବ୍ୟ ପାଇଁ ଭୁଲିଗଲେ ବାପାଙ୍କୁ ହରାଇବାର ଦୁଃଖ

କରୋନା ସମଗ୍ର ବିଶ୍ୱରେ ମହାମାରୀ ରୂପ ଧାରଣ କରିଛି। ଏହାକୁ ମୁକାବିଲା କରିବା ପାଇଁ ସମସ୍ତେ ତତ୍ପର। ଭାରତରେ ମଧ୍ୟ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗରେ ଥିବା ଜଣେ ଆଇଏଏସ୍ ଅଧିକାରୀଙ୍କ କର୍ତ୍ତବ୍ୟ ଯଥେଷ୍ଟ ଅଧିକ ନିଶ୍ଚୟ। ହେଲେ ବାପାଙ୍କ ବିୟୋଗର ଦିନକ ପରେ କାର୍ଯ୍ୟରେ ଯୋଗଦେଇ ୧୯୯୩ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ନିକୁଞ୍ଜ ଧଳ ଏବେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ବାପାଙ୍କ ମୃତ୍ୟୁର ଦୁଃଖକୁ ପଛରେ ପକାଇ କର୍ତ୍ତବ୍ୟ ହିଁ ଆଗ ବୋଲି ସେ ପ୍ରମାଣିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଏଏସ୍ ଅଧିକାରୀ ଧଳ ଏବେ ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ରହିଛନ୍ତି। ହେଲେ ଗତ ସୋମବାର ବାପାଙ୍କ ପରଲୋକ ଘଟିଥିବାବେଳେ କରୋନାକୁ ମୁକାବିଲା କରିବା ଦିଗରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଅନୁଭବ କରି ସେ ଶେଷକୃତ୍ୟ ସାରି ମଙ୍ଗଳବାର ପୁଣି କାର୍ଯ୍ୟରେ ଯୋଗଦେଇଥିଲେ। ଧଳଙ୍କ ଘର ଯାଜପୁର ଜିଲାରେ ହୋଇଥିବାବେଳେ ସେ ସୋମବାର ଦିନକ ପାଇଁ ଛୁଟି ନେଇ ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଯାଇଥିଲେ। ନିଜ କର୍ତ୍ତବ୍ୟ ସାରି ୨୪ ଘଣ୍ଟା ମଧ୍ୟରେ ପୁଣି କରୋନା ମୁକାବିଲା ପାଇଁ କାର୍ଯ୍ୟରେ ଯୋଗଦେଇଥିଲେ। ଏଭଳି ଏକ ଦୁଃଖଦ ସମୟରେ ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦେଖାଇ ଧଳ ଏବେ ସବୁଠି ପ୍ରଶଂସାର ପାତ୍ର ହୋଇଛନ୍ତି। ଏ ନେଇ ଆଇଏଏସ୍ ଆସୋସିଏଶନ୍ ପକ୍ଷରୁ ଟୁଇଟ୍ କରାଯାଇଥିବାବେଳେ ଏଭଳି ଜଣେ ଅଧିକାରୀଙ୍କ ପାଇଁ ଗର୍ବ ଅନୁଭବ କରୁଥିବା ଅନେକ ଲୋକ ପ୍ରତିକ୍ରିୟା ରଖିଛନ୍ତି।



ଆଇଏଏସ୍ ଅଫିସର୍ ନିକୁଞ୍ଜ ଧଳ

# ବିଶ୍ୱ ପଖାଳ ଦିବସ



'ଆସ... ଜୀବନ ଧନ...ମୋର ପଖାଳ କଂସା,ସଜନୀରେ ତୋ ବିହୁନେ ଉଡ଼ିଲା ହଂସା...।' କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ରଚିତ ଏ ଗୀତ ପ୍ରତ୍ୟେକ ଓଡ଼ିଆ ଘରେ ବେଶ୍ ଆଦୃତ। ଆମ ଦେଶର କେତେକ ରାଜ୍ୟରେ ପଖାଳର ପ୍ରଚଳନ ଥିଲେ ମଧ୍ୟ ଓଡ଼ିଆଙ୍କ ପଖାଳ ସବୁଠୁ ସ୍ୱତନ୍ତ୍ର । ୨୦୧୨ରୁ ପୃଥିବୀର ବିଭିନ୍ନ ସ୍ଥାନରେ ୨୦ ମାର୍ଚ୍ଚରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଉଛି। ମୁଖ୍ୟତଃ ଓଡିଆମାନେ ଏହାକୁ ଭିନ୍ନ ଢଙ୍ଗରେ ପାଳନ କରୁଛନ୍ତି। ପଖାଳର ଲୋକପ୍ରିୟତା ବଢାଇବା ଲାଗି ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳ ଖାଇ ଗ୍ରୀଷ୍ମଋତୁକୁ ସ୍ୱାଗତ କରିଥାନ୍ତି। ନେପାଳ, ବାଂଲାଦେଶ ଏବଂ ମ୍ୟାନ୍‌ମାରର ଅନେକାଂଶରେ ସାଧାରଣଲୋକେ ପଖାଳ ଖାଇବା ମଧ୍ୟ ଦେଖାଯାଏ। ଓଡ଼ିଶାରେ ପଖାଳ ସହିତ ପଖାଳ କଂସା ବେଲା ପାରମ୍ପରିକ ଭାବେ ଜଡ଼ିତ।

# ପରମ୍ପରାରେ ପଖାଳ



ବହୁ ପ୍ରାଚୀନ କାଳରୁ ସାରା ଓଡ଼ିଶାରେ ପଖାଳ ଖାଇବା ପାଇଁ ବିଭିନ୍ନ କିସମର କଂସା ବା ପଖାଳ ବେଲା ବ୍ୟବହାର ହୋଇଆସୁଛି। ପଖାଳ ସାଧାରଣତଃ ଦୁଇ ପ୍ରକାର- ସଜ ପଖାଳ ଓ ବାସି ପଖାଳ। ପଖାଳ ଲାଳସାକୁ ନେଇ ଆମ ଢ଼ଗ ଢ଼ମାଳିରେ ଲେଖାଯାଇଛି-'ସକାଳ ପଖାଳ ଦହିକି, ଚିଙ୍ଗୁଡି ଶୁଖୁଆ ପୋଇକି'। ପଶ୍ଚିମ ଓଡ଼ିଶାରେ ଭାଇ ଜିଉନ୍ତିଆ ଓଷା ପରଦିନ ଭଉଣୀମାନେ ପଖାଳ ଖାଇବାର ପରମ୍ପରା ଅଛି। ଓଡ଼ିଶାର ଅନେକ ପ୍ରାନ୍ତରେ ଝିଅଟିଏ ବାହାଘର ପରେ ଶାଶୁଘରକୁ ଯିବା ପୂର୍ବରୁ ପାଖ ପଡ଼ୋଶୀ, ସୂର୍ଯ୍ୟବନ୍ଧୁମାନେ କନ୍ୟାକୁ ଘରକୁ ଡାକି ଖୁଆଇବାର ପରମ୍ପରା 'ତୋରାଣିଖିଆ' ଭାବେ ବେଶ୍ ଜଣାଶୁଣା।

ଆମ ପ୍ରାଚୀନ ପରମ୍ପରାରେ ପଖାଳ ବେଶ ମହତ୍ତ୍ୱ ରଖେ। ଶ୍ରୀମନ୍ଦିରରେ କାଳିଆ ଠାକୁରଙ୍କ ପାଖରେ ଲାଗୁଥିବା ଛପନ ଭୋଗ ମଧ୍ୟରେ ଦହିପଖାଳ ଅନ୍ୟତମ। ମଧ୍ୟାହ୍ନ ଧୂପ ଓ ବଡ଼ସିଂହାର ଭୋଗରେ ଦହିପଖାଳ, ଜିରାପଖାଳ, ମିଠାପଖାଳ (ସୁବାସ ପଖାଳ) ପ୍ରଭୁଙ୍କୁ ଅର୍ପଣ କରାଯାଏ। ପ୍ରତିଦିନ ବଳକା ଅବଢ଼ାକୁ ଦହିପଖାଳ କରି ଭକ୍ତଙ୍କୁ ଯେଉଁ ପ୍ରସାଦ ଭାବରେ ଦିଆଯାଏ ତାହାକୁ ଅବଢ଼ା ପଖାଳ କହୁ। ଆମ ଜଗନ୍ନାଥ ସଂସ୍କୃତିରେ ଟଙ୍କ ତୋରାଣି ବି ଏକ ପ୍ରକାର ପଖାଳ । ମାଣବସା ଗୁରୁବାର ଦିନ ଲକ୍ଷ୍ମୀଠାକୁରାଣୀଙ୍କ ପାଖରେ ପଖାଳ ଶାଗଭଜା ଭୋଗ ଦେବାର ପରମ୍ପରା ରହିଛି। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ପାଖରେ ଛତ୍ରି ବଡ଼ସିଂହାର ବେଶ ସମୟରେ ଦହିପଖାଳ ଭୋଗଲାଗି ହେବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସୁଛି।

୧୯୩୪ ମସିହାରେ ବାପୁଜୀ ପୁରୀରୁ ଭଦ୍ରକ ପଦଯାତ୍ରା ସମୟରେ କିଛି ଗ୍ରାମରେ ରାତ୍ରିଯାପନ କରୁଥିଲେ। ତା'ଆରଦିନ ସକାଳୁ ପଦଯାତ୍ରୀଙ୍କୁ ଜଳଖିଆ ବଦଳରେ ପଖାଳ ଦିଆଯାଉଥିଲା। ଗାନ୍ଧିଜୀ ବାସିପଖାଳ ଖାଇବାରେ ବେଶ୍ ଆନନ୍ଦ ପାଇଥିଲେ ଏବଂ ସୁଆଦିଆ ବୋଲି କହିଥିଲେ।

ବାସି ପଖାଳରେ ଲୁକ୍ଟୋବାସିଲସ୍ ନାମକ ବ୍ୟାକ୍ଟେରିଆ ଲକଟିକ୍ ଏସିଡ୍ ତିଆରି କରି ତୋରାଣିରେ ଲୁକ୍‌ଟିକ୍ ଏସିଡ୍, ଲୌହ, କ୍ୟାଲ୍‌ସିୟମ୍, ପଟାସିୟମ ଓ ସୋଡିୟମ୍ ବଢ଼ିବାରେ ସାହାଯ୍ୟ କରିଥାଏ। ପଖାଳରୁ ଭିଟାମିନ୍ ବି-୬, ବି-୧୨ ମିଳେ । ପଖାଳ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି, ହଜମ ଶକ୍ତି ବଢ଼ିଥାଏ ଓ ଅଂଶୁଘାତରୁ ରକ୍ଷା ମିଳିଥାଏ।

**-ସୁଦର୍ଶନ ସାହୁ, ଜାଗମରା, ଜଗମୋହନ ନଗର, ଭୁବନେଶ୍ୱର,ମୋ: ୮୮୯୫୨୯୫୧୬୫**

# ହନିମୁନ୍‌ରେ ଯାଇ ଫେରିପାରୁନାହାନ୍ତି ଦମ୍ପତି

**ନବରଙ୍ଗପୁର,୧୯।୩(ବି.ପ୍ର.)**

ବିମାନ ଆସୁ ନ ଥିବାରୁ ନବରଙ୍ଗପୁର ସହରରୁ ହନିମୁନ ପାଇଁ ମାଲେସିଆ ଯାଇଥିବା ନବଦମ୍ପତି ଓଡ଼ିଶା ଆସିପାରୁ ନାହାନ୍ତି। ମାଲେସିଆର କୁଆଲାଲମ୍ପୁର ବିମାନ ବନ୍ଦରରେ ଗତ ୧୭ ତାରିଖରୁ ସେମାନେ ଫସି ରହିଛନ୍ତି। ଘରକୁ ଫେରିବା ପାଇଁ ହ୍ୱାଟସଆପରେ ଭିଡିଓ ପଠାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ନବରଙ୍ଗପୁର ଇଲ୍ଲାବତୀଗୁଡ଼ାର ଗୁପ୍ତେଶ୍ୱର ମିଶ୍ରଙ୍କ ଝିଅ ପଲ୍ଲବୀ ମିଶ୍ର ଫେବୃଆରୀ ୨୨ ତାରିଖରେ ସେହି ସାହିର ପରିମଳ ହାଲଦାରଙ୍କ ପୁଅ ଶଙ୍କର ହାଲଦାରଙ୍କୁ ବିବାହ କରିଥିଲେ। ମାର୍ଚ୍ଚ ୧୨ ତାରିଖରେ ବିଶାଖାପାଟଣାରୁ ହନିମୁନ ସକାଶେ ମାଲେସିଆ ଯାଇଥିଲେ । ୧୭ ତାରିଖରେ ଫେରିବା ପାଇଁ ସେମାନେ ଟିକେଟ କରିଥିଲେ। କରୋନା ପାଇଁ ବିମାନ ଚଳାଚଳ ବନ୍ଦ କରାଯିବାରୁ ଉଭୟ ଫେରି ପାରି ନ ଥିଲେ। ପରବର୍ତ୍ତୀ ସମୟରେ ୧୮ ତାରିଖରେ କୁଆଲାଲମ୍ପୁରରୁ ସିଙ୍ଗାପୁର ଦେଇ ବିଶାଖାପାଟଣା ବିମାନ ଯିବ ବୋଲି କୁଆଲାଲମ୍ପୁର ବିମାନ ବନ୍ଦରରେ ସେମାନଙ୍କୁ କୁହାଯାଇଥିଲା। ସେଥିରେ ବିଶାଖାପାଟଣା ଆସିବା ପାଇଁ ଟିକେଟ କରିଥିଲେ। ଉକ୍ତ ବିମାନକୁ ମଧ୍ୟ ବାତିଲ କରି ଦିଆଯାଇଥିଲା। ପୁଣିଥରେ କୁଆଲାଲମ୍ପୁରରୁ ସିଙ୍ଗାପୁର-ଅମୃତସର ବିମାନ ଯିବ ବୋଲି ଜାଣିବା ପରେ ଟିକେଟ କରିଥିଲେ । ତେବେ ବର୍ତ୍ତମାନ ସେହି ବିମାନକୁ ମଧ୍ୟ ବାତିଲ କରି ଦିଆଯାଇଥିବା ଜାଣିବା ପରେ ବିମାନ ବନ୍ଦରରେ ନବଦମ୍ପତି ଫସି ରହିଛନ୍ତି। ଏହାକୁ ନେଇ ପଲ୍ଲବୀ ଓ ଶଙ୍କର ଭିଡିଓ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସେମାନଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ୩ ଥର ଟିକଟ କରିବା ପରେ ନିଜ ପାଖରେ ଟଙ୍କା ଶେଷ ହୋଇ ଯାଇଥିବାରୁ ସେମାନେ ଚିନ୍ତାରେ ରହିଛନ୍ତି। ଟିକଟ ବାବଦ ଟଙ୍କା ମଧ୍ୟ ଫେରାଯାଉ ନାହିଁ । ଦମ୍ପତି ବାଙ୍ଗାଲୋରର ଏଚ୍‌ପିଏଫ୍‌ ଲାଇଫରେ କାର୍ଯ୍ୟ କରନ୍ତି । ପଲ୍ଲବୀ ଓ ଶଙ୍କରଙ୍କ ସମେତ ଭାରତର ଆହୁରି ଅନେକ ନାଗରିକ ବିମାନବନ୍ଦରରେ ରହିଥିବା ସୂଚନା ମିଳିଛି । ଝିଅ ଓ ଜ୍ୱାଇଁଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଗୁପ୍ତେଶ୍ୱର ମିଶ୍ର ଅନୁରୋଧ କରିଛନ୍ତି।



ପଲ୍ଲବୀ ମିଶ୍ର ଓ ଶଙ୍କର ହାଲଦାର।

■ କରୋନା ପାଇଁ ମାଲେସିଆରେ ଫସିଲେ

■ ଓଡ଼ିଶା ଫେରାଇ ଆଣିବା ପାଇଁ ସରକାରଙ୍କୁ ଭିଡିଓ ମାଧ୍ୟମରେ କଲେ ଅନୁରୋଧ

## ୬ ହୋଟେଲରେ କ୍ୱାରାଣ୍ଟାଇନ୍ ସୁବିଧା

କଟକ ଅଫିସ,୧୯।୩: କଟକ ସହରର ୬ଟି ହୋଟେଲରେ କ୍ୱାରାଣ୍ଟାଇନ୍ ସୁବିଧା ଆରମ୍ଭ ହୋଇଛି। ଏଥିପାଇଁ ନିର୍ଦ୍ଦିଷ୍ଟ ଫି' ମଧ୍ୟ ଧାର୍ଯ୍ୟ ହୋଇଛି। ଯେଉଁମାନେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଚାହୁଁଛନ୍ତି, ସେମାନେ ଏହି ହୋଟେଲଗୁଡ଼ିକରେ ଫି' ଦେଇ ରହିପାରିବେ। ରହଣିଗୃହ ପ୍ରମୋଦ ଆଣ୍ଡ କନ୍‌ଭେନ୍‌ସନ୍‌ରେ ଦୈନିକ ଫି' ୨୪ଶହ ଟଙ୍କା ଥିବା ବେଳେ ପାଲାମଣ୍ଡପ ହୋଟେଲ୍ ଗ୍ରାଣ୍ଡ ରେସିଡେନ୍ସିରେ ୧୨୫୪ଟଙ୍କା, ବୋଲମୁଣ୍ଡାଇ ହୋଟେଲ୍ ଆକବରରେ ୧୬୨୫ଟଙ୍କା, ବକ୍ସିବଜାର ରୋଡ଼ର ହୋଟେଲ୍ ଡ୍ରାଇକାରେ ଦୈନିକ ୧୫ଶହ ଟଙ୍କା, ଲିଙ୍କ ରୋଡ୍ ହୋଟେଲ୍ ଶୀତଳରେ ୧ ହଜାର ଟଙ୍କା ଏବଂ ଶିଖରପୁର ହୋଟେଲ୍ ବିଏନ୍ ସନ୍ କୁରେ ଦୈନିକ ୧୫ଶହ ଟଙ୍କା ଫି' ରହିଛି । ଏହି ହୋଟେଲ୍‌ଗୁଡ଼ିକରେ ଜଳଖିଆ ସହ ଦୁଇଓଳି ଖାଦ୍ୟ ଏବଂ ଦୁଇ ବୋତଲ ପାଣି ପ୍ରଦାନ କରାଯିବ। ଯେଉଁମାନେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଚାହୁଁଛନ୍ତି, ସେମାନେ ଏହି ହୋଟେଲ୍ ସହ ଯୋଗାଯୋଗ କରିବାକୁ କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ ପରାମର୍ଶ ଦେଇଛନ୍ତି। ଜଣେ ବ୍ୟକ୍ତି ସର୍ବାଧିକ ୧୪ଦିନ ସେଠାରେ ରହିପାରିବେ। ରହଣି ସମୟରେ ନିଯୁକ୍ତ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।

# କରୋନା ମୁକାବିଲା: ଭିତ୍ତିଭୂମି ସମ୍ପ୍ରସାରଣ କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ରାଜ୍ୟରେ କରୋନା ସମ୍ପର୍କିତ ବିଭିନ୍ନ ସୂଚନା ପାଇଁ ୨୪ ଘଣ୍ଟିଆ ଟେଲିଫୋନ ସେବା ବ୍ୟବସ୍ଥା କରାଯାଇଛି। ୧୦୪କୁ କଲ୍ କରି ଯେ କୌଣସି ବ୍ୟକ୍ତି ସମସ୍ତ ସୂଚନା ପାଇପାରୁଛନ୍ତି। ଶୁକ୍ରବାର ସୁଦ୍ଧା କଲ୍ ସେଣ୍ଟରରେ ଯେପରି ୧୫୦ ଜଣ ସେବା ପାଇବେ, ସେ ନେଇ ବ୍ୟବସ୍ଥା କରାଯାଉଛି। ଗୁରୁବାର ଅପରାହ୍ନ ସୁଦ୍ଧା ଏହି ସଂଖ୍ୟା ୦୮ରୁ ୮୮ରେ ପହଞ୍ଚିଛି। ଦିନକୁ ଦିନ କଲ୍ କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଉଛି। ଅବସରପ୍ରାପ୍ତ ଡାକ୍ତର ସରୋଜ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରାଯାଇଛି। ତାଙ୍କ ସହ ୧୪ ଜଣ ଅନ୍ୟ ଡାକ୍ତର ମଧ୍ୟ ରହିଛନ୍ତି। ଏହିପରି ଭାବେ ମୋଟ ୧୫ ଜଣ ଡାକ୍ତର ଦୈନିକ ୩ଟି ସିଫ୍ଟରେ ଏକ୍ସପର୍ଟ ଭାବେ କାର୍ଯ୍ୟ କରିବେ। ଯଦି ଆବଶ୍ୟକ ହୁଏ, ଦ୍ୱିତୀୟ ପର୍ଯ୍ୟାୟରେ ଅନୁରୂପ ଭାବେ ଆଉ ଏକ କଲ୍ ସେଣ୍ଟର ଖୋଲାଯିବ ବୋଲି ଆଇଏଏସ୍ ଅଧିକାରୀ କ୍ରିଷ୍ଣନ କୁମାର ସୂଚନା ଦେଇଛନ୍ତି। ଦିନକୁ ଦିନ ବିଦେଶ ଫେରନ୍ତା ତଥା କରୋନା ସଂକ୍ରମିତ ମନେ କରୁଥିବା ବ୍ୟକ୍ତିବିଶେଷଙ୍କ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଉଥିବାରେ ଲାଗିଛି। ତେଣୁ ସେମାନଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଉଛି। ଏହାକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ୧୦୪ ଟୋଲ ଫ୍ରି କୁ ବାଦ୍ ଦେଇ ପଞ୍ଜୀକୃତଙ୍କ ସେବା ପାଇଁ ଆଉଟ୍ ବୋର୍ଡ କଲ୍ ସେଣ୍ଟର(ଓସିସି) ପକ୍ଷରୁ ୧୦୦ ଜଣଙ୍କୁ ନେଇ ୨ଟି ସିଫ୍ଟରେ କାର୍ଯ୍ୟ କରାଯିବ। ପ୍ରଫେସର ଡାକ୍ତର ବ୍ରଜ ଦାଶ ଏହା ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି। ଏହା ଓକାକ୍‌ରେ କାର୍ଯ୍ୟ କରିବ। ଅନୁରୂପ ଭାବେ ବିଏମ୍‌ସି ଭବାନୀ ମଲ୍‌ର ୫ମ ମହଲାରେ ସେଲ୍ଥ କଣ୍ଟ୍ରୋଲ ରୁମ୍(ଏଚ୍‌ଏସ୍‌ଆର) କାର୍ଯ୍ୟ କରିବ। ଏହିଠାରୁ ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ସମନ୍ୱୟ ରଖାଯିବ। ଜଣେ ଅଭିଜ୍ଞ ଡାକ୍ତରଙ୍କ ସହ ନିର୍ଦ୍ଦେଶକ, ଅନ୍ୟ ସହ ଅଧିକାରୀ ରହିବେ। ପୋଲିସ ମହାନିର୍ଦ୍ଦେଶକ ଏହି କାର୍ଯ୍ୟାଳୟ ପାଇଁ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ନିଯୁକ୍ତି ଦେବେ। ଏହି ଅଧିକାରୀ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଯୋଗାସୂତ୍ର ରକ୍ଷା କରିବେ। ଇଟାଲି ଏବଂ ଇରାନ୍‌ରେ ଚତୁର୍ଥ ଏବଂ ପଞ୍ଚମ ସପ୍ତାହରେ ଅଧିକ ମାତ୍ରାରେ କରୋନା ଭୂତାଣୁ ସେହି ଦେଶର ନାଗରିକଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିଥିଲା। ଭାରତରେ ଆମେ ଚତୁର୍ଥ ସପ୍ତାହରେ ଆସି ପହଞ୍ଚିଛେ। ତେଣୁ ଏହି ସମୟରେ ସତର୍କତା ଅବଲମ୍ବନ କଲେ ବଡ ଧରଣର ସଂକ୍ରମଣଙ୍କୁ ଏଡାଇ ଦିଆଯାଇପାରିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ କହିଛନ୍ତି।


## DISTRICT PROJECT OFFICE SAMAGRA-SIKHYA, CUTTACK (ODISHA)

Phone & Fax: 0671-2509937/2509934
E-mail: dpccuttackssa.opepa@nic.in

No.: 1257 XII-02/2020 Date: 19.03.2020

### TENDER CALL NOTICE

Sealed tenders are invited in plain paper from registered, experienced Offset Printers/Firms having valid STCC/ITCC, TIN, GST & valid PAN for printing and supply of approximately 7998 number of Teacher's ID-Card for Cuttack district. The bid document containing details specification with terms and conditions may be downloaded from OSEPA website **www.opepa.gov.in** and district website **www.cuttack.nic.in**. The sealed quotation shall be sent to undersigned through Registered Post/Speed Post only and no other means of submission shall be entertained. The quotation received after 1 P.M. of 30.03.2020 shall not be entertained. The sealed quotation will be opened on the same day at 3.30 P.M. in the presence of quotatiners or their authorized representatives & members of tender committee. The authority reserves the right to amend, alter or cancel any part or all the quotations without assigning any reason thereof.

By the Order of the Collector-cum-Chairman, SS, Cuttack
**Sd./- District Project Coordinator**
**Samagra Shiksha, Cuttack**

## OFFICE OF THE CDM & PHO, BALASORE

E-mail : dpmubal@gmail.com

Letter No.4849 Date: 19.03.2020

Sealed tenders are invited from manufacturers or their authorized distributors or suppliers / retail counters for :- Supply of Medicines & Medical consumables / laboratory Chemical - reagent / Generic Medicines.

The detail list, terms and conditions and technical bid are available in **www.baleswar.nic.in.** which can be downloaded. The last date & time of submission of bid 27.03.2020 up to 4.00 P.M. & the technical bid shall be opened on Dt.27.03.2020 at 4.30 P.M. in the presence of bidders or their authorized representatives. Tender paper incomplete or received after the scheduled date & time shall be rejected.

**Sd./-**
**CDM&PHO, Balasore**

No. O-1279

## Government of Odisha,

Office of the Executive Engineer,
Rural Works Division, Jharsuguda

**Email : eerw_jharsuguda@yahoo.co.in** Tel. : 06645-271643

Bid Identification No. Online - EEJSG - 09 of 2019-20

**NOTICE INVITING TENDER FOR BUILDING WORKS IN ODISHA**

NATIONAL COMPETITIVE BIDDING THROUGH e-Procurement

1. Name of the work : Building works as per DTCN available in the www.tendersorissa.gov.in
2. Total No. of Work : 02 (Eight) Nos.
3. Estimated Cost : Rs. 6.42 Lakhs to 6.43 Lakhs
4. Period of completion : 03 (Three) Calender Months
5. Period and Time of availability of bid document in the portal for bidding : Dt. **23.03.2020** at 11.00 A.M. to **03.04.2020** upto 5.00P.M.
6. Date and Time of bid opening : Dt. **06.04.2020** at 11.00 A.M.
7. Name and address of the officer inviting Bid : E.E., R.W.Division, Jharsuguda

(1) Other details can be seen from Detailed notice Inviting Tenders, available in website www.tendersorissa.gov.in

(2) Corrigendum if any shall only be published in the above website.

**Sd/- Executive Engineer**
**R.W. Division, Jharsuguda**
**OIPR-25104/11/0009/1920**

## OFFICE OF THE SUPERINTENDING ENGINEER, N.H. CIRCLE, SAMBALPUR

e-mail - senhsambalpur@gmail.com, PH - 0663-2412461 No.b-88

**Cancellation to Bid Identification No.SENH (SBP)/04/2019-20**

Bid Identification No.SENH (SBP)/04/2019-20 for the work :- PR such as renewal coat with BC from 265/300 to 269/300 km of NH-49 for the year 2019-20 is hereby cancelled due to unavoidable reason.

**Sd./- Superintending Engineer**
**N.H. Circle, Sambalpur**
**OIPR-34007/11/0007/1920**

## EXPRESSION OF INTEREST

The District Urban Development Agency, Kalahandi invites Expression of interest (EOI) from intending registered industries/traders who involves in Plastic Waste collection i.e. PET, HDPE, PVC, PP & Misc. Plastic etc. for recycling and setting of Collection Centre in 4 ULBs of Kalahandi District. The details of eligibility Criteria scope of work, deliverables & other particulars are uploaded in the District Website **www.kalahandi.nic.in** for necessary information. The bidder who fulfill the eligiblity criteria may submit their EOI along with all self attested supporting documents, paper cost and EMD, to the Project Director, DUDA, Kalahandi, DRDA Campus Bhawanipatna, Pin Code-766001 (Kalahandi, Odisha). The EOI should reach to the undersinged on or before 03.04.2020 at 5.30 P.M. through Speed Post / Registered Post only and the same will be opened on Dated 04.04.2020 at 11.00 A.M. within the office of the PD, DUDA, Kalahandi in presence of the Committee & authorise representatives of the bidder. The sealed envelope containing the EOI must be super-scribed on the top of the Envelope as EOI for engagement of Plastic Waste collection with self-address, contact No., e-mail etc. on the left side of the envelope. The authority reserves the right to cancel any part or the whole of EOI without assigning any reason thereof.

**Sd./- Project Director, DUDA, Kalahandi**

## GOVERNMENT OF ODISHA
## OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR-751001

email: ceworldbankprojects@gmail.com

### ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)

### e-Procurement Notice

### Bid Identification No. CE-WBP(O)-16/2019-20

**File No- CERP-RCPLWE-PH-2-14/2018**

No.B-824 :- The Chief Engineer, (World Bank Projects), Bhubaneswar, Odisha on behalf of Odisha State Rural Connectivity Project Agency invites the percentage rate bids in electronic tendering system for construction of roads using New Technology under RCPLWEA in the districts of Malkangiri & Rayagada for 2 number of packages with estimated cost as mentioned in IFB totaling to Rs.1315.16 lakhs including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement **dtd.18.03.2020.**

Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in.** The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.E., (World Bank Projects), Nirman Soudha, Unit-V, Bhubaneswar-751001, Odisha, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement:07.04.2020 upto 5.00 P.M.

For further details please log on to **www.pmgsytenders.gov.in**

**Sd./- Chief Engineer, World Bank Projects, Odisha**
**O/o E.I.C. (Civil), Odisha Nirman Soudha,**
**Unit-V, Bhubaneswar-751001**
**OIPR-34003/11/0035/1920**

## OFFICE OF THE SUPERINTENDENT, CHC, MAHANGA, CUTTACK

**DIET TENDER NOTICE NO.404 / Date:19.03.2020**

Sealed tenders in the prescribed format (available in the O/o the undersigned during office hours from 20.03.2020 to 25.03.2020) are invited from the suppliers for supply of dietary and other misc contingent articles for use in the Office of the CHC, Mahanga for the year, 2020-21 as per the list given in the form.

The rates should be quoted including all taxes and the cost of the delivery at the kitchen of the hospital every day. The tenders will be received by the undersigned on or before 3 P.M. of 26.03.2020. Tenderer has to furnish sale tax clearance certificate. Samples should be produced before the Medical advisory Committee on the date of selection of the tender. The tender will be opened on 26.03.2020 at 4 P.M. in the O/o the Superintendent, CHC, Mahanga in presence of the tenderers or their authorised representatives. Any other information regarding the matter will be available in the office of the undersigned in any working day during office hours.

The Medical advisory Committee reserves the right to accept or reject any or all the tenders without assigning any reason thereof.

**Sd./- Superintendent**
**CHC, Mahanga, Cuttack**

No. C-590

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, P.H. CIRCLE, NAYABAZAR, CUTTACK-753004

**Ph.-0671-2440841, Fax- 0671-2440841, E-mail : sephctc@gmail.com**

**NATIONAL COMPETITIVE BIDDING THROUGH e-Procurement**

**Invitation For Bids (IFB) No.SEPHCTC-10/2019-20 Dtd.19.03.2020**

| Sl. No. | Name of the work | Estimated cost (Approx) |
|---|---|---|
| 1. | WS 39 NH Crossing (At 4 Location near Gopalpur, Phulnakhara, Sky Automobile & Telengapentha. | ₹288.98 lakh |

1. Date & time of availability of bid document in the portal :- 11.00 hours of dt.30.03.2020 to 17.30 hours of dt.15.04.2020.
2. Last date / time of receipt of bids in the portal :- 15.04.2020 upto 05.30 P.M.
3. Date & time of opening of bids :- 16.04.2020 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in

**Superintending Engineer,**
**Public Health Circle, Cuttack.**
**OIPR-13029/11/0011/1920**

## ODISHA HYDRO POWER CORPORATION LTD.

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At: P.O.: BARINIPUT: DIST. KORAPUT – 764006
PHONE: (06854) 242001 FAX: - (06854) 242038
e-mail: sgmel_ukhep@ohpcltd.com

No. CAD-1143

No. OHPC: SGM: UKHEP: Tech:/ /Dated, Bariniput the

### NOTICE INVITING TENDER No.38 /2019-20 Date: 19.03.2020

Sealed Tenders are invited in sealed envelopes from the reputed Manufacturers/ Authorised dealers/ Channel partners/ reputed suppliers for "Supply of Thordon SXL Bushes for UKHEP, Bariniput, Dist: Koraput, Odisha"

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | "Supply of Thordon SXL Bushes for UKHEP, Bariniput, Dist: Koraput, Odisha" | Rs. 2360/- (Rs.2000/- + 18%GST) | @ 1% of quoted value |

Sale of tender paper: - From 27.03.2020 to 13:00 Hrs. of 10.04.2020.

Last date of submission of tender – 16:00 Hrs. of 10.04.2020

Date & Time of opening of tender – 16:30 Hrs. of 10.04.2020

For details of the tender documents, terms and conditions please visit our website www.ohpcltd.com

C & P Head
UKHEP, Bariniput.
**OIPR-04002/11/0072/1920**

No. A-766

## GOVT. OF ODISHA
## DEPARTMENT OF WATER RESOURCES, O/O THE EXECUTIVE ENGINEER,
## RENGALI RIGHT CANAL DIVISION NO.II, DHENKANAL

Email Id – eerrc2dkl@gmail.com

### 'e' Procurement Notice

The Executive Engineer, Rengali Right Canal Division No.II, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : 03 (three) nos of works
2. Tender Cost : ₹ 83.4 lakh to ₹ 70.9 lakh
3. Bid Document Cost : As per DTCN
4. Bid Security : ₹71,000.00 to ₹ 83,400.00
5. Class of Contractor : B & A Class
6. Period of Completion : 06 months
7. Other details are as follows :

| Procurement Officer | Bid Identi-fication No. | Availability of Tender On- line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Executive Engineer, Rengali Right Canal Division No.II, Dhenkanal | EERRCIIDKL-02/2019-20 | 23.03.2020 10.00 AM | 06.04.2020 5.00 PM | 07.04.2020 11.00 AM |

8. For further details and on line bidding, visit Govt. website *www.tendersodisha.gov.in*

Executive Engineer Rengali Right Canal Division No.II, Dhenkanal
**OIPR-32084/11/0003/1920**

## OFFICE OF THE CHIEF ENGINEER, NATIONAL HIGHWAYS, ODISHA

SACHIVALAYA MARGA, UNIT - 4, BHUBANESWAR - 751001
Phone No.2391519/2391677 Email: cenhorissa@gmail.com No.b-89

**NOTICE INVITING EOI**

No.WB-I-Misc-HR-KP-6-19 3606 Date: 16/3/2020

1. The Chief Engineer, National Highways, Odisha, Bhubaneswar invites Expression of Interest (EOI) online for empanelment of consultants as detailed in the table below:

| Sl. No | Name of work | ELIGIBILITY CRITERIA | DURATION OF CONTRACT |
|---|---|---|---|
| 1 | 2 | 3 | 4 |
| 01 | Shortlisting of Consultants to provide Key personnel and other logistic services under Departmental Authority's Engineer for Supervision for EPC projects in NH, PWD, ODISHA | As per EOI Document. | Three Years |

2. EOI document with detailed terms and conditions will be available online on e-tendering portal www.tendersodisha.gov.in from 24.03.2020 to 16.04.2020 (up to 1700 Hrs. IST). EOI must be submitted on line only at e-tendering portal www.tendersodisha.gov.in by Due Date i.e. on or before 16.04.2020 (up to 17.00 Hrs. IST) and EOI received online will be opened on 17.04.2020 at 03.30 Hrs. IST.
3. Subsequent corrigendum/addendum if required shall only be available in web site www.tendersodisha.gov.in
4. The authority reserves the right to cancel any or all bid without assigning any reason.

Sd./- CHIEF ENGINEER, N.HS, ODISHA
**OIPR-34071/11/0001/1920**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2540051 (EPABX),
Website: www.optcl.co.in, CIN:U4102OR2004SGC007553

### NOTICE INVITING TENDER (NIT)

(DOMESTIC COMPETITIVE e-BIDDING)

ODISHA POWER TRANSMISSION CORPORATION LTD (OPTCL), Bhubaneswar, invites bids (in e- tendering mode only) under single stage two-envelop system from reputed EPC/Turnkey Contractors for the following packages.

**(1) e-TENDER NOTICE NO.:CPC-26/2019-20**

Engineering, Supply, Erection and commissioning of 132 KV SC line on DC Tower (Two Conductor) from existing 132/33 KV Grid Sub-station, Bhawanipatna to proposed RTSS at Bhawanipatna and 132 KV feeder bay extension at Bhawanipatna "Turnkey CONTRACT BASIS"..

**(2) e-TENDER NOTICE NO.:CPC-29/2019-20**

Engineering, Supply, Erection and commissioning of 132 KV SC line on DC Tower (Two Conductor) from U/C 220/132/33 KV Grid Sub-station, Gunupur to proposed RTSS at Palasingi and 132 KV feeder bay extension at 220/132/33KV Grid Sub-Station, Gunupur on "Turnkey CONTRACT BASIS".

Interested bidders are required to enroll themselves in the tender portal **"www.tenderwizard.com/OPTCL".** Complete set of bidding documents for both the packages are available on **"www.tenderwizard.com/OPTCL"** portal from **Dt. (20.03.2020)** / **(11.00)** AM up to **Dt. (20.04.2020)** / **(12:45)** PM. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note: Bidders are requested to regularly visit Official website of OPTCL/ Tender Portal only for amendment /errata /corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.**

**Sd/-**
**SENIOR GENERAL MANAGER (C.P.C.)**
**email id- sgm.cpc@optcl.co.in**

CR-Advt.No.- 30/2019-20

Please connect us: optcl.odisha optcl_odisha energyodisha

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

No. CAD-1142

(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)

## ODISHA BRIDGE & CONSTRUCTION CORPORATION LIMITED

(A Government of Odisha Undertaking)

**'e'-PROCUREMENT NOTICE**

**BID IDENTIFICATION NO.20/TOLL/OBCC/2019-20.**

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites **'online'** tender in **double cover system** for the toll gate as detailed in the table below from the intending bidders for collection of toll for a period of one year.

| Sl. No. | Name of the R.D. and R&B toll gates. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Badagenguti Bridge toll gate on Baruan-Balichandrapur Road,Cuttack | 14,92,786/- | 1,49,280/- | 6,000/-+ 720/-(GST) | 06.04.20 to 05.04.21 |

2. Date and time **for online bidding for the above toll gates starts from 10.00 A.M. of dt. 20.03.2020 to 11.00 A.M. of dt. 26.03.2020 .**
3. Bid shall be received **only in "online" on or before 11.00 A.M. of dt. 26.03.2020** & shall be opened at **11.30 A.M. on dt. 26.03.2020 .**
4. EMD and Cost of bid document as specified against each toll gate in the above table Column-4 & will be **transferred through online** only as per the procedure mentioned in the DTCN. Further details can be seen from the web site https://tendersodisha.gov.in .
5. Any changes/corrigendum will be displayed in the web site only.
6. Officer-in-charge of Tender: -General Manager(Civil), O.B.& C.C. Ltd., Bhubaneswar.

**Sd/- GENERAL MANAGER (CIVIL)**
**OIPR-34106/11/0052/1920**

## GOVERNMENT OF ODISHA, OFFICE OF THE SUPERINTENDING ENGINEER
## RURAL WORKS CIRCLE, KENDRAPARA-JAJPUR

e-mail- serw_kpd@yahoo.com

No. Tender Online RCK -01/20 Letter No.- 518 Date:- 17.03.2020

No. O-1276

### e-Procurement NOTICE

1. Name of the work : Construction of Building works in the District of Kendrapara
2. Class of Contractor : A & Special Class as specified in the column 6 of the Annexure.
3. Time for Completion : As specified in the Column-7 of the Annexure.
4. Detail Projects : As per Annexure attached
5. Other Details :

| Procurement Officer | Bid Identifi-cation No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara- Jajpur | Tender Online RCK-01/20 | 23.03.2020 at 11.00 AM | 07.04.2020 to 5.00 PM | 06.04.2020 upto 2.00PM | 08.04.2020 at 11.00 AM | Will be Intimated separately |

Further details can be seen from the website www.tendersorissa.gov.in

*Sd./- Superintending Engineer, Rural Works Circle, Kendrapara-Jajpur*
OIPR-25129/11/0013/1920

## ସଂକ୍ଷେପରେ

### ଏପ୍ରିଲ ୧ ଯାଏ ମନ୍ଦିର ପ୍ରବେଶ ବନ୍ଦ

ଅନୁଗୋଳ ଅଫିସ,୧୯।୩- କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ଦେବଦେବୀ ପୀଠ ଓ ମନ୍ଦିର ପ୍ରବେଶକୁ ଜିଲା ପ୍ରଶାସନ ପକ୍ଷରୁ ନିଷିଦ୍ଧ କରାଯାଇଛି। ଜିଲା ତଥା ବାହାରୁ ଆସୁଥିବା ଦର୍ଶନାଭିଳାସୀଙ୍କୁ ଶୁକ୍ରବାର ଠାରୁ ଏପ୍ରିଲ ୧ ପର୍ଯ୍ୟନ୍ତ ମନ୍ଦିର ଓ ଦେବଦେବୀ ପୀଠକୁ ବାରଣ କରାଯାଇଛି। କିନ୍ତୁ ମନ୍ଦିରଗୁଡ଼ିକରେ ଯଥାରୀତି ଠାକୁରଙ୍କ ସମସ୍ତ ପୂଜାର୍ଚ୍ଚନା ଚାଲୁ ରହିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ମସଜିଦ୍ ଓ ଚର୍ଚ୍ଚ ସମେତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନଗୁଡିକ ଉପରେ ମଧ ଏହି କଟକଣା ଲଗାଯାଇଥିବା ଜିଲାପାଳ ପ୍ରକାଶ କରିଛନ୍ତି।

### ୨୨୫ଟି ପଞ୍ଚାୟତରେ ଜରୁରୀ ବୈଠକ

ଅନୁଗୋଳ ଅଫିସ,୧୯।୩- କରୋନା ସଂକ୍ରମଣ ଭୟକୁ ନଜରରେ ରଖି ଅନୁଗୋଳ ଜିଲାରେ ଥିବା ୨୨୫ଟି ପଞ୍ଚାୟତରେ ଗୁରୁବାର ଜରୁରୀ ବୈଠକ ଡକାଯାଇଥିଲା। ଏଥିରେ ପ୍ରତି ବ୍ଲକର ଜଣେ ଲେଖାଏ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ୱାର୍ଡ ମେମ୍ବର ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ୱାର୍ଡ ମେମ୍ବରଙ୍କ ଠାରୁ ଆରମ୍ଭ କରି ପ୍ରତି ପଞ୍ଚାୟତର ଶିକ୍ଷିତ ଲୋକମାନେ ଅନ୍ୟ ଲୋକଙ୍କୁ ସଚେତନ ଓ ସତର୍କ କରିବେ ବୋଲି ବୈଠକଗୁଡ଼ିକରେ କୁହାଯାଇଥିବା ଜାମୁନାଳି ସରପଞ୍ଚ ପ୍ରମିଳା ନାୟକ ସୂଚନା ଦେଇଛନ୍ତି। ଏଥିସହ ବିଦେଶ କିମ୍ବା ରାଜ୍ୟ ବାହାରୁ ଫେରୁଥିବା ଲୋକଙ୍କ ସମ୍ପର୍କରେ ସରପଞ୍ଚମାନଙ୍କୁ ତଥ୍ୟ ଦେବା ପାଇଁ ୱାର୍ଡମେମ୍ବର ମାନଙ୍କୁ କୁହାଯାଇଥିଲା। ସରପଞ୍ଚମାନେ ଉକ୍ତ ତଥ୍ୟ ବିଡିଓଙ୍କୁ ପ୍ରଦାନ କରିବା ପରେ ତାହାକୁ ଜିଲା ପ୍ରଶାସନ ନିକଟକୁ ପଠାଇ ଦିଆଯିବ। ତେବେ ପ୍ରତି ପଞ୍ଚାୟତର ଲୋକଙ୍କୁ କରୋନା ନେଇ ସଚେତନ କରିବାକୁ କୁହାଯାଇଛି। ଶୁକ୍ରବାର ଜିଲାର ପ୍ରତି ପଞ୍ଚାୟତ ସମିତିରେ ବୈଠକ କରାଯିବା କାର୍ଯ୍ୟକ୍ରମ ଥିବାବେଳେ ଶନିବାର ଜିଲାପରିଷଦ ବୈଠକ ହେବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ବନ୍ଦ ହେଲା ମେଳଣ

ଅନୁଗୋଳ ଅଫିସ୍, ୧୯।୩- ଅନୁଗୋଳ ସହର ଉପକଣ୍ଠ କୁଶାସିଂହାରେ ଦୋଳ ମେଳଣ କରିବାକୁ ଗ୍ରାମବାସୀ ଯୋଜନା କରୁଥିବାବେଳେ ଅନୁଗୋଳ ଥାନା ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ତାହାକୁ ବନ୍ଦ କରିଛନ୍ତି। ସେହିପରି ସହରରେ ଖୋଲିଥିବା ବିଭିନ୍ନ ଛୋଟ ବଡ଼ ଫାଷ୍ଟଫୁଡ ଦୋକାନଗୁଡ଼ିକ ବନ୍ଦ କରିବାକୁ ପୋଲିସ ଚେତାବନୀ ଦେଇଛି। ଏପରି କି ଦୋକାନ ବନ୍ଦ ନ କଲେ ଥାନାକୁ ଯିବାକୁ ପଡ଼ିବ ବୋଲି ପୋଲିସ ପକ୍ଷରୁ ଫାଷ୍ଟଫୁଡ୍ ଦୋକାନୀଙ୍କୁ କୁହାଯାଇଛି।

### ରେଳ ଧାରଣାରୁ ମୃତଦେହ ଉଦ୍ଧାର

ବଇଣ୍ଡା, ୧୯।୩(ଡି.ଏନ୍.ଏ.)- ଅନୁଗୋଳ-ସମ୍ବଲପୁର ରେଳପଥର ହଣ୍ଡପା ଥାନା ଡେବେରାପାଲି ନିକଟରୁ ଗୁରୁବାର କ୍ଷେତ୍ରପାଳ ଗ୍ରାମର ରଞ୍ଜନ ବେହେରା(୩୭)ଙ୍କ ମୃତଦେହ ହଣ୍ଡପା ପୋଲିସ ଉଦ୍ଧାର କରିଛି। ଅପରାହ୍ନରେ ସେ ଘରୁ ପଳାଇ ଆସିଥିଲେ। ମାନସିକ ଅଶାନ୍ତି ଯୋଗୁ ସେ ସମ୍ବଲପୁର-ପୁରୀ ପାସେଞ୍ଜର ଟ୍ରେନ ଆଗରେ ଶୋଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏଏସ୍ଆଇ ଆର୍ ବିଶ୍ୱାଳ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏ ନେଇ ନଂ. ୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବାଳସୁଧାର ଗୃହ ଗଲେ ଅଭିଯୁକ୍ତ

କଣିହାଁ, ୧୯।୩(ଡି.ଏନ.ଏ.)- କଣିହାଁ ଥାନା ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତ ଚିତ୍ତଲପୁର ଗ୍ରାମର ଦଶମ ଶ୍ରେଣୀ ଛାତ୍ର ସନ୍ଦୀପ ନାୟକଙ୍କ ମଙ୍ଗଳବାର ସାଙ୍ଗର ପଥରମାଡ଼ରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ୫ ଟଙ୍କା ଧାରକୁ ନେଇ ଏହା ଘଟିଥିବାବେଳେ ଘଟଣାରେ ୨ ନାବାଳକ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଙ୍କ ନିଷ୍ପତ୍ତି କ୍ରମେ ଅନୁଗୋଳ ବାଳସୁଧାର ଗୃହକୁ ପଠାଇଛି। ଏ ନେଇ ନଂ. ୪୫/୨୦ରେ ମାମଲା ରୁଜୁ ହୋଇଛି।

### ୪୦ ହଜାର ଜରିମାନା ଆଦାୟ

କଣିହାଁ, ୧୯।୩(ଡି.ଏନ.ଏ.)- କଣିହାଁ ତହସିଲଦାର ରବୀନ୍ଦ୍ର ସାମଲ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ବାଲି ଚାଲାଣ କରୁଥିବା ୨ଟି ଟ୍ରାକ୍ଟରରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଗୁରୁବାର ବଡଗୁଣ୍ଡୁରୀ ଓ ଶିପୁର ରାଜସ୍ୱ ନିରୀକ୍ଷକ ଅଞ୍ଚଳରେ ଚଢ଼ାଉ ବେଳେ ଏହି ଜରିମାନା ଆଦାୟ ହୋଇଛି। ୩ ଦିନରେ ୭ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରର ଲକ୍ଷାଧିକ ଟଙ୍କା ଜରିମାନା ଗଣିଥିବା ତହସିଲଦାର କହିଛନ୍ତି।

# ଯାତ୍ରା ଦେଖିବାରୁ ମହିଳାଙ୍କୁ ପିଟି ପିଟି ହତ୍ୟା

ପାଲଲହଡ଼ା, ୧୯।୩(ଡି.ଏନ.ଏ.)


ଘଟଣାସ୍ଥଳକୁ ଯାଇ ପୋଲିସ ତଦନ୍ତ କରୁଛି।

- ସମ୍ପର୍କୀୟଙ୍କୁ ପ୍ରେମ ବିବାହ କରିଥିବାରୁ କରାଯାଇଥିଲା ବାରଣ
- ମନା ନ ମାନିବାରୁ ମାରି ଗଛରେ ଟାଙ୍ଗିଦେଲେ
- ଥାନାରେ ଦୁଇ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ସଇଡା ଗ୍ରାମ ବିଜୁସାହିରେ ମାଘେ ପର୍ବ ପାଳନ ବେଳେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ଉକ୍ତ ଗ୍ରାମର ରାନୀ କେରେଇ ଉତ୍ସବ ଦେଖିବାକୁ ଆସିଥିବାବେଳେ ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ବିରୋଧରେ ଯାଇ ମହିଳା ଜଣକ ପ୍ରେମ ବିବାହ କରିଥିବାରୁ ତାଙ୍କୁ ଉତ୍ସବ ଦେଖିବାକୁ ବାରଣ କରାଯିବାକୁ ନେଇ ଏପରି ଘଟିଥିବା ଜଣାପଡିଛି। ହତ୍ୟାକାଣ୍ଡ ପରେ ଦୁଇ ଜଣ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ପୋଲିସ ଦେଇଥିବା ସୂଚନା ମୁତାବକ, କିଛି ବର୍ଷ ତଳେ ରାନୀ କେରେଇ ତାଙ୍କ ସମ୍ପର୍କୀୟ ଭାଇ ଜଗବନ୍ଧୁ କେରେଇଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଏହାକୁ ଘର ଲୋକେ ଓ ଗ୍ରାମବାସୀ ବିରୋଧ କରିଥିଲେ। ବୁଧବାର ଗ୍ରାମର ବିଜୁସାହିରେ ମାଘେ ପର୍ବ ପାଳନ କରାଯାଉଥିଲା। ଆଦିବାସୀ ସମ୍ପ୍ରଦାୟର ବହୁ ଲୋକେ ସେଠାରେ ଯୋଗ ଦେଇଥିଲେ। ରାନୀ ଓ ଜଗବନ୍ଧୁ ମଧ ପର୍ବ ଦେଖିବାକୁ ସେଠାକୁ ଯାଇଥିଲେ। ସେହି ସମୟରେ ଗ୍ରାମର ବିଜୁ କେରେଇ ଓ ମଗୁସୁରିଆ କେରେଇ ସମ୍ପୃକ୍ତ ଦମ୍ପତିଙ୍କୁ ଯାତ୍ରା ଦେଖିବାକୁ ବାରଣ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବିଜୁ ଓ ମଗୁସୁରିଆ ରାନୀ ଓ ଜଗବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଜଗବନ୍ଧୁ ଘଟଣାସ୍ଥଳରୁ ପଳାଇଥିବାବେଳେ ରାନୀ ସକାଳ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳୁ ରାନୀଙ୍କ ମୃତଦେହ ପାଖ ଜଙ୍ଗଲରେ ଏକ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ଓ ଜଗବନ୍ଧୁ ପାଲଲହଡ଼ା ପୋଲିସକୁ ଖବର ଦେଇଥିଲେ। ଅନ୍ୟପଟେ ସକାଳେ ବିଜୁ ଓ ମଗୁସୁରିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ସେମାନେ ରାନୀଙ୍କୁ ଏକ କାଠରେ ପିଟି ହତ୍ୟା କରିଥିବା ଏବଂ ପରେ ମୃତଦେହ ପାଖ ଜଙ୍ଗଲକୁ ନେଇ ତାଙ୍କ ପିନ୍ଧା ଶାଢିରେ ଗଛରେ ଝୁଲାଇ ଦେଇଥିବା ପୋଲିସ ଆଗରେ ପ୍ରକାଶ କରିଥିଲେ। ଘଟଣାସ୍ଥଳକୁ ସାଇଣ୍ଟିଫିକ ଦଳ ଏବଂ ମାଜିଷ୍ଟ୍ରେଟ ତଥା ପାଲଲହଡା ତହସିଲଦାର ବୁସିୟସ ଡୁଙ୍ଗ ଡୁଙ୍ଗ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କାଠ ମଧ ଜବତ କରାଯାଇଛି। ନଂ. ୫୧/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ଏବଂ ପାଲଲହଡ଼ା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

# ଜଳିଗଲା ନୀଳଚକ୍ର ବାନା

- ମହାଦୀପରୁ ଲାଗିଲା ନିଆଁ
- ଭକ୍ତଙ୍କ ମଧ୍ୟରେ ନାନା ଚର୍ଚ୍ଚା

**ପୁରୀ ଅଫିସ,୧୯।୩:** ଜଳିଗଲା ନୀଳଚକ୍ର ବାନା । ମହାଦୀପରୁ ନିଆଁ ଲାଗି ନୀଳଚକ୍ର ତଳେ ବନ୍ଧାଯାଇଥିବା ୨/୩ଟି ମାନସିକ ବାନା ପୋଡ଼ିଯାଇଛି। କରୋନା ମୁକାବିଲା ଉଦ୍ଦେଶ୍ୟରେ ଶୁକ୍ରବାରଠୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ କରିବାକୁ ଗୁରୁବାର ନିଷ୍ପତ୍ତି ନିଆଯିବାର କିଛି ଘଣ୍ଟା ପରେ ବାନା ପୋଡ଼ିଯିବାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଶୁଣିବାକୁ ମିଳୁଛି। କେହି କେହି ଏହାକୁ ଅଶୁଭ ବୋଲି କହୁଥିବାବେଳେ ଆଉ କେହି ପବନ ଯୋଗୁ ବାନାରେ ନିଆଁ ଲାଗିଥିବା କହିଛନ୍ତି ।

ପ୍ରତ୍ୟେକ ଏକାଦଶୀରେ ଶ୍ରୀମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥାଏ। ଜଗତର ମଙ୍ଗଳ କାମନା କରି ଅଁଳା ବେଢ଼ାରେ ଏହି ଦୀପ ଜଳାଯାଇଥାଏ। ଗୁରୁବାର ଏକାଦଶୀ ଥିବାରୁ ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଚୂନରା ସେବକ ମହାଦୀପ ନେଇ ଅଁଳା ବେଢାରେ ଜାଳିଥିଲେ। ମହାଦୀପ ଲାଗିବାର କିଛି ସମୟ ପରେ ହଠାତ୍ ଜୋରରେ ପବନ ବହିଥିଲା। ଏଥିଯୋଗୁ ନୀଳଚକ୍ର ତଳେ ବନ୍ଧାଯାଇଥିବା ମାନସିକ ବାନାରେ ନିଆଁ ଲାଗି ଯାଇଥିଲା। ପ୍ରାୟ ୨/୩ଟି ବାନାରେ ନିଆଁ ଲାଗିଯିବାରୁ ପବନରେ ନିଆଁ ଉଡ଼ିଥିଲା। ଭକ୍ତମାନେ ଏହା ଦେଖି ବାନା ପୋଡିଗଲା ବାଲି ପାଟି କରିଥିଲେ। ପରେ ଚୂନରା ସେବକ ଉପରକୁ ଯାଇ ନୀଳଚକ୍ର ତଳେ ବନ୍ଧା ଯାଇଥିବା ଅନ୍ୟ ବାନାଗୁଡ଼ିକୁ ଖୋଲି ଆଣିଥିଲେ। ଏନେଇ ସେବାୟତ ମଧୁସୂଦନ ଦାସ ମହାପାତ୍ରଙ୍କୁ ପଚାରିବାରେ, ପ୍ରତ୍ୟେକ ଏକାଦଶୀରେ ନୀଳଚକ୍ର ତଳେ ବନ୍ଧାଯାଇଥିବା ବାନା ଖୋଲାଯାଇ ମହାଦୀପ ଉଠିଥାଏ। କିନ୍ତୁ ଗୁରୁବାର ଏହି ବାନାଗୁଡ଼ିକ ଖୋଲା ନଯାଇ ମହାଦୀପ ଉଠିଥିଲା। ପବନ ଅଧିକ ଜୋରରେ ବହିବାରୁ ୩/୪ଟି ବାନାରେ ନିଆଁ ଲାଗି ଉଡ଼ିଥିଲା ବୋଲି ଦାସମହାପାତ୍ର କହିଛନ୍ତି। । ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ପବନ ଯୋଗୁ ନୀଳଚକ୍ର ତଳେ ବନ୍ଧା ଯାଇଥିବା ବାନାରେ ନିଆଁ ଲାଗିଥିଲା।

# ଫାଷ୍ଟ କମ୍ ଫାଷ୍ଟ ସର୍ଭଡ୍

ତାଳଚେର,୧୯।୩(ନି.ପ୍ର.)



**କୋଇଲା ପରିବହନ ପାଇଁ ନୂଆ ନିୟମ**

ମହାନଦୀ କୋଲ୍ ଫିଲଡ୍ସ ଲିମିଟେଡ (ଏମ୍ସିଏଲ୍) ଓ ଅନୁଗୋଳ ଜିଲା ପ୍ରଶାସନର ମିଳିତ ସହଯୋଗରେ ତାଳଚେରରେ ରୋଡ୍ ସେଲ୍ କୋଇଲା ପରିବହନ 'ଫାଷ୍ଟ କମ୍ ଫାଷ୍ଟ ସର୍ଭଡ୍' ନିୟମ ଆଧାରରେ କରାଯିବ। ଫଳରେ ସ୍ଥାନୀୟ ଯୁବ କୋଇଲା ବ୍ୟବସାୟୀମାନେ ବିଶେଷଭାବେ ଉପକୃତ ହୋଇପାରିବେ। ନିୟମ ଆଧାରରେ କୋଇଲା ପରିବହନ ପାଇଁ ଯେଉଁ ଗାଡ଼ି ପ୍ରଥମେ ଆସିବ, ତାହାକୁ ପ୍ରଥମେ କୋଇଲା ଲୋଡିଂ ନିମନ୍ତେ ପ୍ରାଥମିକତା ଦିଆଯିବ। ଏହି ନିୟମ ପାଇଁ ତାଳଚେରର ଟ୍ରକ୍ ମାଲିକମାନେ ଏମ୍ସିଏଲ୍‌କୁ ପ୍ରଶଂସା କରିବା ସହ କୋଇଲା ପରିବହନରେ ହେଉଥିବା ଅନ୍ୟାୟ ବନ୍ଦ କରାଯାଇପାରିବ ବୋଲି କହିଛନ୍ତି। ଏମ୍ସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା କହିଛନ୍ତି, 'ଫାଷ୍ଟ କମ୍ ଫାଷ୍ଟ ସର୍ଭଡ୍'ରେ ରୋଡ୍ ସେଲ୍ କୋଇଲା ପରିବହନ ପାଇଁ ବହୁ ମତାମତ ମିଳିଛି। ଏହି ନୂତନ ନିୟମ ଫଳରେ ଯେ କୌଣସି ଟ୍ରକ୍ ମାଲିକ ପରିବହନ ସଙ୍ଗଠନର ହସ୍ତକ୍ଷେପ ବିନା କୋଇଲା ଉପଭୋକ୍ତାଙ୍କ ପାଇଁ କୋଇଲା ଲୋଡିଂ କରିପାରିବେ।

## ଏନ୍‌ଟିପିସିର ଭଙ୍ଗା ପାଚେରି କାମ ହେଲା

**କଣିହାଁ, ୧୯।୩(ଡି.ଏନ.ଏ.):** କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ଗଦାଶିଳା ଗ୍ରାମ ନିକଟରେ ଥିବା ସୁରକ୍ଷା ପାଚେରିକୁ କେତେଜଣ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ପୋଲିସ ଉପସ୍ଥିତିରେ ଏହାର ମରାମତି କରାଯାଇଛି। ଘଟଣାରୁ ଜଣାପଡିଛି, କେତେଜଣ ପ୍ରକଳ୍ପ କ୍ଷତିଗ୍ରସ୍ତ ସମସ୍ୟା ସମାଧାନ, ନିଯୁକ୍ତି ଆଦି ଦାବିରେ ଆନ୍ଦୋଳନ ହୋଇଥିଲା। ତେବେ କେତେଜଣ ବ୍ୟକ୍ତି ଏହି ସମୟରେ ପାଚେରି ଭାଙ୍ଗି ଦେଇଥିଲେ। ପୋଲିସ ୯ ଜଣ ଆନ୍ଦୋଳନକାରୀଙ୍କୁ ଅଟକ ରଖି ପରେ ଛାଡି ଦେଇଥିବା ଏନ୍‌ଟିପିସି ଥାନା ସୂତ୍ରରୁ ପ୍ରକାଶ।

# ଡେପୁଟି ସୁବେଦାର ମୃତ, ୩ ଗୁରୁତର

ଢେଙ୍କାନାଳ ଅଫିସ, ୧୯।୩

**ପୋଲିସ ଗାଡ଼ିକୁ ଧକ୍କାଦେଲା ଟ୍ରକ୍**



ଢେଙ୍କାନାଳ ସହରସ୍ଥିତ ୫୫ନଂ. ଜାତୀୟ ରାଜପଥର ଆନନ୍ଦନଗର ନିକଟରେ ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧ଟାରେ ଦୁଃଖଦ ଦୁର୍ଘଟଣା ଘଟିଛି। ଓଏସ୍ଏପି ଫାଷ୍ଟ ବାଟାଲିୟନର ଜିପ୍‌କୁ ଏକ ଟ୍ରକ୍ ଧକ୍କାଦେବାରୁ ଜଣେ ଡେପୁଟି ସୁବେଦାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭିକାରୀ ଚରଣ ସେଠୀ (୫୪)। ଏଥିରେ ଜିପ୍ ଚାଳକ ଅଶ୍ୱିନୀ ରାଉତ, ସିପାହି ହୃଷୀକେଶ ସିଂ, ରାଜେନ୍ଦ୍ର ବିଶ୍ୱାଳ ଗୁରୁତର ହୋଇଛନ୍ତି।

ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀମାନେ କଟକରୁ ଏକ ଜରୁରୀ ବୈଠକ ସାରି ଉକ୍ତ ଜିପ୍‌ରେ ଢେଙ୍କାନାଳ ଫେରୁଥିଲେ। ଏହି ସମୟରେ ଟ୍ରକ୍‌ଟି ଜିପ୍‌କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସମସ୍ତ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଡେପୁଟି ସୁବେଦାରଙ୍କୁ ମୃତ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ୨ କର୍ମଚାରୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଖବର ଲେଖାଯିବା ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ପତ୍ତା ମିଳିନାହିଁ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ କେସ୍ ନଂ. ୯୦/୨୦ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଏହି ଘଟଣା ଫାଷ୍ଟ ବାଟାଲିୟନ ଏବଂ ଜିଲା ପୋଲିସ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇଦେଇଛି।

# ଚିନ୍ତା ବଢାଇଛି ହାତୀ ଉପଦ୍ରବ

ବଇଣ୍ଡା, ୧୯।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ମଧପୁର, ନାଗାଝରଣ, ମକାମୁଣ୍ଡା, ଜାମୁନାଳୀ, ଅଶ୍ରୁବାହାଳ ଗ୍ରାମଗୁଡିକରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ନିକଟସ୍ଥ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ପନିପରିବା ଚାଷଗୁଡିକୁ ପାଦରେ ଦଳି ନଷ୍ଟ କରିବା ସହ ଆମ୍ବ, ପଣସ, କଦଳୀ ଗଛ ଆଦି ଭାଙ୍ଗି ଦେଉଛନ୍ତି। ବାରମ୍ବାର ଏପରି କ୍ଷୟକ୍ଷତି ଘଟୁଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀ ବାଣ ଫୁଟାଇ, ନିଆଁ ହୁଳା କରି ହାତୀ ଘଉଡାଉଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗ ଦୃଷ୍ଟିଦେବା ସହ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ସମୂହ ନମାଜ ପାଠରେ ରୋକ୍

ଅନୁଗୋଳ ଅଫିସ୍, ୧୯।୩

କରୋନା ପାଇଁ ଜିଲାରେ ୧୪୪ ଧାରା ଜାରି କରିଥିବା ଅନୁଗୋଳ ପ୍ରଶାସନ ଧାର୍ମିକ କାର୍ଯ୍ୟକୁ ମଧ ବନ୍ଦ କରାଯାଇଛି। ଏପରି କି ଶୁକ୍ରବାର ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନଙ୍କ ସମୂହ ନମାଜ ପାଠ ଉପରେ ମଧ ରୋକ୍ ଲଗାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନିଆଯାଇଥିବା ଜିଲାପାଳ କହିଛନ୍ତି। ତେବେ ସାମୟିକ ସମୟ ପାଇଁ ଏହି କଟକଣା ଲଗାଯାଇଛି ଓ ପରିସ୍ଥିତି ଆୟତ୍ତକୁ ଆସିଲେ ପୁଣି ସମୂହ ନମାଜ ପାଠ ହୋଇପାରିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

# ଅନୁଗୋଳ ସାପ୍ତାହିକ ହାଟ ବନ୍ଦ


ହାଟ ବନ୍ଦ ରହିଛି।

- ଭିଡ଼ ଏଡ଼ାଇବାକୁ ପ୍ରଶାସନର କଟକଣା
- ବସ୍ତା ଖୋଲିପାରିଲେନି ବେପାରୀ
- ଖାଲି ବ୍ୟାଗ ଧରି ଘରକୁ ଫେରିଲେ ଗ୍ରାହକ

ଅନୁଗୋଳ ଅଫିସ୍, ୧୯।୩

କରୋନା ସଂକ୍ରମଣ ଭୟକୁ ଦୃଷ୍ଟିରେ ରଖି ଅନୁଗୋଳ ସାପ୍ତାହିକ ହାଟକୁ ଗୁରୁବାର ପୋଲିସ ପକ୍ଷରୁ ବନ୍ଦ କରାଯାଇଛି। ଏପରି କି ହାଟ ଖୋଲିବା ପୂର୍ବରୁ ପୋଲିସ ହାଟରେ ପହଞ୍ଚି ଯାଇଥିଲା। ଫଳରେ ସହରର ସବୁଠାରୁ ବଡ଼ ହାଟ ବନ୍ଦ କରାଯାଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏପରି କରାଯାଇଥିବା ଏସ୍‌ପି ଜଗମୋହନ ମୀନା କହିଛନ୍ତି। ଅନ୍ୟପକ୍ଷରେ ହାଟକୁ ଆସିଥିବା ବେପାରୀ ଓ ଖାଉଟି ନିରାଶ ହୋଇ ଫେରିବାକୁ ପଡ଼ିଛି।

ସକାଳୁ ଭଲ ବ୍ୟବସାୟ ଆଶାରେ ଆଖପାଖ ଅଞ୍ଚଳର ବହୁ ବ୍ୟବସାୟୀ ହାଟକୁ ଆସିଥିଲେ। ସେହିପରି ଏହି ସାପ୍ତାହିକ ହାଟରୁ ତାଜା ପରିବା ନେବାକୁ ସହର ଓ ଉପକଣ୍ଠ ଅଞ୍ଚଳରୁ ବହୁ ସଂଖ୍ୟାରେ ଗ୍ରାହକ ମଧ ପହଞ୍ଚିଥିଲେ। କିନ୍ତୁ ହାଟ ଖୋଲିବା ପୂର୍ବରୁ ସେଠାରେ ଅନୁଗୋଳ ପୋଲିସ ପହଞ୍ଚି ବ୍ୟବସାୟ ନ କରିବାକୁ ପରାମର୍ଶ ଦେଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନ୍, ବାଇକ୍‌ରେ ପରିବା ଧରି ଆସିଥିବା ବ୍ୟବସାୟୀମାନେ ଆଦୌ ପରିବା ବସ୍ତା ଖୋଲି ପାରି ନ ଥିଲେ। ଏପରି କି ଆଳୁ, ପିଆଜ, ରସୁଣ, ଅଦା ଆଦି ବେପାର କରୁଥିବା ବ୍ୟବସାୟୀମାନେ ମଧ ସେମାନଙ୍କ ପସରା ମେଲାଇ ପାରି ନ ଥିଲେ। ତେବେ କୌଣସି ସୂଚନା ଦିଆଯାଇ ନ ଥିବାରୁ ବ୍ୟବସାୟୀ ଓ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗାଡ଼ି ଭଡ଼ା ଦେଇ ସେମାନେ ପରିବା ଆଣିଥିବାରୁ କେଉଁଠି ସେମାନେ ତାହାକୁ ବିକିବେ ଓ ଗାଡ଼ି ଭଡ଼ା ଦେବେ ସେ ନେଇ ପ୍ରଶ୍ନ କରିଥିଲେ। ସେହିପରି ପରିବା ପାଇଁ ଆସି ଖାଲି ବ୍ୟାଗ ଧରି ଫେରିଯାଉଥିବା ଖାଉଟିମାନେ ମଧ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘ ବର୍ଷ ହେବ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏହି ସାପ୍ତାହିକ ହାଟର ଆୟୋଜନ କରାଯାଉଥିବାବେଳେ ବ୍ୟବସାୟ ଆରମ୍ଭ ପୂର୍ବରୁ ଏପରି ବନ୍ଦ ହେବା ପ୍ରଥମ ଘଟଣା ବୋଲି କୁହାଯାଇଛି।

## ପ୍ରଥମ ଦିବସରେ ୩,୫୦୦ ଖାତା ମୂଲ୍ୟାୟନ

ଅନୁଗୋଳ ଅଫିସ,୧୯।୩

ଅନୁଗୋଳ ଜିଲାରେ ମାଟ୍ରିକ ଖାତା ମୂଲ୍ୟାୟନର ପ୍ରଥମ ଦିବସରେ ୩,୫୦୦ ଖାତା ଦେଖା ହୋଇଥିବା ଜିଲା ଶିକ୍ଷା ଅଧିକାରୀ କଳ୍ପନା କୁମାରୀ ବେହେରା ସୂଚନା ଦେଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖାତା ଦେଖାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ତେଣୁ ଜିଲାରେ ଖାତା ମୂଲ୍ୟାୟନ କରୁଥିବା ୩୪୯ ଜଣ ଶିକ୍ଷକଙ୍କୁ ଫେରାଇ ଦିଆଯାଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିନରେ ଜଣେ ଶିକ୍ଷୟିତ୍ରୀ ଓ ଶିକ୍ଷକ ୧୦ ରୁ ୧୫ଟି ଖାତା ମୂଲ୍ୟାୟନ କରିଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶିକ୍ଷକଙ୍କ ମଧ୍ୟରେ ୧ ମିଟର ଦୂରତା ରଖାଯାଇଥିବା ବେଳେ ମୂଲ୍ୟାୟନ କେନ୍ଦ୍ରରେ ସାନିଟାଇଜର ବ୍ୟବସ୍ଥା ସହ ହାତ ଧୋଇବାକୁ ପାଣିର ବ୍ୟବସ୍ଥା କରାଯାଇଥିଲା।

# ହିଙ୍ଗୁଳାଙ୍କ ଆବାହନୀ ପୂଜା ଆରମ୍ଭ



ତାଳଚେର,୧୯।୩(ଡି.ଏନ.ଏ.)

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଗୁରୁବାରଠାରୁ ଆବାହନୀ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମା' ହିଙ୍ଗୁଳା ଓ କୁଟେଇଶୁଣୀଙ୍କ ଚଳନ୍ତି ପ୍ରତିମା ଆଲମକୁ ସ୍ୱର୍ଣ୍ଣ ମୁକୁଟ ପରିଧାନପୂର୍ବକ ମା'ଙ୍କ ବଡ଼ ମଣ୍ଡପକୁ ଅଣାଯାଇଥିଲା। ପରେ ଦେହୁରୀ ମା' ହିଙ୍ଗୁଳାଙ୍କୁ ମହାଲକ୍ଷ୍ମୀ ରୂପରେ ପୂଜା କରିଥିଲେ। ଏହି ପୂଜାକୁ ପହିଲି ବା ଆବାହନୀ ପୂଜା କୁହାଯାଇଥାଏ। ଆସନ୍ତା ଗୁରୁବାର ମଧ ଏହି ପୂଜା କରାଯିବ। ସେହିଦିନ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବର ଦିନଧାର୍ଯ୍ୟ କରାଯାଇଥାଏ। ଏହି ଜନ୍ତାଳ ଯାତ୍ରାଦିନ ପତିଆରଙ୍କଠାରେ ଦେବୀ ଆବିଷ୍ଟ ହୋଇ ମା' ହିଙ୍ଗୁଳାଙ୍କ ଆବିର୍ଭାବର ଦିଗ ସମ୍ବନ୍ଧରେ ଦେହୁରୀଙ୍କୁ ସୂଚନା ଦେଇଥାନ୍ତି। ଏହାପରେ ମଧରାତ୍ରିରେ ଦେହୁରୀ ଏକା ଯାଇ ପୂର୍ବ ସୂଚନା ମୁତାବକ ମା' ହିଙ୍ଗୁଳାଙ୍କ ଆବିର୍ଭାବ ବା ଉଭାସ୍ଥଳ ଚିହ୍ନଟ କରିଥାନ୍ତି ବୋଲି ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନମୋହନ ଗଡ଼ନାୟକ ମତପ୍ରକାଶ କରିଛନ୍ତି।

## ୫ ଟ୍ରକ୍‌ରୁ ୩ ଲକ୍ଷ ୬୦ ହଜାର ଜରିମାନା ଆଦାୟ

ବନ୍ତଳା, ୧୯।୩(ଡି.ଏନ.ଏ.)

ବନ୍ତଳା ଥାନା ଚନ୍ଦନପୁର ଅଞ୍ଚଳରୁ ବୁଧବାର ରାତି ପ୍ରାୟ ୧ଟାରେ ୫ଟି ଟ୍ରକ୍‌ରେ ବେଆଇନ ଭାବେ ମୂଲ୍ୟବାନ ପଥର ଚାଲାଣ ହେଉଥିବା ଖବର ପାଇ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବନ୍ତଳା ଥାନା ଦାୟିତ୍ୱରେ ଥିବା ସୌରଭ ଓତା ଓ ପୋଲିସ ଫୋର୍ସ ଚଢ଼ାଉ କରି ୫ଟି ଟ୍ରକ୍ (ନଂ. ସିଜି ୧୨ ଏପି–୦୬୨୯, ଜେଏଚ ୦୫ ଇଏଫ–୧୩୭୬, ଜେଏଚ ୦୫ ଇଏଫ–୨୯୬୦, ଜେଏଚ ୦୫ ଇଏଫ–୬୨୧୬, ଜେଏଚ ୦୫ ଇଏଫ–୬୪୫୭) ଜବତ କରିବା ସହିତ ୫ ଜଣ ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ଗୁରୁବାର ସକାଳେ ଆର୍‌ଟିଓଙ୍କୁ ଜଣାଇବା ପରେ ଟ୍ରକ୍‌ରେ ଓଭରଲୋଡିଂ ସହ ପରମିଟ୍ ନ ଥିବା ଆଦି ଜଣାପଡିଥିଲା। ଫଳରେ ସମସ୍ତ ଗାଡ଼ିରୁ ୩ ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ତହସିଲଦାର ମଧ ଜରିମାନା ଆଦାୟ କରିଥିବା ଜଣାପଡିଛି।

# ପଖାଳ କଂସାକୁ କରୋନା ଭୟ

ଅନୁଗୋଳ ଅଫିସ୍, ୧୯।୩



**ଆଜି ସାର୍ବଜନୀନ ପଖାଳ ଦିବସ**

ମାର୍ଚ୍ଚ ୨୦ ସାର୍ବଜନୀନ ପଖାଳ ଦିବସ ଅବସରରେ ପ୍ରତିବର୍ଷ ଅନୁଗୋଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ପଖାଳ କଂସାକୁ କରୋନା ଭୟ ଘାରିଛି। ଏପରି କି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା ପଖାଳ ଦିବସକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

ପଖାଳ କଂସା ପାଖରେ ନାନା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଏହି ଦିବସକୁ ପାଳନ କରାଯାଇଥାଏ। ଅନୁଗୋଳ ସହରରେ ଥିବା ଛୋଟ ବଡ଼ ହୋଟେଲରେ ସମସ୍ତେ ଏଥିପାଇଁ ପୂର୍ବ ପ୍ରସ୍ତୁତି କରିଥାନ୍ତି। ସେହିପରି ବିଭିନ୍ନ ଅନୁଷ୍ଠାନ ଏଥିପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରିତ କରି ପଖାଳରେ ଆପାୟିତ କରିଥାନ୍ତି। କିନ୍ତୁ ଚଳିତ ବର୍ଷ ପଖାଳ ଦିବସ ପାଳନ ଫସର ଫାଟି ଯାଇଛି। ଏହା ପଛରେ ମୁଖ୍ୟ କାରଣ ହେଉଛି କରୋନା ଭାଇରସ୍ ଭୟ। ଏହି କାରଣରୁ ଓଡ଼ିଆ ଘରର ପ୍ରିୟ ଖାଦ୍ୟ ପଖାଳକୁ ନେଇ ପାଳନ ହେଉଥିବା ସ୍ୱତନ୍ତ୍ର ଦିବସ ଚଳିତ ବର୍ଷ ଲୋକେ ପାଳନ କରିପାରିବେ ନାହିଁ। କେତେଜଣ ହୋଟେଲ ମାଲିକ କହିଛନ୍ତି, ପଖାଳର ସ୍ୱତନ୍ତ୍ର ଚାହିଦା ରହିଛି। ବିଶେଷକରି ଗ୍ରୀଷ୍ମରେ ପଖାଳର ମଜା ଅଲଗା। ସେହିପରି ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଶାଗ, ବଡ଼ିଚୁରା, ଚୂନାମାଛ ଭଜା, ମାଛ ବେସର, ଆଳୁ ଭର୍ତ୍ତା, ବାଇଗଣ ଭର୍ତ୍ତା ଆଦି ବହୁ ପ୍ରକାରର ଖାଦ୍ୟ ସମାଗ୍ରୀ ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ଚଳିତବର୍ଷ କରୋନା ଭୟ ଘାରି ଥିବାରୁ ପଖାଳର ମଜା ଲୋକେ ଉଠାଇ ପାରୁନାହାନ୍ତି। ତେଣୁ ପଖାଳ ଦିବସରେ ପୂର୍ବାପେକ୍ଷା ଚାହିଦା କମିବା ନିଶ୍ଚିତ ବୋଲି ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ଯେ, କରୋନା ପାଇଁ ସହରରେ ୧୪୪ ଧାରା ଜାରି କରାଯାଇଛି। କୌଣସି ସ୍ଥାନରେ ଲୋକ ରୁଣ୍ଡ ହୋଇପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେଣୁ ଏଥର ପଖାଳ ଦିବସ ପାଳନ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଘରେ ପରିବାର ଲୋକଙ୍କ ସହ ଏହି ଦିବସ ପାଳନ କରିବେ ବୋଲି ସହରବାସୀ ପ୍ରକାଶ କରିଛନ୍ତି।



“ଖଦିର ରପ୍ତାନି ବୃଦ୍ଧି ସହ କେଭିଆଇସିରେ କର୍ପୋରେଟ ସଂସ୍କୃତି କାର୍ଯ୍ୟକାରୀ କରାଇବାର ଆବଶ୍ୟକତା ରହିଛି।

–ନୀତିନ ଗଡକରୀ, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ



“ଫେବୃୟାରୀ ଶେଷ ସୁଦ୍ଧା ଦେଶର ୯୦ ପ୍ରତିଶତ ଲୋକଙ୍କୁ ଆଧାର ଯୋଗାଇ ଦିଆଯାଇଛି।

–ସଞ୍ଜୟ ଧୋତ୍ରେ, ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ

**କରୋନା ପାଇଁ ବିଗୁଡୁଛି ବଜାରସ୍ଥିତି**

# ଅଭିବୃଦ୍ଧିକୁ ଲାଗିବ ଝଟକା

ନୂଆଦିଲ୍ଲୀ,୧୯–୩



- ■୩.୮୮% ଛୁଇଁପାରେ ବିତ୍ତୀୟ ନିଅଣ୍ଟ
- ■ଅଧିକ କ୍ଷତିଗ୍ରସ୍ତ ହେବ ବ୍ୟବସାୟ, ହୋଟେଲ ଶିଳ୍ପ, ପରିବହନ, ଯୋଗାଯୋଗ କ୍ଷେତ୍ର
- ■ବିତ୍ତୀୟ ପ୍ୟାକେଜ ବାଦ ଆସିପାରେ ବିକଳ୍ପ ପନ୍ଥା

କରୋନା ମହାମାରୀର ପ୍ରଭାବ ଦେଶର ଅଭିବୃଦ୍ଧିକୁ ଝଟକା ଦେବ। ବ୍ୟବସାୟ, ହୋଟେଲ ଶିଳ୍ପ, ପରିବହନ ଏବଂ ଯୋଗାଯୋଗ କ୍ଷେତ୍ର ଏହି ମହାମାରୀ ଦ୍ୱାରା ଗଭୀର ଭାବେ କ୍ଷତିଗ୍ରସ୍ତ ହେବ ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏସ୍‌ବିଆଇ ଇକୋରାପ ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦେଶର ବିତ୍ତୀୟ ନିଅଣ୍ଟ ମହାମାରୀ ଯୋଗୁ ୩.୮୮% ଛୁଇଁବ। ଚଳିତ ବର୍ଷ ମାର୍ଚ୍ଚରେ ଟ୍ରାଭେଲ ଏବଂ ପରିବହନ କ୍ଷେତ୍ର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ବ୍ୟବସାୟ, ହୋଟେଲ, ପରିବହନ କ୍ଷେତ୍ର , ଯୋଗାଯୋଗ ଏବଂ ସେବା କ୍ଷେତ୍ର କ୍ଷତିଗ୍ରସ୍ତ ହେବା ଯୋଗୁ ଏହା ଜିଡିପି ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ରିପୋର୍ଟରେ କୁହାଯାଇଛି। କରୋନା ଯୋଗୁ ଆର୍ଥିକ ବର୍ଷ ୨୦୨୦ର ଚତୁର୍ଥ ତ୍ରୈମାସ ନୋମିନାଲ ଜିଡିପି ୧.୪% ଖସିବ ବୋଲି ଆଶଙ୍କା କରାଯାଇଛି। ରାଜସ୍ୱ କମିଥିବାରୁ ସରକାର ୨୦୧୯–୨୦ର ବିତ୍ତିୟ ନିୟଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ପରିବର୍ତ୍ତନ କରି ୩.୩%ରୁ ୩.୮% କରିଛନ୍ତି। କରୋନା ଯୋଗୁ ଏଥିରେ ପୁଣି ଥରେ ପରିବର୍ତ୍ତନ ଆସିପାରେ ବୋଲି କୁହାଯାଇଛି।

ପରିବର୍ତ୍ତିତ ବିତ୍ତୀୟ ନିୟଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ୩.୮%କୁ କଡାକଡି ଭାବେ ପାଳନ କରିବାକୁ ହେଲେ ସରକାର ୧.୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକ। ବର୍ତ୍ତମାନ ସାରା ବିଶ୍ୱର ସ୍ଥିତି ବେହାଲ ହୋଇପଡିଥିବା ବେଳେ ଘରୋଇ ବଜାର ମଧ୍ୟ ସମାନ ଦଶା ସାମ୍ନା କରୁଛି। ଯଦି କରୋନା ତୃତୀୟ ଏବଂ ଚତୁର୍ଥ ଷ୍ଟେଜକୁ ଯାଏ ତେବେ ବିତ୍ତୀୟ ପ୍ୟାକେଜ ବାଦ ସରକାର ଅନ୍ୟ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଯୋଜନା କରିପାରନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ସେହିଭଳି ସରକାର ଟାକ୍ସ ମୋରାଟୋରିୟମ, ପେମେଣ୍ଟ ସମ୍ପ୍ରସାରଣ, ସୋସିଆଲ ଚାର୍ଜ, ଲୋନ ଗ୍ୟାରେଣ୍ଟି, ବେତନ ସବସିଡି ଭଳି ବିତ୍ତୀୟ ପଦକ୍ଷେପ ହାତକୁ ନେବାର ସମ୍ଭାବନା ରହିଛି। ବିଶ୍ୱ ବଜାରରେ ବର୍ତ୍ତମାନ ଅଶୋଧିତ ତେଲ ଦର କମିଥିବା ଯୋଗୁ ଇନ୍ଧନର ରିଟେଲ ମୂଲ୍ୟ ସରକାର କମାଇ ନ ପାରନ୍ତି। ସେହିଭଳି ଉତ୍ପାଦ ଟିକସ ଇନ୍ଧନ ଉପରେ ବଢିପାରେ। ଇନ୍ଧନ ଉପରେ ଉତ୍ପାଦ ଟିକସ କମାଇ ବିତ୍ତୀୟ ନିୟଣ୍ଟ କମାଇବା ଏବଂ ବଜାରକୁ ଖସିକରିବା ଭଳି ପଦକ୍ଷେପ ନ ନିଅନ୍ତୁ ବୋଲି ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଏହି ଅର୍ଥକୁ ବିତ୍ତୀୟ ପ୍ୟାକେଜ୍, ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ଲାଗି ଆୟ ସହାୟତା ଯୋଗାଣ ଦିଗରେ ସରକାର କାମ କରିବାକୁ କୁହାଯାଇଛି। ବର୍ତ୍ତମାନ ଲୋକଙ୍କ ନିଯୁକ୍ତି ଉପରେ ପ୍ରଭାବ ପଡିବାକୁ ଥିବା ବେଳେ ଏଭଳି କାର୍ଯ୍ୟକ୍ରମ ହାତକୁ ନେବାକୁ ରିପୋର୍ଟରେ କୁହାଯାଇଛି। ସାରା ବିଶ୍ୱ କଥା ବିଚାରକୁ ନେଲେ ଷ୍ଟେଟ ଲୋନ, ଇନକମ ସବସିଡି ଏବଂ ଟାକ୍ସ ଡିଫରାଲ ଭଳି ବିତ୍ତୀୟ ପ୍ୟାକେଜ ଗ୍ରହଣ କରାଯାଇଥାଏ।

## ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି କ୍ଷତି



ଦେଶର ପୁଞ୍ଜି ବଜାରରେ ଲଗାତର ଭାବେ ଚତୁର୍ଥ ଦିନ ଲାଗି କାରବାର କ୍ଷତିରେ ଚାଲିଛି। ଏହି ସମୟ ମଧ୍ୟରେ ନିବେଶକଙ୍କୁ ୧୯.୪୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। କରୋନାର ପ୍ରଭାବ ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ପଡିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଗୁରୁବାର ସେନ୍‌ସେକ୍ସ କାରବାର ୫୮୧.୨୮ ପଏଣ୍ଟ ନିମ୍ନରେ ରହିଛି। ଦିନ ମଧ୍ୟରେ ସୂଚକାଙ୍କ ୨୧୫୫.୦୫ ପଏଣ୍ଟ ଖସିଯାଇଥିଲା। ଗତ ୪ ଦିନ ମଧ୍ୟରେ ସେନ୍‌ସେକ୍ସ ୫,୮୧୫ ପଏଣ୍ଟ ଖସିଛି। ବିଶ୍ୱ ବଜାରରେ ନିବେଶକଙ୍କ ମନୋଭାବ ପ୍ରଭାବିତ ହେବାରୁ ସେମାନେ ନିବେଶ ଅର୍ଥ ଫେରାଇ ନେଉଛନ୍ତି। ଏହି ସମୟରେ ମଡ୍‌କ୍ୟାପ ଏବଂ ସ୍ମଲ କ୍ୟାପ ସୂଚକାଙ୍କ ଯଥାକ୍ରମେ ୩.୭୦% ଏବଂ ୪.୫୩% ଖସିଯାଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ୧୮୨୮ କମ୍ପାନୀର କାରବାର ଖସିଥିବା ବେଳେ ୫୭୪ଟିର କାରବାର ଉନ୍ନତ ଏବଂ ୧୬୪ଟିର ଅପରିବର୍ତ୍ତିତ ରହିଛି। ପ୍ରାୟ ୧୨୦୦ କମ୍ପାନୀ କାରବାର ଗୋଟିଏ ବର୍ଷ ତଳକୁ ଖସିଯାଇଛି।

## ୧୦ ଦିନ ବନ୍ଦ ହୋଇପାରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ



କରୋନା ପ୍ରଭାବ ଯୋଗୁ ଶେୟାର ବଜାରର ନିବେଶକ ଏବେ ଛାନିଆ ହୋଇ ରହିଛନ୍ତି। ଏହାକୁ ବିଚାର କରି ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ୧୦ ଦିନ ଲାଗି ବନ୍ଦ ରଖାଯାଇପାରେ ବୋଲି ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଷ୍ଟକ ବଜାରର ଜଣେ ସକ୍ରିୟ ବ୍ରୋକର ନାମ ଗୋପନ ରଖି କହିଛନ୍ତି ଯେ, ନିବେଶକଙ୍କ ମନରେ ଡର ଯୋଗୁ ଷ୍ଟକ ବଜାର ଦିନକୁ ୧୫୦୦ରୁ ୨୦୦୦ ପଏଣ୍ଟ ଖସୁଛି। ଏହାକୁ ଧ୍ୟାନରେ ରଖି ଷ୍ଟକ ବଜାରକୁ ଗୋଟିଏ ସପ୍ତାହ କିମ୍ବା ୧୦ ଦିନ ବନ୍ଦ ରଖାଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏହା ଉପରେ ଏବେ ଯାଏ କୌଣସି ନିଷ୍ପତ୍ତି ଘୋଷଣା ହୋଇ ନ ଥିବା ସେ କହିଛନ୍ତି। ମାତ୍ର ଏପରି ହେଲେ ଭାରତୀୟ ଶେୟାର ବଜାର ଲାଗି ଏହା ଐତିହାସିକ ହେବ। ଏ ନେଇ ଜଣେ ଅଧିକାରୀଙ୍କୁ ପଚାରିବାକୁ ସେ କିଛି ସ୍ପଷ୍ଟ ସୂଚନା ଦେଇ ନାହାନ୍ତି। ଷ୍ଟକ ବଜାରର ସର୍ଟ ସେଲିଂକୁ ସେବି କିଛି ସମୟ ଲାଗି ବନ୍ଦ କରିପାରେ ବୋଲି ଏହା ପୂର୍ବରୁ ଚର୍ଚ୍ଚା ଜୋର ଧରିଥିଲା। ଷ୍ଟକ ଏକ୍ସଚେଞ୍ଜର ୫୦% କର୍ମଚାରୀ ଏବେ ଘରୁ କାମ କରୁଥିବା ଜଣାପଡିଛି।

## ଇଣ୍ଡିଗୋ କର୍ମଚାରୀଙ୍କ ବେତନ ୨୫% ହ୍ରାସ



ଦେଶର ସବୁଠାରୁ ବଡ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋ ଏହାର କର୍ମଚାରୀଙ୍କ ବେତନରେ ୨୫% ହ୍ରାସ କରିବା ପାଇଁ ଘୋଷଣା କରିଛି। କର୍ମଚାରୀମାନେ ୨୫% କମ୍ ବେତନ ନେବେ ବୋଲି ଏହାର ସିଇଓ ରାଣାଜୟ ଦତ୍ତ ସୂଚନା ଦେଇଛନ୍ତି। କରୋନା ପ୍ରଭାବକୁ ନେଇ କମ୍ପାନୀର ଆୟ ଉପରେ ଗଭୀର ପ୍ରଭାବ ପଡିଛି। ଏଥିଯୋଗୁ କମ୍ପାନୀ ଏବେ ସଙ୍କଟରେ ରହିଛଇ। ଏହାବାଦ ଏୟାର ଲାଇନ ଶିଳ୍ପରେ କାରବାର ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରଭାବିତ ରହିଛି। ଏୟାର ଇଣ୍ଡିଆ ଏହାର କର୍ମଚାରୀଙ୍କ ବେତନରେ ୫% ହ୍ରାସ କରିପାରେ। ଏ ନେଇ କମ୍ପାନୀ ବର୍ତ୍ତମାନ ବୃତ୍ତାନ୍ତ ଘୋଷଣା କରିବାକୁ ବାକି ରହିଛି। ଗୋଏୟାର, ଭିସ୍ତାରା ଏବଂ ସ୍ୱାଇସ ଜେଟ ଭଳି କମ୍ପାନୀ ଅନ୍ତର୍ଜାତୀୟ ଉଠାଣକୁ ଅନିର୍ଦ୍ଦିଷ୍ଟ ସମୟ ଲାଗି ବନ୍ଦ ରଖିଛନ୍ତି। ଆଗାମୀ ଏପ୍ରିଲ ଯାଏ ଏୟାର ଇଣ୍ଡିଆ ୭ ଦେଶକୁ ବିମାନ ସେବା ବନ୍ଦ କରିଛି। କରୋନା ଲାଗି ଏୟାର ଟ୍ରାନ୍ସପୋର୍ଟ କ୍ଷେତ୍ରକୁ ୧୧୩ ବିଲିୟନ ଡଲାର କ୍ଷତି ସହିବାକୁ ପଡିଛି। ଏହାବାଦ ଗତ ଗୋଟିଏ ମାସ ମଧ୍ୟରେ ଇଣ୍ଡିଗୋ ଶେୟାରରେ ୩୭% ହ୍ରାସ ଘଟିଥିବା ଜଣାପଡିଛି।

## ବିମାନ ଚଳାଚଳ କ୍ଷେତ୍ରକୁ ମିଳିପାରେ ୧୨ ହଜାର କୋଟି



କରୋନା ପ୍ରଭାବକୁ କମ୍ କରିବା ଲାଗି ଦେଶର ବିମାନ ଚଳାଚଳ କ୍ଷେତ୍ରକୁ ୧୨ ହଜାର କୋଟି ଟଙ୍କାର ପ୍ୟାକେଜ ମିଳିପାରେ। ଏବେ ଅଧିକାଂଶ କମ୍ପାନୀ ସେମାନଙ୍କ ବିଦେଶୀ ଉଡାଣକୁ ଅସ୍ଥାୟୀ ସମୟ ଲାଗି ବନ୍ଦ କରି ଦେଇଛନ୍ତି। ବିମାନ କମ୍ପାନୀଗୁଡିକର ନଗଦ କମିବା ଯୋଗୁ ସ୍ଥିତି ବିଗିଡିଛି। ମାର୍ଚ୍ଚ ତ୍ରୈମାସରେ ଦେଶର ବିମାନ ଚଳାଚଳ କ୍ଷେତ୍ରକୁ ୪,୫୦୦ କୋଟି ଟଙ୍କାର କ୍ଷତି ସହିବାକୁ ପଡିପାରେ ବୋଲି ଅନୁମାନ କରାଯାଇଛି। ଏଭଳି ସ୍ଥିତିରେ ବିମାନ ଶିଳ୍ପକୁ ସରକାର ସହାୟତା ଲାଗି ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ଏକ ନ୍ୟୁଜ ଏଜେନ୍ସି ପକ୍ଷରୁ ସୂଚନା ରହିଛି। ଏହାବାଦ ବିମାନ କ୍ଷେତ୍ରକୁ ଟିକସ ରିହାତି ଦେବାକୁ ଅର୍ଥ ମନ୍ତ୍ରଣାଳୟ ଏବେ ବିଚାର କରୁଛି। ଏହାବାଦ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ରେସକ୍ୟୁ ପ୍ୟାକେଜ ଦେବାକୁ ପ୍ରସ୍ତାବ ରହିଛି। ନଗଦ ସଙ୍କଟ ଯୋଗୁ କିଛି ବିମାନ କମ୍ପାନୀ ବନ୍ଦ ହୋଇ ପାରେ ବୋଲି ଏକ ରିପୋର୍ଟ ମଧ୍ୟ ଆସିଛି। ଏହାବାଦ ସାରା ବିଶ୍ୱର ବିମାନ ଚଳାଚଳ କ୍ଷେତ୍ର ଲାଗି ୧୫ ଲକ୍ଷ କୋଟିର ପ୍ୟାକେଜ ଆବଶ୍ୟକ ହେଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## ବିଭିନ୍ନ କ୍ଷେତ୍ରରେ ପ୍ରଭାବ

- ଇ-ନାମ ପ୍ଲାଟଫର୍ମ ବ୍ୟବହାର ଲାଗି କୃଷକଙ୍କୁ ପ୍ରୋତ୍ସାହିତ କରିବାକୁ କହିଲା କେନ୍ଦ୍ର
- ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ପ୍ୟାଜେକ ଦେବାକୁ ପ୍ରସ୍ତାବ
- କରୋନା ପ୍ରଭାବ ବିମାନ ଚଳାଚଳ, ପରିବହନ କ୍ଷେତ୍ରକୁ କ୍ଷତିଗ୍ରସ୍ତ କରିଥିବାରୁ ମାର୍ଚ୍ଚ ମାସର ପ୍ରଥମ ୨ ସପ୍ତାହରେ ଭାରତର ଇନ୍ଧନ ଚାହିଦା ୧୧% ଖସିଯାଇଛି।
- କରୋନା ବ୍ୟାପି ଚାଲିଲେ ସ୍ୱଳ୍ପ ମିଆଦି ଭିତ୍ତିରେ ଦେଶର ଅଟୋମୋବାଇଲ କ୍ଷେତ୍ର ଉପରେ ନକାରାତ୍ମକ ପ୍ରଭାବକୁ ଏଡାଇ ଦିଆଯାଇ ନ ପାରେ ବୋଲି ଇଣ୍ଡିଆ ରେଟିଂ ଏକ ରିପୋର୍ଟରେ କହିଛି।
- ରିୟଲ ଇଷ୍ଟେଟ କ୍ଷେତ୍ରରେ ସମ୍ପତ୍ତି ବିକ୍ରି, ନିର୍ମାଣ ବାଧାପ୍ରାପ୍ତ: କ୍ରେଡାଇ
- ପ୍ରଭାବିତ ଶିଳ୍ପ ୟୁନିଟଗୁଡିକ ପୁଣି ଟ୍ରାକକୁ ଫେରିବାକୁ ୬ରୁ ୯ ମାସ ସମୟ ଲାଗିବ ବୋଲି ଶିଳ୍ପ ଜଗତ କହିଛି।
- ଶାଖାକୁ ଆସିବା ପରିବର୍ତ୍ତେ ନେଟ ବ୍ୟାଙ୍କିଙ୍ଗ ଏବଂ ମୋବାଇଲ ଆପ ବ୍ୟବହାର କରିବାକୁ ଆକ୍ସିସ ବ୍ୟାଙ୍କର ନିବେଦନ
- ୟୁରୋପରେ ଉତ୍ପାଦନ କମାଇବା ଲାଗି ଆର୍ସେଲର ମିତ୍ତଲ ଯୋଜନା ରଖିଥିବା ସୂଚନା ଦେଇଛି।
- କାର୍ଯ୍ୟ ପରିସର ଉପରେ କରୋନା ଗଭୀର ଭାବେ ପ୍ରଭାବ ପକାଇଥିବା ଟାଇମ୍ସ ଜବ୍ ସର୍ଭେରେ କୁହାଯାଇଛି।

## ଘରୋଇ ସଂସ୍ଥାଙ୍କୁ ‘ୱାର୍କ ଫ୍ରମ ହୋମ’ ନିର୍ଦ୍ଦେଶ

ଏବେ ସାରା ଦେଶରେ କରୋନାରେ ୧୭୦ ଲୋକ ଆକ୍ରାନ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ଫ୍ଲାଇଟଗୁଡିକୁ ସରକାର ଆଗାମୀ କିଛି ଦିନ ବ୍ୟାନ କରି ଦେଇଛନ୍ତି। ଘରୋଇ କମ୍ପାନୀର କର୍ମଚାରୀମାନେ ଘରୁ କାମ କରିବା ଲାଗି ସରକାର ରାଜ୍ୟଗୁଡିକୁ କହିଛନ୍ତି। ରାଜ୍ୟଗୁଡିକ ଏ ପ୍ରସଙ୍ଗକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି। ଆସନ୍ତା ଗୋଟିଏ ସପ୍ତାହ ଲାଗି ଦେଶ ମଧ୍ୟକୁ କୌଣସି ଅନ୍ତର୍ଜାତୀୟ ବିମାନ ପ୍ରବେଶ ନିଷେଧ କରାଯାଇଛି। ୧୦ ବର୍ଷରୁ କମ୍ ବୟସର ପିଲାମାନେ ଘରେ ରହିବାକୁ ନିର୍ଦ୍ଦେଶ ରହିଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଏହାର ଅଧିକାଂଶ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଛି। ଏହି ଧାରାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମଧ୍ୟ ଯୋଡି ହୋଇଛି।

## ୭୫ ସ୍ତର ଛୁଇଁଲା ଟଙ୍କା



ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୪ ପଇସା ନିମ୍ନରେ ରହିବା ଯୋଗୁ ଏହା ପ୍ରାୟ ୭୫.୧୦ ଟଙ୍କା ସ୍ତରରେ ରହିଛି। ଅର୍ଥନୈତିକ ମାନ୍ଦାବସ୍ଥା ଏବଂ କରୋନା ଭାଇରସ ଆତଙ୍କ ଯୋଗୁ ବଜାର ସ୍ଥିତି ଏଭଳି ବିଗିଡି ଯାଇଛି। ଘରୋଇ ଶେୟାର କାରବାର ଲଗାତର ଖସୁଥିବା ବେଳେ ବିଦେଶୀ ନିବେଶକମାନେ ସେମାନଙ୍କ ଜମା ଅର୍ଥ ବଜାରରୁ କାଢି ନେଉଛନ୍ତି। ଇଣ୍ଟରବ୍ୟାଙ୍କ ଏକ୍ସଚେଞ୍ଜ ବଜାରରେ ଟଙ୍କା ୭୪.୯୬ ସ୍ତରରୁ କାରବାର ଆରମ୍ଭ କରିଥିଲା। ଏହା ଦିନ ମଧ୍ୟରେ ସର୍ବାଧିକ ୭୪.୭୦ ସ୍ତରରେ ରହିଥିଲା। ଡଲାର ତୁଳନାରେ ଦିନର ନିମ୍ନ କାରବାର ସର୍ବନିମ୍ନ ସ୍ତର ୭୫.୩୦ ସ୍ତରରେ ରହିଥିଲା। ଶେଷରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ପୂର୍ବ କ୍ଲୋଜିଂ ତୁଳନାରେ ୮୪% ନିମ୍ନରେ ରହି ୭୫.୧୦ ସ୍ତରରେ ରହିଛି। ବୁଧବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୪.୨୬ ସ୍ତରରେ ରହିଥିଲା।

# ଡୁରିଆନର ଇୟର ଏଣ୍ଡ ଏକ୍ସଚେଞ୍ଜ ଅଫର

ଭୁବନେଶ୍ୱର,୧୯–୩

ପ୍ରମୁଖ ଫର୍ନିଚର ନିର୍ମାତା କମ୍ପାନୀ ଡୁରିଆନ ପକ୍ଷରୁ ଇୟର ଏଣ୍ଡ ଏକ୍ସଚେଞ୍ଜ ଅଫର ଘୋଷଣା କରାଯାଇଛି। ‘ପୁରୁଣା ଦିଅନ୍ତୁ, ନୂଆ ନିଅନ୍ତୁ’ ନାମରେ ଆରମ୍ଭ ହୋଇଥିବା ଅଫରରେ ପୁରୁଣା ଫର୍ନିଚର ଏକ୍ସଚେଞ୍ଜ ଉପରେ ଆକର୍ଷଣୀୟ ୪୫% ଫ୍ଲାଟ ନିଶ୍ଚିତ ରିହାତି ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଛି। ଷ୍ଟୋରରେ ଲିଭିଂ, ଡାଇନିଂ, ବେଡରୁମ, ଷ୍ଟୋରେଜ ଏବଂ ଅଫିସ ବର୍ଗରେ ଫର୍ନିଚର ପ୍ରଦାନ କରାଯାଉଛି। ସବୁ ବର୍ଗର ଫର୍ନିଚର ଉପରେ ଗ୍ରାହକ ଏହି ଲାଭ ଉଠାଇ ପାରିବେ। ବିସ୍ତୃତ ବର୍ଗର ଫର୍ନିଚର ଗ୍ରାହକ ଏହି ସମୟରେ ଚୟନ କରିବାର ମଧ୍ୟ ସୁବିଧା ପାଇପାରିବେ। ଗ୍ରାହକଙ୍କ ଘରକୁ ଟ୍ରାନ୍ସଫର୍ମ କରିବା ଦିଗରେ ବିଭିନ୍ନ ଡିଜାଇନର ପ୍ରଡକ୍ଟ କମ୍ପାନୀ ପ୍ରସ୍ତୁତ କରିଛି। ଏହି ସବୁ ପ୍ରଡକ୍ଟଗୁଡିକ ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତା ପୂରଣ ଦିଗରେ ସହାୟକ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏବେ ଗ୍ରାହକମାନେ ବିଭିନ୍ନ ପ୍ରଡକ୍ଟ ଡିଜାଇନ ପସନ୍ଦ କରୁଥିବାରୁ ସେହି ଆଧାରରେ ଫର୍ନିଚର ପ୍ରସ୍ତୁତ କରାଯାଉଛି। ଏହାବାଦ ୫ ବର୍ଷର ୱାରେଣ୍ଟି, କ୍ରେଡିଟ କାର୍ଡରେ ସହଜ ଇଏମ୍ଆଇ, ପେଟିଏମ୍‌ରେ କ୍ୟାଶବ୍ୟାକ, ବଜାଜ ଫିନସର୍ଫ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କାର୍ଡରେ ବିଭିନ୍ନ ସୁବିଧା ମିଳୁଛି। ସେହିଭଳି ଫ୍ରି ହୋମ୍ ଡେଲିଭରି ଏବଂ ପିକଅପ୍ ସୁବିଧା (ସର୍ତ୍ତସହ) ଗ୍ରାହକଙ୍କ ଲାଗି ରହିଥିବା ବେଳେ ଏହା ଲିମିଟେଡ ସମୟ ପର୍ଯ୍ୟନ୍ତ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ହୋମ୍ ଟାଉନରେ ଆକର୍ଷଣୀୟ ରିହାତି

**ଭୁବନେଶ୍ୱର,୧୯–୩:** ହୋମ ଟାଉନ ପକ୍ଷରୁ ବହୁ ପ୍ରତିକ୍ଷିତ ବାର୍ଷିକ ବିନିମୟ ଏବଂ ଅଭିବୃଦ୍ଧିୟ ବିକ୍ରୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋର ପକ୍ଷରୁ ସବୁ ପ୍ରକାରର ଆସବାବପତ୍ର, ଗୃହ ଉପକରଣ, ବୈଦ୍ୟୁତିକ ଉପକରଣ ଉପରେ ୪୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସେହିଭଳି ବିନିମୟ ଉପରେ ଅତିରିକ୍ତ ୨୫% ରିହାତି ରହିଛି। ଏହି ଅଫର ମାର୍ଚ୍ଚ ମାସ ଶେଷ ଯାଏ ରହିଛି। ଗ୍ରାହକମାନେ ନିଜର ପୁରୁଣା ଗୃହ ଉପକରଣ ଆସବାବପାଇଁ ଆକର୍ଷଣୀୟ ମୂଲ୍ୟ ପାଇପାରିବେ। ନିଜର ଆବଶ୍ୟକୀୟ ସମସ୍ତ ନୂତନ ଜିନିଷ ପାଇଁ ଆକର୍ଷଣୀୟ ରିହାତିର ସୁବିଧା ନେଇ ପାରିବେ। ଷ୍ଟୋରରେ ଡାଇନିଂ ରୁମ୍, ବେଡରୁମ୍, ପାରମ୍ପରିକ, ସମସାମୟିକ ଏବଂ ଆଧୁନିକ ଡିଜାଇନ ରହିଛି। ଆଧୁନିକ ସାଜସଜା ପ୍ରଚଳିତ ଫ୍ୟାଶନରେ ୫ ହଜାରରୁ ଅଧିକ ଡିଜାଇନ, ଆଧୁନିକ ମଡୁଲାର ସଲ୍ୟୁଶନ, ୧୦୦ରୁ ଅଧିକ ଡିଜାଇନ, ନିର୍ଭରଯୋଗ୍ୟ ୱାରେଣ୍ଟି ଏହା ଦେଉଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି।

# ବଜାଜର ବିଏସ୍–୬ ବାଣିଜ୍ୟିକ ଯାନ



**ନୂଆଦିଲ୍ଲୀ,୧୯–୩:** ବଜାଜ ଅଟୋ ଲିମିଟେଡ ପକ୍ଷରୁ ୩ ଚକିଆ ବିଏସ୍–୬ ବାଣିଜ୍ୟିକ ଯାନ ବଜାରକୁ ଆସିଛି। କମ୍ପାନୀ ପକ୍ଷରୁ ଏହା ବ୍ରାଣ୍ଡ ଆର୍ଇ, ମାକ୍ସିମା ଏବଂ ମାକ୍ସିମା କାର୍ଗୋର ବହୁବିଧ ରେଞ୍ଜ ଏହା ମଧ୍ୟରେ ସାମିଲ ରହିଛି। ଏହି ସବୁ ବର୍ଗଗୁଡିକରେ ୧୪ଟି ମଡେଲ ସାମିଲ ରହିଛି। କମ୍ପାନୀ ଏହାର ସବୁ ୩ ଚକିଆ ରେଞ୍ଜକୁ ବିଏସ୍–୬ରେ ରୂପାନ୍ତରିତ କରିଛି। ଆର୍‌ଇ ବ୍ରାଣ୍ଡ ବର୍ତ୍ତମାନ ଫୁଏଲ ଇଞ୍ଜେକଶନ ଟେକ୍ନୋଲୋଜି, ୨୩୬ ସିସି ଇଞ୍ଜିନ ଏବଂ ୩ ଇନ୍ଧନ ବିକଳ୍ପ ସହ ଆସୁଛି। ମାକ୍ସିମା ବ୍ରାଣ୍ଡ ସମାନ ଇଞ୍ଜିନ ଦକ୍ଷତା ସହ ଆସୁଥିବା ବେଳେ ନିରନ୍ତର ଶକ୍ତି ଏବଂ ଇନ୍ଧନ ଦକ୍ଷତା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୩ ହ୍ୱିଲର ବର୍ଗରେ କମ୍ପାନୀ ପ୍ରମୁଖ ବଜାର ଅଂଶୀଦାର ଥିବା କହିଛି। ବିଏସ୍–୬ ନିର୍ଗମନ ନିୟମକୁ ଧ୍ୟାନରେ ରଖି କମ୍ପାନୀ ଆଗୁଆ ନୂଆ ମଡେଲଗୁଡିକୁ ବଜାରକୁ ଛାଡିଛି। ବିଶ୍ୱସ୍ତରୀୟ ଗବେଷଣା ଏବଂ ଉନ୍ନତିକରଣ ଟିମ୍ ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ ମଡେଲଗୁଡିକ ବଜାରରେ ପ୍ରମୁଖ ସ୍ଥାନ ହାସଲ କରିବାକୁ ସହାୟତା କରିବା ନେଇ ଆଶାବାଦୀ ବୋଲି ବଜାଜ ଅଟୋ ଲିମିଟେଡର ଯୁଗ୍ମ ସଭାପତି ସମରଦୀପ ସୁବନ୍ଧ ସୂଚନା ଦେଇଛନ୍ତି।

# ବିଏସ୍–୪ ଟୁହ୍ୱିଲର୍ସ କିଣିବା ଲାଗି ଶେଷ ସୁଯୋଗ

ନୂଆଦିଲ୍ଲୀ,୧୯–୩

ବିଏସ୍–୪ ଯାନ କିଣିବା ଲାଗି ଚଳିତ ସପ୍ତାହରେ ଶେଷ ସୁଯୋଗ ରହିଛି। ବିଏସ୍ –୪ ଟ୍ରାଞ୍ଜିଶନ ଲାଗି ମାର୍ଚ୍ଚ ୩୧ କୁ ଶେଷ ସୀମା ଭାବେ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ବିଏସ୍–୪ ଯାନ କ୍ରୟ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏହି ଯାନ କ୍ରୟ ଉପରେ ଅନ୍ତତଃ ପକ୍ଷେ ୧୦ ହଜାର ଟଙ୍କାର ସୁବିଧା ଗ୍ରାହକ ପାଇପାରିବେ। ଏହା ବାଦ କିଛି ପ୍ରଡକ୍ଟ ଉପରେ ଏହା ୧୫ ହଜାର ଟଙ୍କା ରହିଛି। ବର୍ତ୍ତମାନ ହିରୋ ମୋଟୋକର୍ପ, ହୋଣ୍ଡା ଟୁହ୍ୱିଲର୍ସ,ଟିଭିଏସ୍ ଭଳି କମ୍ପାନୀ ବିଏସ୍–୬ ଯାନ ବଜାରକୁ ଛାଡିଛନ୍ତି। ନୂଆ ମଡେଲଗୁଡିକର ମୂଲ୍ୟ ବିଏସ୍–୪ ତୁଳନାରେ ପ୍ରାୟ ୭ରୁ ୧୫ ହଜାର ଟଙ୍କା ଯାଏ ଅଧିକ ରହୁଛି। ନୂଆ ନିର୍ଗମନ ନିୟମ କାର୍ଯ୍ୟକାରୀ ହେବା ଯୋଗୁ ଯାନଗୁଡିକର ଇନପୁଟ ଖର୍ଚ୍ଚ ବଢିଛି। ଏହାକୁ ନଜରରେ ରଖି ବିଏସ୍–୬ ମଡେଲ ଦର ଉଚ୍ଚରେ ରହୁଛି। ଏକ ପ୍ରମୁଖ କମ୍ପାନୀର ଜଣେ ଡିଲର କହିଛନ୍ତି ଯେ, ଗତ ୨ ମାସ ହେବ ବିଏସ୍ –୪ ଯାନଗୁଡିକର ବିକ୍ରି ଉନ୍ନତ ରହିଛି। ଷ୍ଟକ ଶେଷ ହେବା ଉପରେ ରହିଛି। ବିକ୍ରି ଲାଗି ରହିଥିବା ଧାର୍ଯ୍ୟ ସୀମା ଶେଷ ହେବାକୁ ଯାଉଥିବାରୁ ଲୋକଙ୍କ ମଧ୍ୟରେ ଚାହିଦା ଲାଗି ରହିବ। ବିଏସ୍–୪ ଯାନ କ୍ରୟରେ ମୂଲ୍ୟ ସୁବିଧା କଣ ରହିଛି ତାହା ଲୋକଙ୍କୁ ଜଣାଥିବାରୁ ଷ୍ଟକ ପ୍ରାୟତଃ ରହିବନି ବୋଲି ଆଶା ରହିଛି।

# ରେନୋ ପକ୍ଷରୁ ନୂଆ ଡଷ୍ଟର

ନୂଆଦିଲ୍ଲୀ,୧୯–୩



ପ୍ରମୁଖ ୟୁରୋପିଆନ ଯାନ ନିର୍ମାତା ବ୍ରାଣ୍ଡ ରେନୋ ଇଣ୍ଡିଆ ପକ୍ଷରୁ ନୂଆ ବିଏସ୍–୬ ମାନକ ଯୁକ୍ତ ଡଷ୍ଟର ବଜାରକୁ ଆସିଛି। କମ୍ପାନୀ ଚଳିତ ବର୍ଷ ବିଏସ୍–୬ ବର୍ଗରେ ଟ୍ରାଇବର ଏବଂ କ୍ୱିଡ ମଡେଲକୁ ଶୁଭାରମ୍ଭ କରିବା ପରେ ଏହି ମଡେଲଟି ଆଣିଛି। ଏହା ୧.୫ ଲିଟର ପେଟ୍ରୋଲ ଇଞ୍ଜିନ ଏବଂ ୫ ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ଆସୁଛି। ଆର୍ଏକ୍ସଇ, ଆର୍ଏକ୍ସଏସ୍ ଏବଂ ଆର୍ଏକ୍ସଜେଡ ଭର୍ଜନରେ ଏହା ଉପଲବ୍ଧ। ଏହାର ପାୱାର ଆଉଟପୁଟ ଏବଂ ଟର୍କରେ ବିଶେଷ କିଛି ପରିବର୍ତ୍ତନ କରାଯାଇନାହିଁ। ମଡେଲଟିର ବଜାର ଦର ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଯାନଟିର ଇନ୍ଧନ ଦକ୍ଷତା ୧୪.୨୬ କିମି ପ୍ରତି ଲିଟର ରହିଛି। ରେନୋ ଇଣ୍ଡିଆର ପ୍ରଡକ୍ଟ ପୋର୍ଟଫୋଲିଓରେ ଏହି ମଡେଲଟି ଏକ ପ୍ରମୁଖ ସ୍ଥାନରେ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତାକୁ ପୂରଣ ଦିଗରେ ସବୁ ପ୍ରସଙ୍ଗକୁ ବିଚାର କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମଡେଲଟିରେ ଆକର୍ଷଣୀୟ ଏକ୍ସଟେରିୟର, ମନଲୋଭା ଇଣ୍ଟେରିୟର, ନୂତନ ଷ୍ଟାଣ୍ଡାର୍ଡ ଏସ୍ୟୁଭି ସେଗମେଣ୍ଟ ଗ୍ରାହକଙ୍କ ଲାଗି ଉପଲବ୍ଧ।

" ସତର୍କତା ଅବଲମ୍ବନ କରିବା ସହ ନିଜ ଘରେ କିଛି ଦିନ ରହିପାରିଲେ କରୋନା ଭାଇରସ୍ ଭୟ ଦୂର ହେବା ସହ ଇଟାଲିଆନ ଫୁଟ୍‌ବଲ ଆରମ୍ଭ ହୋଇପାରିବ ।
–ଫ୍ରାନ୍‌ସିସ୍କୋ କାପୁଟୋ, ଫୁଟ୍‌ବଲ ଖେଳାଳି



" ସ୍ୱଦେଶୀ ଖେଳ କବାଡ଼ିକୁ କିପରି ଅଲିମ୍ପିକ୍ସରେ ସାମିଲ କରାଯାଇ ପାରିବ ସେ ନେଇ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରଖାଯାଇଛି ।
–କିରେନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ



## ସଂକ୍ଷେପରେ

### ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ନେଭିଲେଙ୍କ ହୋଟେଲ ଫ୍ରି

ଲଣ୍ଡନ, ୧୯।୩- ମାରାତ୍ମକ କରୋନା ଭାଇରସ୍ ବିଶ୍ୱରେ ଏହାର କାୟା ବିସ୍ତାର କରି ଚାଲିଛି। ଏଭଳି ଏକ ଦୁର୍ଦ୍ଦିନ ସମୟରେ ଇଂଲଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ଫୁଟ୍‌ବଲ ଖେଳାଳି ଗ୍ୟାରୀ ନେଭିଲେ ସହାୟତାର ହାତ ବଢ଼ାଇଛନ୍ତି। ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍) ଷ୍ଟାଫ୍‌ଙ୍କ ଲାଗି ନେଭିଲେ ମାଞ୍ଚେଷ୍ଟରରେ ଥିବା ନିଜର ୨ଟି ହୋଟେଲରେ ମାଗଣା ରହିବା ବ୍ୟବସ୍ଥା ଉପଲବ୍ଧ କରିଛନ୍ତି। ଏହି ହୋଟେଲ ୨ଟି ଏବେ ସାଧାରଣ ଲୋକଙ୍କ ପାଇଁ ବନ୍ଦ ହୋଇଯାଇଛି। ଦୁଇଟି ଯାକ ହୋଟେଲରେ ୧୭୬ ବେଡ୍ ରହିଛି, ଯେଉଁଥିରେ ଏନ୍‌ଏଚ୍‌ଏସ୍ ଓ ଅନ୍ୟ ମେଡିକାଲ ଷ୍ଟାଫ୍ ମାଗଣାରେ ରହିପାରିବେ ବୋଲି ଏହି ଡିଫେଣ୍ଡର ଖେଳାଳି ଘୋଷଣା କରିଛନ୍ତି। ସାଧାରଣଙ୍କ ଲାଗି ହୋଟେଲ ବନ୍ଦ ହୋଇଯାଇଥିଲେ ମଧ୍ୟ ଏହାର କର୍ମଚାରୀ ସେଠାରେ ରହି ଡାକ୍ତର, ନର୍ସ, ମେଡିକାଲ ଷ୍ଟାଫ୍‌ଙ୍କୁ ସର୍ଭିସ ଯୋଗାଇବେ। 'ଏହା ଏଭଳି ଏକ ସମୟ ଯେତେବେଳେ କି ସମଗ୍ର ଉଦ୍ୟୋଗ ଜଗତ ଏକଜୁଟ ହେବା ଆବଶ୍ୟକ ରହିଛି। ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଆଗାମୀ ଦିନରେ ଅଧିକ ଆବାସ ଆବଶ୍ୟକ କରିବେ' ବୋଲି ନେଭିଲେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବତନ ସାଥୀ ଖେଳାଳି ର୍‍ୟାନ୍ ଗିଜିଙ୍କ ସହ ମିଶି ନେଭିଲେ ଏହି ୨ଟି ହୋଟେଲ ପ୍ରତିଷ୍ଠା କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡରେ 'ହୋଟେଲ ଫୁଟ୍‌ବଲ' ଏବଂ ସିଟି ସେଣ୍ଟରରେ 'ଦି ଷ୍ଟାକ୍ ଏକ୍ସଚେଞ୍ଜ ହୋଟେଲ' ନାମରେ ଏହି ୨ଟି ହୋଟେଲ ରହିଛି।

### ସଞ୍ଜୟ୍ ବାଙ୍ଗରଙ୍କ ଅଗ୍ରାହ୍ୟ

ନୂଆଦିଲ୍ଲୀ,୧୯।୩ (ପି.ଟି.)- ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗର ବାଂଲାଦେଶ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି। ବ୍ୟକ୍ତିଗତ ଓ ବ୍ୟବସାୟିକ ପ୍ରତିବଦ୍ଧତା ଲାଗି ଏହି ପ୍ରସ୍ତାବକୁ ସେ ମନା କରିଦେଇଥିବା ବାଙ୍ଗର କହିଛନ୍ତି। 'ସେମାନେ ମୋତେ ୮ ସପ୍ତାହ ତଳେ ବାଂଲାଦେଶ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପଦ ପାଇଁ ଅଫର୍ ଦେଇଥିଲେ। କିନ୍ତୁ ମୁଁ ଷ୍ଟାର ସ୍ପୋର୍ଟ୍ସ ସହ ୨ ବର୍ଷିଆ ଚୁକ୍ତି କରିଛି। ଯାହାକି ମୋତେ ବ୍ୟକ୍ତିଗତ ତଥା ବ୍ୟବସାୟିକ ପ୍ରତିବଦ୍ଧତାକୁ ସନ୍ତୁଳନ ରକ୍ଷା କରିବାର ସୁଯୋଗ ଦେଇଛି। ତେବେ ଭବିଷ୍ୟତରେ ବାଂଲାଦେଶ କ୍ରିକେଟ୍ ବୋର୍ଡ ସହ କାମ କରିବାକୁ ଅପେକ୍ଷା କରିଛି' ବୋଲି ବାଙ୍ଗର ଏକ ସାକ୍ଷାତ୍‌କାରରେ କହିଛନ୍ତି। ବାଙ୍ଗର ଏଥିପୂର୍ବରୁ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଭାରତୀୟ ପୁରୁଷ କ୍ରିକେଟ ଦଳର ବ୍ୟାଟିଂ କୋଚ୍ ପଦରେ ଦାୟିତ୍ୱ ତୁଲାଇଥିଲେ। ଗତବର୍ଷ ସେପ୍ଟେମ୍ବରରେ ବାଙ୍ଗରଙ୍କ ସ୍ଥାନରେ ବିକ୍ରମ ରାଠୋରଙ୍କୁ ଏହି ପଦରେ ରଖାଯାଇଥିଲା। ରବି ଶାସ୍ତ୍ରୀଙ୍କ ନେତୃତ୍ୱାଧୀନ କୋଚିଂ ଷ୍ଟାଫ୍ ମଧ୍ୟରେ କେବଳ ବାଙ୍ଗର ତାଙ୍କ ପଦ ବଜାୟ ରଖିବାରେ ବିଫଳ ହୋଇଥିଲେ।






**ଅଲିମ୍ପିକ୍ ମଶାଲ ହସ୍ତାନ୍ତର ଉତ୍ସବ:** ଏଥେନ୍ସଠାରେ ଗୁରୁବାର ହେଲେନିକ୍ ଅଲିମ୍ପିକ୍ କମିଟି ସଭାପତି ସ୍ପାଇରସ କାପ୍ରାଲୋସ(ବାମ) ପୂର୍ବତନ ଜାପାନିଜ ସନ୍ତରଣକାରୀ ନାଓକୋ ଇମୋତୋଙ୍କୁ ଟୋକିଓ ୨୦୨୦ ଅଲିମ୍ପିକ୍ସ ମଶାଲ ହସ୍ତାନ୍ତର କରୁଛନ୍ତି। ଉତ୍ସବରେ ଅଂଶଗ୍ରହଣ କରିଥିବା ଗ୍ରୀକ୍ ପୋଲଭଲ୍ଟ ଅଲିମ୍ପିକ୍ ଚାମ୍ପିୟନ କାଟେରିନା ଷ୍ଟିଫାନିଡି।

# ଅଲିମ୍ପିକ ମଶାଲ ଟୋକିଓ ଗେମ୍ସ ଆୟୋଜକଙ୍କୁ ହସ୍ତାନ୍ତର

ଏଥେନ୍ସ, ୧୯।୩ (ଏଏଫ୍‌ପି)

ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରୀସ୍ ଟୋକିଓ ୨୦୨୦ ଗେମ୍ସ ଆୟୋଜକଙ୍କୁ ଅଲିମ୍ପିକ ମଶାଲ ହସ୍ତାନ୍ତର କରିଛି। ରୁଦ୍ଧଦ୍ୱାର ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦର୍ଶକଙ୍କ ଅନୁପସ୍ଥିତିରେ ଅଲିମ୍ପିକ ଜିମ୍ନାଷ୍ଟିକ୍ସ ଚାମ୍ପିୟନ ଲେଫ୍ଟରିସ୍ ପେଟ୍ରୋନିଆସ୍ ମଶାଲ ସହ ଗୋଟିଏ ପର୍ଯ୍ୟାୟ ଦୌଡ଼ିଥିଲେ। ପରେ ଅଲିମ୍ପିକ ପୋଲ୍‌ଭଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଅଲ୍ ମାର୍ବଲ ପାନାଥେନାଇକ୍ ଷ୍ଟାଡିୟମରେ ରହିଥିବା କଲ୍‌ଡ୍ରନ୍‌ରେ ଅଗ୍ନି ସଂଯୋଗ କରିଥିଲେ। ଏହି ଷ୍ଟାଡିୟମରେ ୧୮୯୬ରେ ପ୍ରଥମ ଆଧୁନିକ ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଥିଲା। ପରେ ଏହି ମଶାଲକୁ ଟୋକିଓ ୨୦୨୦ ପ୍ରତିନିଧି ନାଓକୋ ଇମୋତୋଙ୍କୁ ହସ୍ତାନ୍ତର କରାଯାଇଥିଲା। ଇମୋତୋ ହେଉଛନ୍ତି ଜଣେ ସନ୍ତରଣକାରୀ। ସେ ୧୯୯୬ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ସେ ୟୁନିସେଫ୍‌ର ଜଣେ ପ୍ରତିନିଧି ମଧ୍ୟ। ସେ ପୂର୍ବରୁ ଗ୍ରୀସ୍‌ରେ ଉପସ୍ଥିତ ଥିବାରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ନିଯୁକ୍ତି ଦିଆଯାଇଥିଲା। ଫଳରେ ମଶାଲ ଆଣିବା ଲାଗି ଜାପାନରୁ କାହାରିକୁ ଗ୍ରୀସ୍ ଯିବାକୁ ପଡ଼ି ନ ଥିଲା। ଗତ ସପ୍ତାହରେ ପୁରାତନ ଅଲିମ୍ପିଆରେ ମଶାଲରେ ଅଗ୍ନି ସଂଯୋଗ ଉତ୍ସବ ବିନା ଦର୍ଶକରେ ଅନୁଷ୍ଠିତ ହୋଇଥିଲା। ଗ୍ରୀସ୍‌ରେ ମାରାତ୍ମକ କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇ ଗୁରୁବାର ଜଣଙ୍କର ମୃତ୍ୟୁ ଘଟିଛି। ଗ୍ରୀକ୍ ଅଲିମ୍ପିକ କମିଟି ଚେୟାରମ୍ୟାନ ସ୍ପାଇରସ୍ କାପ୍ରାଲସ୍ କୋଭିଡ୍-୧୯ର ଆବିର୍ଭାବ ଯୋଗୁ ଆମକୁ କିଛି କଠୋର ପଦକ୍ଷେପ ନେବାକୁ ହୋଇଛି। ନିର୍ଦ୍ଧାରିତ ଯୋଜନାରେ କେତେକ ପରିବର୍ତ୍ତନ କରିବାକୁ ହୋଇଛି। ଏଥିପାଇଁ ଆମେ ଦୁଃଖିତ। ଗୁରୁବାର ଆୟୋଜିତ ଉତ୍ସବରେ ଟୋକିଓ ଆୟୋଜକ ଅନୁପସ୍ଥିତ ଥିଲେ। ଗତ ସପ୍ତାହରେ ସ୍ପାର୍ଟାଠାରେ ଅନୁଷ୍ଠିତ କଲଡ୍ରନ ଅଗ୍ନି ସଂଯୋଗ ଉତ୍ସବରେ କଟକଣା ସତ୍ତ୍ୱେ ହଲିଉଡ୍ ଅଭିନେତା ଜେରାର୍ଡ ବଟଲରଙ୍କୁ ଦେଖିବା ଲାଗି ଜନସମାଗମ ହୋଇଥିଲା। ଖବର ଅନୁସାରେ ସମଗ୍ର ବିଶ୍ୱରେ କୋଭିଡ୍-୧୯ ଦ୍ୱାରା ୨୦୦,୦୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି। ୧୫୦ଟି ଦେଶରେ ମୋଟ ୮,୦୦୦ରୁ ଅଧିକ ମୃତ୍ୟୁବରଣ କରିସାରିଲେଣି। କେବଳ ଗ୍ରୀସ୍‌ରେ ୫ଜଣଙ୍କର ପ୍ରାଣହାନି ଘଟିସାରିଲାଣି। ଗୁରୁବାର ୭ମ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ବିଶ୍ୱବ୍ୟାପୀ ପ୍ରମୁଖ ସ୍ପୋର୍ଟିଂ ଇଭେଣ୍ଟଗୁଡ଼ିକ ସ୍ଥଗିତ ଅବା ବାତିଲ କରାଯାଇଛି। ଅଲିମ୍ପିକ୍ସ ଆୟୋଜନ ହୋଇ ପାରିବ କି ନା ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଏଣେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଦୃଢ଼ତାର ସହିତ କହିଆସୁଛିଯେ, ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୧୪ରୁ ଅଲିମ୍ପିକ୍ସ ଆୟୋଜନ ଲାଗି ଯୋଜନା ଚାଲିଛି। ବିଶ୍ୱର କେତେଜଣ ଟପ୍ ଆଥ୍‌ଲେଟ କହିଛନ୍ତି, କରୋନା ଭାଇରସ୍ ଯୋଗୁ ସେମାନଙ୍କ ଟ୍ରେନିଂ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗେମ୍ସରେ ଭାଗ ନେଲେ ସ୍ୱାସ୍ଥ୍ୟଗତ ରିସ୍କ ରହିଛି।



ପାରମ୍ପରିକ ପୋଷାକ ପରିହିତ ଗ୍ରୀକ୍ ଅଭିନେତ୍ରୀ କାନଥି ଜର୍ଜ୍ୟୁ ଅଲିମ୍ପିକ୍ ମଶାଲରେ ଅଗ୍ନି ସଂଯୋଗ କରୁଛନ୍ତି।

## 'ବିଳମ୍ବ ହୋଇପାରେ ଅଲିମ୍ପିକ୍ସ'

ଲଣ୍ଡନ,୧୯।୩ (ଏଏଫ୍‌ପି)



ସେବାଷ୍ଟିଆନ କୋ'

ଆଗକୁ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାର ବିଳମ୍ବ ହୋଇପାରେ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ମୁଖ୍ୟ ସେବାଷ୍ଟିଆନ କୋ' ସ୍ୱୀକାର କରିଛନ୍ତି। ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏବେଠାରୁ କିଛି ପୂର୍ବାନୁମାନ କରିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ସ ପାଇଁ ସେଭଳି କିଛି ଉନ୍ନତ ପ୍ରକାର ସମାଧାନ ହେବାର ସମ୍ଭାବନା ନାହିଁ ବୋଲି ବୁଧବାର ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) କହିଥିଲା।

କରୋନା ଭାଇରସ୍ ବା କୋଭିଡ-୧୯ ସମ୍ପୂର୍ଣ୍ଣ ଭାବେ ବିଶ୍ୱ କ୍ରୀଡ଼ା କ୍ୟାଲେଣ୍ଡରକୁ ପ୍ରଭାବିତ କରିଛି। ୟୁରୋ ୨୦୨୦ ସହିତ ପୂରା ଟେନିସ ସେସନକୁ ମଧ୍ୟ ସ୍ଥଗିତ ରଖାଯାଇଛି। ତେବେ ଜୁଲାଇ ୨୪ ତାରିଖରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଆରମ୍ଭ କରିବା ନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଅଧ୍ୟକ୍ଷ ଥୋମାସ ବ୍ୟାକ୍ ଆଶାବାଦୀ ଥିବା କଥା କହିଛନ୍ତି। ଟୋକିଓ ଅଲିମ୍ପିକ୍ସ କୋର୍ଡିଅନେଶନ କମିଶନ ସଦସ୍ୟ ଥିବା କୋଏ ବିବିସିକୁ ଦେଇଥିବା ସାକ୍ଷାତ୍‌କାରରେ ଏହି ମେଗା ଇଭେଣ୍ଟ ବିଳମ୍ବ ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସକୁ ସେପ୍ଟେମ୍ବର କିମ୍ବା ଅକ୍ଟୋବରକୁ ଘୁଞ୍ଚାଯିବା ନେଇ ପ୍ରଶ୍ନର ଉତ୍ତର ଦେଇ କୋ' ଏହି କଥା କହିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ ସବୁକିଛି ସମ୍ଭବ। ଏ ସଂକ୍ରାନ୍ତରେ ବର୍ତ୍ତମାନ କିଛି ନିଷ୍ପତ୍ତି ନିଆଯିବା ଠିକ୍ ନୁହେଁ। ତେବେ ୨୦୨୧କୁ ଅଲିମ୍ପିକ ଘୁଞ୍ଚାଗଲେ ସମସ୍ୟା ସୃଷ୍ଟି ହେବ। ଏହା ଦ୍ୱାରା ୨୦୨୧ କ୍ରୀଡ଼ା କ୍ୟାଲେଣ୍ଡର ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ଏକ ଦୃଢ଼ ନିଷ୍ପତ୍ତି ନେବାର ସମୟ ଆସି ଉପନୀତ ହୋଇଛି ବୋଲି ବ୍ରିଟେନର ୪ଥର ରୋଇଂ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ମାଥ୍ୟୁ ପିନ୍‌ସେଣ୍ଟ କହିଛନ୍ତି। ଅଲିମ୍ପିକ୍‌କୁ ବାଦ ଦେଲେ ଅନ୍ୟ କାର୍ଯ୍ୟ ମଧ୍ୟ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଆମ ପାଖରେ କୌଣସି ବିକଳ୍ପ ନାହିଁ। ତେଣୁ ଅଲିମ୍ପିକ୍‌କୁ ସ୍ଥଗିତ କିମ୍ବା ବାତିଲ କରାଯିବା ନେଇ ଦୃଢ଼ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଇଂଲିଶ ଫୁଟ୍‌ବଲ ଏପ୍ରିଲ ୩୦ ପର୍ଯ୍ୟନ୍ତ ବନ୍ଦ

ଲଣ୍ଡନ,୧୯।୩(ଏଏଫ୍‌ପି)

କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଇଂଲିଶ ଫୁଟବଲ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଫୁଟବଲର ସବୁ ପ୍ରକାର କାର୍ଯ୍ୟକଳାପକୁ ସ୍ଥଗିତ ରଖାଯାଇଛି। ଗୁରୁବାର ଇଂଲିଶ ଫୁଟବଲ ଲିଗ୍ (ଇଏଫ୍‌ଏଲ) ଓ ପ୍ରିମିୟର ଲିଗ୍ ଏକ ଜରୁରିକାଳୀନ ବୈଠକରେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଏହାପୂର୍ବରୁ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ୟୁରୋ ୨୦୨୦କୁ ୧୨ ମାସ ପାଇଁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡର ସବୁ ପ୍ରକାର ପେସାଦାର ଫୁଟବଲ ମ୍ୟାଚ୍‌କୁ ୩୦ ତାରିଖ ପର୍ଯନ୍ତ ସ୍ଥଗିତ ରଖିବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଫୁଟବଲ ଆସୋସିଏଶନ, ପ୍ରିମିୟର ଲିଗ, ଇଏଫ୍‌ଏଲ, ଖେଳାଳି ଓ ମ୍ୟାନେଜରମାନଙ୍କ ତରଫରୁ ମିଳିତ ଭାବେ କୁହାଯାଇଛି। ତେବେ ପୁଣି ଖେଳ ଆରମ୍ଭ ହେଲେ ସେସନ ଶେଷ ହୋଇପାରିବ ବୋଲି କେତେକ ଆଶାପ୍ରକାଶ କରିଛନ୍ତି। ୨୦୧୯-୨୦ ଫୁଟବଲ ସେସନକୁ ପୁଣିଥରେ ଆରମ୍ଭ କରିବା ନେଇ ଆମେ ମିଳିତ ଭବେ ଆଶାବାଦୀ ଅଛୁ। ନିରାପତ୍ତାର ସହ ସବୁ ଘରୋଇ ଓ ୟୁରୋପିଆନ୍ କ୍ଲବ ଲିଗ୍ ଏବଂ କପ୍ ମ୍ୟାଚ୍ ଯେତେଶୀଘ୍ର ସମ୍ଭବ ଆରମ୍ଭ କରିବାକୁ ଆମେ ପ୍ରୟାସ କରିବୁ ବୋଲି ଏହି ମିଳିତ ବିବୃତିରେ କୁହାଯାଇଛି।

## ଜର୍ମାନ ଫୁଟ୍‌ବଲର୍‌ଙ୍କ ବଦାନ୍ୟତା

ବର୍ଲିନ, ୧୯।୩ (ଏଏଫ୍‌ପି)



ସାରା ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଥିବାବେଳେ ଏହାକୁ ମୁକାବିଲା କରିବା ପାଇଁ ଜର୍ମାନ ଜାତୀୟ ଫୁଟ୍‌ବଲ ଦଳର ଖେଳାଳିମାନେ ଆଗେଇ ଆସିଛନ୍ତି। ଏହି ମହାମାରୀରୁ ସୃଷ୍ଟି ହୋଇଥିବା ସଙ୍କଟକୁ ମୁକାବିଲା କରିବା ପାଇଁ ଜର୍ମାନୀ ଖେଳାଳିମାନେ ମିଳିତ ଭାବେ ୨.୭ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨୦ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କା) ଅର୍ଥ ଦାନ କରିଛନ୍ତି ବୋଲି ଜଣାପଡ଼ିଛି। 'ଏହି ସମୟରେ ଆମେ ପରସ୍ପରର ଦେଖାଶୁଣା କରିବା ଆବଶ୍ୟକ। ଆମେ ଜାତୀୟ ଦଳର ଖେଳାଳିମାନେ ଏନେଇ ଚିନ୍ତା କରି ଗୋଟିଏ ଭଲ କାରଣ ଲାଗି ଦାନ କରିଛୁ' ବୋଲି ଜର୍ମାନୀ ଜାତୀୟ ଫୁଟ୍‌ବଲ ଦଳର ଅଧିନାୟକ ମାନୁଏଲ୍ ନେଉର୍ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଏହା କହିଛନ୍ତି। ଅନ୍ୟ ଜର୍ମାନ ଖେଳାଳିଙ୍କ ମଧ୍ୟରେ ଜୋଶୁଆ କିମ୍ମିଚ, ଲିଓନ ଗୋରେଟଜକା, ମାଥିଆସ ଗିଣ୍ଟର, ଲୁକାସ କ୍ଲୋଷ୍ଟରମାନ୍ ମଧ୍ୟ ସମାନ ଭିଡିଓ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ଏଭଳି ଦୁର୍ଦ୍ଦିନ ସମୟରେ ଅନ୍‌ଲାଇନ ପ୍ଲାଟଫର୍ମ 'ୱିର୍ ହେଲଫେନ୍' (ୱି ହେଲ୍ପ) ନାମକ ଏକ ଅର୍ଗାନାଇଜେଶନରେ ଅର୍ଥ ଦାନ କରିବା ପାଇଁ ଜର୍ମାନ ଖେଳାଳିମାନେ ଜାଗରଣ ସୃଷ୍ଟି କରୁଛନ୍ତି। ଲୋକମାନେ ତାଙ୍କ ବ୍ୟବହାରରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ଜର୍ମାନୀ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ଜୋଚିମ ଲୋଓ୍ୱି ନିକଟରେ ଆହ୍ୱାନ ଦେଇଥିଲେ।

## କରୋନା ସତ୍ତ୍ୱେ ସିରିଜ ପାଇଁ ଇଂଲଣ୍ଡକୁ ଆମନ୍ତ୍ରଣ କଲା ୱେଷ୍ଟଇଣ୍ଡିଜ

ଲଣ୍ଡନ, ୧୯।୩

ଘରୋଇ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଜୁନ୍ ୪ରୁ ଆରମ୍ଭ ହେବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ କରୋନା ଭାଇରସ୍ ଯୋଗୁ ଏହି ସିରିଜ ଆୟୋଜନ ଏବେ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ପରବର୍ତ୍ତୀ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ କ୍ରିକେଟ୍ ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ବାତିଲ କରିଛି। ଫଳରେ ଜୁନ୍‌ରେ ହେବାକୁ ଥିବା ଏହି ଦ୍ୱିପାକ୍ଷିକ ସିରିଜ ପ୍ରଭାବିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଏଭଳି ଏକ ସମୟରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ ଏହି ସିରିଜକୁ ୱେଷ୍ଟଇଣ୍ଡିଜରେ ଆୟୋଜନ ନେଇ ପ୍ରସ୍ତାବ ରଖାଯାଇଛି। ସେହିଭଳି ଜୁଲାଇ ୩୦ରୁ ପାକିସ୍ତାନ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ମଧ୍ୟ ଆୟୋଜନ ନେଇ କ୍ରିକେଟ୍ ୱେଷ୍ଟଇଣ୍ଡିଜ ଆଗ୍ରହ ପ୍ରକାଶ କରିଛି। 'ଗତ କିଛିଦିନ ହେବ ଇସିବିର ପ୍ରମୁଖ ଅଧିକାରୀଙ୍କ ସହ ମୁଁ ଲଗାତର ସମ୍ପର୍କରେ ରହିଛି। ଇସିବି ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ଏଥିସହ ଯଦି ସମର୍ଥନ ଓ ସହାୟତା ମିଳିବ ତା'ହେଲେ କ୍ୟାରିବୀୟ ମାଟିରେ ଏହି ସିରିଜ ଆୟୋଜନ କରିବା ନେଇ ଆଗ୍ରହୀ ରହିଛୁ' ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜର ସିଇଓ ଜନୀ ଗ୍ରେଭ କହିଛନ୍ତି। ଇଂଲଣ୍ଡ ପାଖରେ ଏହି ସିରିଜର ବ୍ୟବସାୟିକ ଓ ପ୍ରସାରଣ ଅଧିକାର ରହିଛି।

## ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ

କୋଲକାତା, ୧୯।୩(ପି.ଟି.)– ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ପି.କେ. ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ଥିବା ତାଙ୍କର ପରିବାର ସୂତ୍ରରୁ ପ୍ରକାଶ। ନିମୋନିଆରେ ପୀଡ଼ିତ ଯୋଗୁ ତାଙ୍କର ଏକାଧିକ ଅଙ୍ଗ ଅଚଳ ହୋଇପଡ଼ିଛି। ଗୁରୁବାର ତାଙ୍କର ବ୍ଲଡ ଟ୍ରାନ୍ସଫ୍ୟୁଜନ କରାଯାଇଛି। ତାଙ୍କୁ ହେମୋ ଡାଏଲିସିସ୍‌ରେ ରଖାଯାଇଛି। ଦୁଇଥର ଅଲିମ୍ପିଆନ ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଏକମାତ୍ର ଗୋଲସ୍କୋରର ଭାବେ ଜୀବିତ ଅଛନ୍ତି। ଦୁଇ ସପ୍ତାହ ହେଲା ତାଙ୍କୁ ଭେଣ୍ଟିଲେଟର ସହାୟତାରେ ଇଣ୍ଟେନସିଭ୍ କେୟାର ୟୁନିଟ୍‌ରେ ରଖାଯାଇଛି। ୮୩ ବର୍ଷୀୟ ବାନାର୍ଜୀ ଫେବୃୟାରୀ ୭ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ପାର୍କିନସନ ଓ ଡିମେଣ୍ଟିଆରେ ମଧ୍ୟ ପୀଡ଼ିତ। ତାଙ୍କର ହୃଦ୍‌ରୋଗ ସମସ୍ୟା ମଧ୍ୟ ରହିଛି।

## ନ୍ୟୁଜିଲାଣ୍ଡ କ୍ରିକେଟର୍ ଏଲିସ୍‌ଙ୍କ ଅବସର

ୱେଲିଂଟନ, ୧୯।୩



ଇଂଲଣ୍ଡ କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀ ତଥା ନ୍ୟୁଜିଲାଣ୍ଡ ବୋଲିଂ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଏଲିସ୍ ୧୮ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ଗୁରୁବାର ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ଏଲିସ୍ ୨୦୧୨ରେ ଜିମ୍ବାୱେ ବିପକ୍ଷରେ ଦିନିକିଆ ପଦାର୍ପଣ କରି ଅନ୍ତର୍ଜତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସୀମିତ କ୍ୟାରିୟରରେ ସେ ନ୍ୟୁଜିଲାଣ୍ଡ ପାଇଁ ୧୫ ଦିନିକିଆ ଓ ୫ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୫୪ ଓ ୨୫ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ବୋଲିଂରେ ଦିନିକିଆରେ ୧୨ ଓ ଟି୨୦ରେ ୨ଟି ଉଇକେଟ୍ ସଫଳତା ପାଇଛନ୍ତି। ତେବେ ଘରୋଇ କ୍ରିକେଟ୍‌ରେ ଏଲିସ୍ ବେଶ୍ ସକ୍ରିୟ ରହିଥିଲେ। ସେ ୧୦୫ ପ୍ରଥମ ଶ୍ରେଣୀ, ୧୦୯ ଲିଷ୍ଟ-ଏ ମ୍ୟାଚ୍ ଏବଂ ୧୧୭ ଟି୨୦ ମ୍ୟାଚ୍ ଖେଳିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ସେ ମୋଟ୍ ୮୬୪୪ ରନ୍ ଏବଂ ୪୯୪ ଉଇକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ୍ ଇତିହାସରେ ୨ୟ କ୍ରିକେଟର୍ ଭାବେ ଏଲିସ୍ ଘରୋଇ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର କୃତିତ୍ୱ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ଟଡ୍ ଆଷ୍ଟଲ ଏହି କ୍ଲବରେ ସାମିଲ ହୋଇଥିଲେ। କାଉଣ୍ଟି କ୍ରିକେଟ୍ କ୍ଲବ କ୍ୟାଣ୍ଟରବରୀର ସେ ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ମଧ୍ୟ ରହିଥିଲେ। ଏଲିସ୍ ବୋଲିଂ କରୁଥିବାବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧିଥାନ୍ତି। ଏଥିଲାଗି ସେ ବେଶ୍ ଚର୍ଚ୍ଚାରେ ମଧ୍ୟ ରହିଥିଲେ। ତେବେ ତାଙ୍କ ହେଲ୍‌ମେଟ୍ ପିନ୍ଧା ପଛରେ ଏକ କାରଣ ରହିଛି। ୨୦୧୮ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡର ଘରୋଇ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଏଲିସ୍‌ଙ୍କ ବଲ୍‌କୁ ଜିତ୍ ରାଭାଲ ଜୋର୍‌ଦାର ପ୍ରହାର କରିଥିଲେ। ଶର୍ଟ୍‌ଟି ଏତେ ଶକ୍ତିଶାଳୀ ଥିଲା ଯେ ଫଲୋଥ୍ରୁ'ରେ ଏଲିସ୍‌ଙ୍କ ମୁଣ୍ଡରେ ବାଜି ପଡ଼ିଆ ବାହାରକୁ ଚାଲିଯାଇଥିଲା। ଅମ୍ପାୟର ଏହାକୁ ଛକା ଘୋଷଣା କରିଥିଲେ। ରାଭାଲ ଏଥିରେ ସାମାନ୍ୟ ଆଘାତ ପାଇଥିଲେ ମଧ୍ୟ ପରେ ବୋଲିଂ କଲାବେଳେ ସର୍ବଦା ବେସ୍‌ବଲରେ ବ୍ୟବହାର କରାଯାଉଥିବା ହେଲ୍‌ମେଟ୍ ପିନ୍ଧିଥାନ୍ତି।



“ଷ୍ଟ୍ରାଇକ୍‌ରେଟ୍ ପ୍ରସଙ୍ଗରେ ଆମ ଦଳର ଅଧିନାୟକ ଓ କୋଚ୍ ମୋ ପ୍ଲେଇଂ ଷ୍ଟାଇଲର ଗୁରୁତ୍ୱକୁ ବୁଝିବା ଉଚିତ୍ ।
–ଚେତେଶ୍ୱର ପୂଜାରା, ଭାରତୀୟ କ୍ରିକେଟର



“କୋଭିଡ୍–୧୯ ଯୋଗୁ ଟ୍ରେନିଂ ସେଣ୍ଟରଗୁଡ଼ିକୁ ବନ୍ଦ ରଖାଯାଇଥିବା ବେଳେ ଅଲିମ୍ପିକ୍ସ ପାଇଁ ଟ୍ରେନିଂ ଜାରି ରଖିବା ଲାଗି ଆଇଓସି ଆଥଲେଟ୍‌ଙ୍କୁ ଉତ୍ସାହିତ କରିବା ଏକ ଜୋକ୍ ।
–ପାରୁପଲ୍ଲୀ କାଶ୍ୟପ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି

## ସଂକ୍ଷେପରେ

### ଜୁନ୍ ୭ ପର୍ଯ୍ୟନ୍ତ ଡବ୍ଲ୍ୟୁଟିଏ, ଏଟିପି ସିଜନ ବନ୍ଦ

ୱାଶିଂଟନ, ୧୯।୩ (ଏପି)- କରୋନା ଭାଇରସ୍‌ର ଆତଙ୍କକୁ ନଜରରେ ରଖି ସମସ୍ତ ପୁରୁଷ ଓ ମହିଳା ପ୍ରଫେଶନାଲ ଟେନିସ ଟୁର୍ନାମେଣ୍ଟକୁ ଜୁନ୍ ୭ ପର୍ଯ୍ୟନ୍ତ ବାତିଲ କରାଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତିଯୋଗିତା ଆୟୋଜନ ହୋଇପାରିବ ନାହିଁ ବୋଲି ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ (ଏଟିପି) ଓ ମହିଳା ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ପକ୍ଷରୁ କୁହାଯାଇଛି। ଏହା ଫଳରେ ମାଡ୍ରିଡ୍ ଓ ରୋମରେ ହେବାକୁ ଥିବା ମିଳିତ ପୁରୁଷ ଓ ମହିଳା ପ୍ରତିଯୋଗିତା ସମେତ ଷ୍ଟ୍ରାସବର୍ଗ,ଫ୍ରାନ୍ସ, ମରୋକ୍କୋ ଭଳି ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟ ଏବଂ ମ୍ୟୁନିକ, ଏଷ୍ଟୋରିଲ, ପର୍ତ୍ତୁଗାଲ, ଜେନେଭା, ଫ୍ରାନ୍ସରେ ହେବାକୁ ଥିବା ଏଟିପି ପ୍ରତିଯୋଗିତା ପ୍ରଭାବିତ ହେବ। ଏଥିପୂର୍ବରୁ ଫ୍ରେଞ୍ଚ୍ ଓପନ୍‌କୁ ମଧ୍ୟ ମେ'ରୁ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଥିଲା।

### କରୋନାରେ ଆକ୍ରାନ୍ତ ଦକ୍ଷିଣ ଆଫ୍ରିକୀୟ ଗଲ୍‌ଫର

ଲସ୍ ଏଞ୍ଜେଲ୍ସ, ୧୯।୩(ଏଏଫ୍‌ପି)- ଦକ୍ଷିଣ ଆଫ୍ରିକୀୟ ଗଲ୍‌ଫ ଖେଳାଳି ଭିକ୍ଟର ଲାଙ୍ଗେ କରୋନାରେ ପୀଡ଼ିତ। ତାଙ୍କ କୋଭିଡ୍-୧୯ ରିପୋର୍ଟରୁ ଏହା ଜଣାପଡ଼ିଛି। ଏ ନେଇ ପିଜିଏ ଟୁର୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମେକ୍ସିକୋଠାରେ ଅନୁଷ୍ଠିତ ପିଜିଏ ଟୁର ଲାଟିନ୍‌ଆମେରିକା ସର୍କିଟରୁ ଫେରିବା ପରେ ବିଶ୍ୱର ୧୩୧୫ତମ ମାନ୍ୟତା ପ୍ରାପ୍ତ ଖେଳାଳି ମାରାତ୍ମକ ଭାଇରସରେ ପୀଡ଼ିତ ଥିବା ଜଣାପଡ଼ିଛି। ତାଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଉ ନ ଥିଲା। ଜୋହାନ୍ସବର୍ଗର କ୍ୱାରାଣ୍ଟାଇନରେ ରହିବା ପରେ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି। ସେ ପିଜିଏ ଟୁର ଲାଟନଆମେରିକା ଟୁର୍ନାମେଣ୍ଟ ବେଳେ କୋରାନା ପୀଡ଼ିତାଙ୍କ ସଂସ୍ପର୍ଶରେ ଆସିଥାଇ ପାରନ୍ତି। ଖେଳାଳି ଓ ପ୍ରଶଂସକଙ୍କୁ ଏଥିନେଇ ସଚେତନ ହେବା ଆବଶ୍ୟକ। ଅନ୍ୟକୁ ବଞ୍ଚାଇବା ଲାଗି ଆମକୁ କିଛି ପରାମର୍ଶ ଓ ନିୟମ ମାନିବାକୁ ପଡ଼ିବ ବୋଲି ପିଜିଏ ଟୁର ପକ୍ଷରୁ କୁହାଯାଇଛି। ବିଶ୍ୱକୁ ଘାରିଥିବା କରୋନା ଭାଇରସ ଯୋଗୁ ସମସ୍ତ କ୍ରୀଡ଼ା ଇଭେଣ୍ଟ ସାଙ୍ଘାତିକ ଭାବେ ପ୍ରଭାବିତ ହୋଇଛି। ଗଲ୍‌ଫ ସିଜନର ପ୍ରଥମ ଦୁଇ ମେଜର ଟୁର୍ନାମେଣ୍ଟ ଦି ମାଷ୍ଟର୍ସ ଓ ଦ ପିଜିଏ ଚାମ୍ପିୟନଶିପ ସ୍ଥଗିତ ହୋଇଯାଇଛି।

### ପିଏସ୍‌ଏଲ ବେଳେ କରାଯାଇଥିବା ସମସ୍ତ ଟେଷ୍ଟ ନେଗେଟିଭ

କରାଚୀ,୧୯।୩- ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ରେ ଜଡ଼ିତ ଖେଳାଳି, ଷ୍ଟାଫ, ମ୍ୟାଚ୍ ଅଫିସିଆଲ, ଦଳ ମାଲିକ, ପ୍ରସାରଣକାରୀ କର୍ମକର୍ତ୍ତାଙ୍କ ସମେତ ମୋଟ ୧୨୮ ଜଣଙ୍କ କୋଭିଡ୍-୧୯ ଟେଷ୍ଟ କରାଯାଇଥିଲା। ସମସ୍ତ ଟେଷ୍ଟର ରିପୋର୍ଟ ନେଗେଟିଭ ଆସିଛି ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଗୁରୁବାର ଦାବି କରିଛି। ସମସ୍ତ ଟେଷ୍ଟ ଗତ ୧୭ ତାରିଖରେ କରାଯାଇଥିଲା। ମୁଲତାନ ସୁଲତାନ ଦଳର ୧୭ ଜଣ ଟେଷ୍ଟ ଦେଇଥିଲେ। ସେମାନଙ୍କ ରିପୋର୍ଟ ମଧ୍ୟ ନେଗେଟିଭ ଆସିଛି। ଲିଗ୍ ଶେଷ ହେବା ପର୍ଯ୍ୟନ୍ତ ଏଠାରେ ରହିବାକୁ ନିଷ୍ପତ୍ତି ନେଇଥିବା ଖେଳାଳି, ଷ୍ଟାଫ, ପ୍ରସାରଣକାରୀ ସଂସ୍ଥାର କର୍ମକର୍ତ୍ତାଙ୍କ ଟେଷ୍ଟ କରାଯାଇଥିଲା। ଖେଳାଳିମାନେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିନା ସେମାନଙ୍କ ପରିବାର ନିକଟକୁ ଫେରିଛନ୍ତି ବୋଲି ପିସିବି ମୁଖ୍ୟ କାର୍ଯ୍ୟକାରୀ ୱାସିମ ଖାଁ କହିଛନ୍ତି।

# ସମୟସୀମା ବଢ଼ାଇଲା ଏଫ୍‌ଆଇଏଚ୍

## ଭାରତର ଜର୍ମାନୀ, ବ୍ରିଟେନ ବିପକ୍ଷ ମ୍ୟାଚ୍ ସ୍ଥଗିତ

**ହକି ପ୍ରୋ ଲିଗ୍**

**ଲାଉସାନେ, ୧୯।୩**

କୋଭିଡ–୧୯ ସଂକ୍ରମଣ ଯୋଗୁ ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ୯୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ଚଳିତ ହକି ପ୍ରୋ ଲିଗ୍ ମ୍ୟାଚକୁ ମେ ୧୭ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ପୂର୍ବରୁ ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ୧୨ଟି ମ୍ୟାଚ ସ୍ଥଗିତ ରଖାଯାଇଥିଲା। ସମୟସୀମା ମେ ୧୭ ତାରିଖ ପର୍ଯ୍ୟନ୍ତ ବଢ଼ିବାରୁ ଆଉ ୧୨ଟି ମ୍ୟାଚ ପ୍ରଭାବିତ ହୋଇଛି। ଇତିମଧ୍ୟରେ ଭାରତ ଜର୍ମାନୀ ଯାଇ ବର୍ଲିନରେ ଏପ୍ରିଲ ୨୫, ୨୬ ଏବଂ ଇଂଲଣ୍ଡ ଯାଇ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଲଣ୍ଡନରେ ମେ ୨ ଓ ୩ରେ ୨ଟି ଲେଖାଏ ମ୍ୟାଚ ଖେଳିବାର ଥିଲା। ମାତ୍ର ତାହା ଏବେ ସ୍ଥଗିତ ରହିଛି। '' କୋଭିଡ–୧୯ ସଂକ୍ରମଣର ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ଏଫଆଇଏଚ୍ ମେ ୧୭ ପର୍ଯ୍ୟନ୍ତ ପ୍ରୋ ଲିଗ୍ ମ୍ୟାଚକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଏହାକୁ ବିଶ୍ୱସ୍ତରରେ ଅଂଶଗ୍ରହଣକାରୀ ସମସ୍ତ ଦେଶ ସମର୍ଥନ ଜଣାଇଛନ୍ତି'' ବୋଲି ଏଫଆଇଏଚ୍ ପକ୍ଷରୁ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏଫଆଇଏଚ୍ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ମେ ୧୭ ପରେ ସ୍ଥିତିକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରାଯାଇଛି। ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷ ମ୍ୟାଚ ପରେ ଭାରତ ମେ ୨୩ ଓ ୨୪ରେ ଘରୋଇ ପରିବେଶରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜୁନ ୫ ଓ ୬ରେ ଟୁକୁମାନଠାରେ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ। ଚଳିତ ସିଜନରେ ଭାରତ ଏହାର ଶେଷ ମ୍ୟାଚ ଜୁନ ୧୩ ଓ ୧୪ରେ ଭାଲେନ୍ସିଆଠାରେ ସ୍ପେନ ବିପକ୍ଷରେ ଖେଳିବ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ୟୁରୋପ ଯାଇ ସେମାନଙ୍କ ମ୍ୟାଚ ଖେଳିବାକୁ ମନା କରିଦେଇଛନ୍ତି। ଭାଇରସ ଦ୍ୱାରା ୨,୦୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାରୁ ବିଶ୍ୱବ୍ୟାପୀ ଅନେକ କ୍ରୀଡ଼ା ପ୍ରତିଯୋଗିତାକୁ ବାତିଲ କରାଯାଉଛି କିମ୍ବା ସ୍ଥଗିତ ରଖାଯାଉଛି।

ଏଫ୍‌ଆଇଏଚ୍‌ର ପରବର୍ତ୍ତୀ ନିଷ୍ପତ୍ତି ଅନୁସାରେ ଭାରତ ମ୍ୟାଚ ବ୍ୟତୀତ ଏପ୍ରିଲ ୨୮ ଓ ୨୯ରେ ନେଦରଲାଣ୍ଡ୍ସ–ଗ୍ରେଟ୍ ବ୍ରିଟେନ(ଉଟ୍ରେଚ୍), ମେ ୧୫ରେ ବେଲଜିୟମ–ସ୍ପେନ(ଆଣ୍ଟ୍ୱେର୍ପ), ମେ ୧୬ରେ ଅଷ୍ଟ୍ରେଲିଆ–ନ୍ୟୁଜିଲାଣ୍ଡ(ପର୍ଥ), ଗ୍ରେଟ ବ୍ରଟେନ–ଆର୍ଜେଣ୍ଟିନା(ଲଣ୍ଡନ) ଏବଂ ମେ ୧୭ରେ ଅଷ୍ଟ୍ରେଲିଆ–ନ୍ୟୁଜିଲାଣ୍ଡ(ପର୍ଥ), ଗ୍ରେଟ ବ୍ରିଟେନ–ଆର୍ଜେଣ୍ଟିନା(ଲଣ୍ଡନ) ଓ ବେଲଜିୟମ–ସ୍ପେନ(ଆଣ୍ଟ୍ୱେର୍ପ) ମ୍ୟାଚ ପ୍ରଭାବିତ ହେବ।



ପ୍ରୋ ଲିଗ ଟ୍ରଫି ସହ ଭାରତୀୟ ଦଳ ଅଧିନାୟକ ମନପ୍ରୀତ ସିଂ ଓ କୋଚ୍ ଗ୍ରାହାମ ରିଡ୍।

# ଇଣ୍ଡିଆନ୍ ଗ୍ରାଁ ପ୍ରି ବାତିଲ

**ନୂଆଦିଲ୍ଲୀ, ୧୯।୩ (ପି.ଟି.)**

ଗୁରୁବାର ଇଣ୍ଡିଆନ୍ ଗ୍ରାଁ ପ୍ରି ଆରମ୍ଭ ହେବାକୁ ମାତ୍ର କେଇ ଘଣ୍ଟା ବାକିଥିବାବେଳେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏହାକୁ ବାତିଲ ଘୋଷଣା କରିଛି। କୋଭିଡ୍–୧୯କୁ ନେଇ ସରକାରୀ ନିର୍ଦ୍ଦେଶନାମାକୁ ସମ୍ମାନ ଜଣାଇ ଏପରି ନିଷ୍ପତ୍ତି ନିଆଯାଇଛି। ଏହି ଇଭେଣ୍ଟ ଏନ୍‌ଆଇଏସ୍ ପଟିଆଲାରେ ଆୟୋଜିତ ହୋଇଥାନ୍ତା। ଅନ୍ୟପକ୍ଷରେ ଆସନ୍ତା ମାସରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ସିନିୟର ଚାମ୍ପିୟନଶିପ୍ (ଏପ୍ରିଲ ୧୦ରୁ ୧୩) ପଛକୁ ଘୁଞ୍ଚାଇ ଦିଆଯାଇଛି। ଟୋକିଓ ଅଲିମ୍ପିକ୍ସ ପାଇଁ ଏହା ଏକ କ୍ୱାଲିଫାଇଂ ଇଭେଣ୍ଟ। ଏଥିଲାଗି ପରେ ଦିନଧାର୍ଯ୍ୟ ହେବ। ଏପ୍ରିଲ ୧୫ ପର୍ଯ୍ୟନ୍ତ ପ୍ରତିଯୋଗିତା ଓ ଟ୍ରାଏଲ୍ସ ଆୟୋଜନ ବନ୍ଦ ରଖିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଜାତୀୟ ମହାସଂଘକୁ ନିର୍ଦ୍ଦେଶ ଆସିବାର କିଛି ଘଣ୍ଟା ପରେ ଏଏଫ୍‌ଆଇ ଏହି ନିଷ୍ପତ୍ତି ନେଇଥିଲା। ଟ୍ରେନିଂ କ୍ୟାମ୍ପରେ ଅଂଶଗ୍ରହଣ କରି ନ ଥିବା କୌଣସି ଆଥ୍‌ଲେଟଙ୍କ ସହ ମିଳାମିଶା ନ କରିବା ଲାଗି ଅଲିମ୍ପିକ୍ସ ପାଇଁ ମନୋନୀତ ଆଥଲେଟ୍‌ମାନଙ୍କୁ କୁହାଯାଇଛି। ଇଣ୍ଡିଆନ ଆଥଲେଟିକ୍ସ ହାଇପରଫର୍ମାନ୍ସ ନିର୍ଦ୍ଦେଶକ ଭୋଲକର ହର୍ମାନ ସରକାରଙ୍କ ନିର୍ଦ୍ଦେଶ ମାନିବାକୁ ଏଏଫ୍‌ଆଇ ବାଧ୍ୟ। ଖେଳ ଅପେକ୍ଷା ଭାରତୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେବେ ଶୁକ୍ରବାର ପ୍ରଥମ ଇଣ୍ଡିଆନ ଗ୍ରାଁ ପ୍ରି ଆୟୋଜିତ ହୋଇ ନ ପାରିଥିବାରୁ ଆମେ ଦୁଃଖିତ। ପଟିଆଲାରେ ଦ୍ୱିତୀୟ ଗ୍ରାଁ ପ୍ରି ମାର୍ଚ୍ଚ ୨୫ରୁ ହୋଇଥାନ୍ତା। ଏହାକୁ ମଧ୍ୟ ବାତିଲ କରାଯାଇଥିବା ହର୍ମାନ ପ୍ରକାଶ କରିଛନ୍ତି। ପୁନଶ୍ଚ ଏପ୍ରିଲ ୧୦ରୁ ୧୩ ପର୍ଯ୍ୟନ୍ତ ପଟିଆଲାରେ ହେବାକୁଥିବା ଫେଡେରେଶନ କପ୍‌କୁ ଘୁଞ୍ଚାଇ ଦିଆଯାଇଛି। ଆମେ ଏହାକୁ ମେ କିମ୍ବା ଜୁନ୍ ମାସରେ ଆୟୋଜନ କରିବା ଲାଗି ଚିନ୍ତା କରୁଛୁ। ତେବେ ସେତେବେଳର ପରିସ୍ଥିତିକୁ ଚାହିଁ ଯାହା ନିଷ୍ପତ୍ତି ନିଆଯିବ ବୋଲି ହର୍ମାନ ସୂଚନା ଦେଇଛନ୍ତି। ପ୍ରଥମ ଇଣ୍ଡିଆନ ଗ୍ରାଁ ପ୍ରି ପାଇଁ ସତର୍କତା ଅବଲମ୍ବନ କରାଯାଇଥିଲା। ଯେଉଁମାନେ ଜାତୀୟ କ୍ୟାମ୍ପରେ ଭାଗ ନେଇଥିଲେ ସେମାନଙ୍କୁ କେବଳ ଏଥିରେ ଅଂଶଗ୍ରହଣ ପାଇଁ ଅନୁମତି ଥିଲା।

# ଓସ୍‌ଜା କ୍ରୀଡ଼ା ପୁରସ୍କାର ସ୍ଥଗିତ

**ଭୁବନେଶ୍ୱର, ୧୯।୩ (ସ୍ପୋର୍ଟ୍ସ ବ୍ୟୁରୋ)**

କୋଭିଡ–୧୯ ସଂକ୍ରମଣଜନିତ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ବାର୍ଷିକ ପୁରସ୍କାର କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ମାର୍ଚ୍ଚ ୨୧ ତାରିଖରେ ଏହି କାର୍ଯ୍ୟକ୍ରମ କଟକରେ ଅନୁଷ୍ଠିତ ହେବାର ଥିଲା। ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜେତା ତାରକା ଖେଳାଳି ପ୍ରମୋଦ ଭଗତ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଆଥଲେଟିକ୍ କୋଚ୍ ପଞ୍ଚାନନ ଗନ୍ତାୟତଙ୍କୁ ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଯଥାକ୍ରମେ ଶ୍ରେଷ୍ଠ କ୍ରୀଡ଼ାବିତ୍ ଓ କ୍ରୀଡ଼ାକ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ପୁରସ୍କାର ପ୍ରଦାନ ଲାଗି ନିଷ୍ପତ୍ତି ହୋଇଥିଲା। ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ହୃଦୟନାଥ ଦାସ ଓ ଶ୍ୟାମାକାନ୍ତ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ଭାଇରସ ସଂକ୍ରମଣଜନିତ ସ୍ଥିତିରେ ପରିବର୍ତ୍ତନ ଆସିଲେ ଏପ୍ରିଲ ୧୫ ତାରିଖ ପରେ ଏହାର ପୁନଃ ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ଅଧ୍ୟକ୍ଷ ସୁଶାନ୍ତ ମହାନ୍ତି ଓ ଓସଜା ସଭାପତି ସନ୍ଦୀପ ମିଶ୍ର ସୂଚନା ଦେଇଛନ୍ତି।

# ଟୁର୍ନାମେଣ୍ଟ, ଟ୍ରାଏଲ ଆୟୋଜନ ନ କରିବାକୁ ପରାମର୍ଶ

**ନୂଆଦିଲ୍ଲୀ,୧୯।୩ (ପି.ଟି.)**

ଅତିକମ୍‌ରେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ କୌଣସି ଟୁର୍ନାମେଣ୍ଟ ଓ ଟ୍ରାଏଲ ଆୟୋଜନ ନ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଦେଶର ସବୁ ଜାତୀୟ କ୍ରୀଡ଼ା ଫେଡେରେଶନକୁ ମନ୍ତ୍ରଣାଳୟ ଏ ନେଇ ସ୍ପଷ୍ଟ ସନ୍ଦେଶ ଦେଇଛି। ଏଥିସହିତ ଅଲିମ୍ପିକ୍ସରେ ସାମିଲ ହେବାକୁ ଥିବା ଆଥଲେଟ୍‌ଙ୍କୁ ଅନ୍ୟମାନଙ୍କଠାରୁ ଦୂରେଇ ରହିବା ବା ଆଇସୋଲେଟ ହେବା ପାଇଁ କୁହାଯାଇଛି।

କରୋନା ଭାଇରସ ସାରା ବିଶ୍ୱରେ ଏକ ମହାମାରୀ ରୂପେ ଉଭା ହୋଇଥିବାରୁ ମନ୍ତ୍ରଣାଳୟ ତରଫରୁ ନୂଆକରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଫଳରେ ପାଟିଆଲାରେ ଶୁକ୍ରବାର ଆୟୋଜନ ହେବାକୁ ଥିବା ଦିନିକିଆ ଇଣ୍ଡିଆନ ଗ୍ରାଁ ପ୍ରି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସବୁ କ୍ରୀଡ଼ା ସଂଗଠନ ଓ ସେମାନଙ୍କ ଅନୁବନ୍ଧିତ ୟୁନିଟ୍‌ଗୁଡିକୁ କୌଣସି ପ୍ରକାର କ୍ରୀଡ଼ା ଇଭେଣ୍ଟ ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ), ଜାତୀୟ ଫେଡେରେଶନ (ଏନ୍‌ଏଫ୍‌ଏସ୍) ସମେତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଜଣାଇଛି।

ଅଲିମ୍ପିକ ଟ୍ରେନିଂ କ୍ୟାମ୍ପକୁ ବିନା କୋଭିଡ–୧୯ କ୍ୱାରାଣ୍ଟାଇନ ପ୍ରୋଟୋକଲ୍ସରେ ଅନ୍ୟ ଆଥଲେଟମାନଙ୍କୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ଟ୍ରେନିଂ ଚାଲିଥିବା ବେଳେ ଆଥଲେଟମାନଙ୍କ ସହ ବାହାର ଲୋକଙ୍କୁ ମିଶିବାକୁ ଦିଆଯିବନାହିଁ। କ୍ୱାରାଣ୍ଟାଇନ୍ ପ୍ରୋଟୋକଲ ବିନା ଟ୍ରେନିଂ କ୍ୟାମ୍ପରେ ରହୁ ନ ଥିବା କୌଣସି ଆଥଲେଟ, କୋଚ୍, ଟେକ୍‌ନିକାଲ ତଥା ସପୋର୍ଟ ଷ୍ଟାଫ୍‌ଙ୍କୁ ଟ୍ରେନି ଆଥଲେଟଙ୍କ ସହ ମିଶିବାକୁ ଦିଆ ନ ଯିବା ପାଇଁ କୁହାଯାଇଛି। ଆଥଲେଟଙ୍କୁ କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। କୌଣସି ପ୍ରକାର ମିଳାମିଶା ତଥା ଜନସମାଗମକୁ ସମ୍ପୂର୍ଣ୍ଣରୂପେ ବାରଣ କରାଯାଇଛି। ତେବେ ଯେଉଁମାନେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ଓ ଯୋଗ୍ୟତା ହାସଲର ନିକଟବର୍ତ୍ତୀ ହୋଇଛନ୍ତି ସେମାନଙ୍କ ପାଇଁ ଟ୍ରେନିଂ ଜାରି ରଖିବାର ବ୍ୟବସ୍ଥା କରାଯାଇଛି। ଯଦି ଏମାନେ ଠିକ୍ ଭାବେ ଟ୍ରେନିଂ ଜାରି ନ ରଖନ୍ତି ତାହାଲେ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ରିଜିଜୁ କହିଛନ୍ତି।

**ଯଦୁପୁର କପ୍ ଟି୨୦**

# ଫାଇନାଲରେ ରାମେଶ୍ୱର

**ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଯଦୁପୁର କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଯଦୁପୁର ପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ରାମେଶ୍ୱର ୫୩ ରନରେ ଜ୍ୟୋତି ମୋଟର୍ସକୁ ହରାଇ ଦେଇଛି। ରବିବାର ରାମେଶ୍ୱର ଓ ବାରଭୁଜା ଟିମ୍ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୧୭.୫ ଓଭରରେ ୧୬୩ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅରବିନ୍ଦ ସିଂ ୨୧ ବଲ୍‌ରୁ ସର୍ବାଧିକ ୩୧, ସସ୍ମିତ ସୌରଭ ବରାଳ ୧୬ ବଲ୍‌ରୁ ୨୯, ବିଶ୍ୱଜିତ ଭୂୟାଁ ୧୮ ବଲ୍‌ରୁ ୨୮ ଓ ଶ୍ରୀକାନ୍ତ ଗୌଡ଼ା ୧୯ ବଲ୍‌ରୁ ୨୨ ରନ କରିଥିଲେ। ପ୍ରତିପକ୍ଷ ଦଳର ସତ୍ୟଜିତ ସାବତ ୨୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ଜ୍ୟୋତି ମୋଟର୍ସ ୧୩.୧ ଓଭରରେ ୧୧୦ ରନ କରି ଅଲଆଉଟ ହୋଇଯାଇଥିଲା। ସଙ୍ଗୀତ ମହାନ୍ତି ୧୩ ବଲ୍‌ରୁ ସର୍ବାଧିକ ୨୨ରନ ସ୍କୋର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜୟୀ ଦଳର ପାର୍ଥସାରଥି ସାହୁ ୨୩ ରନରେ ୪ଟି, ଲାଲୁ ମହାନ୍ତି ୩୦ ରନରେ ୨ଟି ଏବଂ ରାକେଶ ଶର୍ମା ୨୮ ରନରେ ୨ଟି ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାର୍ଥସାରଥି ସାହୁଙ୍କୁ ପୁରସ୍କୃତ କରାଯାଉଛି।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ,

A to Z ସମସ୍ୟାର ସମାଧାନ ଘରେ ବସି।
ବାବା କମାଲ ଖାନ୍
8376889657 9971793786


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ
୨୦।୦୩।୨୦୨୦ (ଶୁକ୍ରବାର)

ସ୍ୱର୍ଗତ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ
ବାନାବଗିଚା, ଶେଖବଜାର, କଟକ
ଆବିର୍ଭାବ: ୨୧।୦୩।୧୯୪୯
ତିରୋଧାନ: ୦୧।୦୪।୨୦୧୯
ଆପଣଙ୍କ ସରଳ ହୃଦୟର ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପତ୍ନୀ: ପୁଷ୍ପାଞ୍ଜଳି, ପୁତ୍ର: ଶିଳାଦିତ୍ୟ, ଝିଅ: ଅନୁରୂପା, ଅନୁରାଧା, ନାତି: ଅୟସ୍କାନ୍ତ, ବିଶ୍ୱାସରଞ୍ଜନ, ରୂପେଶ, ନିଖିଲେଶ୍ ଓ ପରିବାରବର୍ଗ।
ଧ-୬୮୬୮୩


11th Day Remembrance


Retd. Prof. Jharana Roy
Wife of Advocate Dinesh Roy
N1, Plot No - 282, IRC Village, BBSR
BIRTH - 06.80.1940
DEATH - 10.03.2020
You Are Loved Beyond Words And Missed Beyond Measure
Shall Always remain in the hearts of all Friends & Relatives
Shradh and Prayer on 20.03.20 (Friday)
ଧ-୧୭୨୦୫

ପ୍ରଥମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ଗୁପ୍ତେଶ୍ୱର ଜେନା
ବାଙ୍ଗରା, ସିଂହପୁର, ଯାଜପୁର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ତୋ କଥା, ମୁହଁ ଆମ ଆଖିରେ ସର୍ବଦା ମନେରହିବ।
-:ଶୋକସନ୍ତପ୍ତ:-
ବାପା- ବୀର କିଶୋର ଜେନା, ମାଆ- ବିଳାସିନୀ ଜେନା, ଭ୍ରାତା- ସୌଭାଗ୍ୟ, ବିବେକ, ରାଜ କିଶୋର
ଧ-୧୭୨୦୮

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବ୍ରଜ କିଶୋର ମହାନ୍ତି
ପ୍ଲଟ୍ ନଂ-୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ତିରୋଧାନ: ୨୦।୦୩।୨୦୧୫
ବର୍ଷ ପରେ ବର୍ଷ ବିତିଗଲା, ଆଜି ଆପଣଙ୍କ ଶ୍ରାଦ୍ଧଦିବସ ଏହି ଅବସରରେ ଆପଣଙ୍କ ସ୍ମୃତିକୁ ମନେ ପକାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଆପଣଙ୍କ ଭଗବତ୍ ଚିନ୍ତାଧାରା, ସନ୍ତାନ ବତ୍ସଳତା, ଅତିଥି ପରାୟଣତା ଆଜି ମଧ୍ୟ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି। ଆପଣ ଚିରନମସ୍ୟ।
-:ଶୋକସନ୍ତପ୍ତ:-
ପୁଅ: ଲୁଲୁ, ବୋହୂ: ମଧୁମିତା
ଧ-୫୬୧୮୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସୁରେନ୍ଦ୍ର କୁମାର ମହାପାତ୍ର
ଡାକ ବଙ୍ଗଳା ଛକ, ଓଲ୍ଡ ଟାଉନ, ଭୁବନେଶ୍ୱର-୨
ଆବିର୍ଭାବ: ୧୯୬୩
ତିରୋଧାନ: ୦୬।୦୩।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ, ପରିଜନ ଏବଂ ପରିବାରବର୍ଗ।
ଧ-୬୮୬୯୮

ଶ୍ରଦ୍ଧାଞ୍ଜଳି

Late. Smt Kamal Kumari Basa
ଆବିର୍ଭାବ: ୧୯୪୫
ତିରୋଧାନ: ୧୮।୦୩।୨୦୧୨
(ଦ୍ୱାଦଶୀ ତିଥି)
ଆଜିର ଏହି ପୁଣ୍ୟ ତିଥିରେ ଆମ ସମସ୍ତଙ୍କର ଅଶେଷ ପ୍ରଣାମ, ଆଶୀର୍ବାଦ ରହିଥାଉ। ତୋର ନିଜର ଆମେ ସମସ୍ତେ।
ଧ-୧୭୨୮୫

ସପ୍ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ

ସ୍ୱର୍ଗତ ବଦ୍ରିନାରାୟଣ ହୋତା
ଜନ୍ମ- ୨୨ଅଗଷ୍ଟ ୧୯୮୦
ଆଖି ପିଛୁଳାକେ ସାତ ବର୍ଷ ବିତିଗଲା। ତୋର ଅନୁପସ୍ଥିତି ଏବେବି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ୍ୟ ଲାଗୁଛି ତୁ ଆମ ସମସ୍ତଙ୍କ ହୃଦୟରେ ଅଛୁ। ତୋର ସପ୍ତମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାପା, ମାଆ, ସ୍ତ୍ରୀ, ପୁଅ, ବନ୍ଧୁ ଓ ପରିବାର ବର୍ଗ।
ଧ-୧୭୨୦୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




# ଗଛ ଭାଙ୍ଗିଲା, ହୋର୍ଡିଂ ମୋଡ଼ିଦେଲା

**ଅନୁଗୋଳ ଅଫିସ,୧୯।୩**

ଅନୁଗୋଳ ଜିଲାରେ ଗୁରୁବାର ଝଡ଼ତୋଫାନ ଯୋଗୁ ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତି ଘଟିଛି। ବିଶେଷକରି ରାସ୍ତା ପାର୍ଶ୍ୱରେ ଥିବା କେତେକ ଗଛ ଭାଙ୍ଗି ପଡ଼ିଥିବା ବେଳେ କୋଠା ଉପରେ ଥିବା ହୋର୍ଡିଂ ମଧ୍ୟ ମୋଡ଼ି ହୋଇଯାଇଛି। ଅପରାହ୍ନ ପ୍ରାୟ ୫ଟା ୪୫ରେ ପ୍ରଥମେ ଜୋରଦାର ପବନ ହୋଇଥିଲା। ପରେ ସନ୍ଧ୍ୟା ୬ଟା ୧୦ ସୁଦ୍ଧା ବର୍ଷା ଆରମ୍ଭ ହୋଇ ୭ଟା ବେଳେ ଛାଡ଼ିଥିଲା। ଏହି ସମୟ ମଧ୍ୟରେ ଶିକ୍ଷକପଡା, ବୁଢୀ ଠାକୁରାଣୀ, ଶିଶୁ ଉଦ୍ୟାନ, ଏଫସିଆଇ ଛକରେ ଗଛ ଭାଙ୍ଗି ପଡ଼ିଥିଲା। ମାଛ ମାର୍କେଟରେ ଥିବା ଏକ ହୋର୍ଡିଂ ମୋଡ଼ି ହୋଇ ଜଣଙ୍କ ଘର ଉପରେ ପଡିଥିଲା। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର ୬ ମହଲାରେ ଲାଗିଥିବା କାଚ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସେହିପରି କିଶୋରନଗର ବ୍ଲକର ବଇଣ୍ଡା, ହଣ୍ଡପା, ନାକିଚି, ବାମୁର, କିଶୋରନଗର ଆଦି ଗ୍ରାମରେ ମଧ୍ୟ କ୍ଷୟକ୍ଷତି ଘଟିଛି। ବହୁ ଘରର ଟାଳଛପର ଉଡିଯିବା ସହ ଅଜବେଷ୍ଟସ ଭାଙ୍ଗି ଯାଇଛି। ବଇଣ୍ଡା ଅଞ୍ଚଳରେ ଥିବା କେତେଜଣ ଉଠାଦୋକାନୀଙ୍କ ଦୋକାନ ମଧ୍ୟ ଭାଙ୍ଗି ଯାଇଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାବେଳେ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତ ଟସରାବେଡା ଗ୍ରାମରେ ବଜ୍ରପାତ ଘଟି କିଶୋରୀ ପ୍ରଧାନଙ୍କ ଦୁଇଟି ମଇଁଷି ମରିଛନ୍ତି। ଏଥିସହିତ ଅନେକ ଲୋକଙ୍କ ଘର ଦ୍ୱାର କ୍ଷତିଗ୍ରସ୍ତ ହୋଇଛି। କିଆକଟା ରାଜସ୍ୱ ଅଧିକାରୀ ବିପିନ କୁମାର ହୋତା କହିଛନ୍ତି, କ୍ଷୟକ୍ଷତି ବାବଦରେ ଅବଗତ ଅଛି। ଶୁକ୍ରବାର ସକାଳେ କ୍ଷୟକ୍ଷତି ଆକଳନ କରାଯିବ। ସେହିପରି ନାଲକୋ କଲୋନୀ ରାସ୍ତାପାର୍ଶ୍ୱରେ ଥିବା ବହୁ ଗଛପତ୍ର ଭାଙ୍ଗି ଯାଇଛି। ହସ୍ପିଟାଲ ଛକ, ମନ୍ଦିର ଛକ, ଟେଲିଫୋନ ଏକ୍ସଚେଞ୍ଜ ଛକ, କୋଅପରେଟିଭ ଛକ ଆଦି ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡିଛି। ତେନ୍ତୁଲେଇରେ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ନାଲ୍‌କୋ ଇଷ୍ଟେଟ ବିଭାଗ ସିକ୍ୟୁରିଟି କର୍ମଚାରୀଙ୍କ ଦ୍ୱାରା ରାସ୍ତାରୁ ଗଛ ହଟାଯିବାକୁ ଉଦ୍ୟମ ଚାଲିଛି। ବିଦ୍ୟୁତ୍ ତାର ଛିଣ୍ଡିଯିବା ଯୋଗୁ ନାଲ୍‌କୋ କଲୋନୀରେ ବିଦ୍ୟୁତ୍ ସରବରାହ ବ୍ୟାହାତ ହୋଇଛି। ନାଲ୍‌କୋ କଲୋନୀ ଏ-୩୭୨ ନିକଟରେ ଗଛ ପଡି ଏକ ଗ୍ୟାରେଜରେ ଥିବା କାର୍ ଭାଙ୍ଗି ଯାଇଛି। କଣିହାଁ ବ୍ଲକ ଅଞ୍ଚଳରେ ଜୋରରେ ପବନ ବହିବା ଯୋଗୁ ଏନ୍‌ଟିପିସି ଆଶପଣ୍ଡ ଓ ଏମସିଏଲ କୋଇଲା ଖଣିରୁ ବିଭିନ୍ନ ଗ୍ରାମକୁ ପାଉଁଶ ଉଡିଥିଲା। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ହଇରାଣ ହୋଇଥିଲେ। ବର୍ଷାରେ ବହୁ ପନିପରିବା ଚାଷ ନଷ୍ଟ ହୋଇଥିବାରୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହୋଇଛି। ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରେ ବହୁ ଟାଳଛପର, ଆଜବେଷ୍ଟସ ଘରର ଛପର ଉଡିଯାଇଛି। ବାୟାଣୀ ପୀଠରେ ଥିବା ଯାତ୍ରୀ ବିଶ୍ରାମାଗାରର ଟିଣ ଛପର ସହ ଜରପଡା ଶିଶୁମନ୍ଦିରର ୪ ବଖରା ଆଜବେଷ୍ଟସ ଛପର ଉଡିଯାଇଛି। ଟେଣ୍ଟୁଲି ଗ୍ରାମରେ ଚାଷୀଙ୍କ କଦଳୀ ବଗିଚା ସହ ବହୁ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଛି।

## ଅନୁଗୋଳ ଜିଲାରେ ଝଡ଼ ତୋଫାନ


ଅନୁଗୋଳ ଶିକ୍ଷକପଡା ଅରବିନ୍ଦ ବିଦ୍ୟାଳୟ ଆଗରେ ଗଛ ପଡି ରାସ୍ତା ଅବରୋଧ ହୋଇଛି।


ଛେଣ୍ଡିପଦାରେ ଗଛପଡି ଯାତ୍ରୀ ବିଶ୍ରାମାଗାର ଭାଙ୍ଗି ଯାଇଛି।

# ଏଟିଏମ୍‌ରେ ସାନିଟାଇଜର ବ୍ୟବସ୍ଥା

**ଅନୁଗୋଳ ଅଫିସ୍, ୧୯।୩:** ଅନୁଗୋଳ ସହରରେ ଥିବା ୬୦ରୁ ଊର୍ଦ୍ଧ୍ୱ ଏଟିଏମ୍ ବ୍ୟବହାର ପୂର୍ବରୁ ଲୋକମାନେ ସାନିଟଇଜରରେ ହାତ ଧୋଇବାକୁ ଅନୁଗୋଳ ଏସ୍‌ବିଆଇ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଯେଉଁ ବ୍ୟକ୍ତି ହାତ ନ ଧୋଇବେ ତାଙ୍କୁ ଭିତରକୁ ଛଡ଼ାଯିବ ନାହିଁ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଅନୁଗୋଳ ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ଥିବା ଏଟିଏମ୍‌ରେ ଗୁରୁବାର ଠାରୁ ସାନିଟାଇଜର ବ୍ୟବସ୍ଥା କରାଯାଇଛି ବୋଲି ବ୍ୟାଙ୍କର ସିଏମ୍ ଚନ୍ଦ୍ର ଶେଖର ମହାରଣା ସୂଚନା ଦେଇଛନ୍ତି। ତେବେ ଅନୁଗୋଳ ଶାଖାରୁ ପରିଚାଳନା ହେଉଥିବା ଅନ୍ୟ ୪୦ଟି ଏଟିଏମ୍‌ରେ ସାନିଟାଇଜର ବ୍ୟବସ୍ଥା ପର୍ଯ୍ୟାୟ କ୍ରମେ କରାଯିବ ବୋଲି ସିଏମ୍ ମହାରଣା ସୂଚନା ଦେଇଛନ୍ତି।

# କଳାବଜାର ରୋକିବାକୁ ଚଢ଼ାଉ

**ଅନୁଗୋଳ ଅଫିସ,୧୯।୩**

କଳାବଜାର କରୁଥିବା ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ଜିଲା ଯୋଗାଣ ବିଭାଗ। ଗୁରୁବାର ବିଭାଗ ପକ୍ଷରୁ ବିଭିନ୍ନ ହୋଲସେଲର ଓ ରିଟେଲର ଦୋକାନରେ ଯାଞ୍ଚ କରାଯାଇଥିବା ବିଭାଗୀୟ ଅଧିକାରୀ ଉମାଶଙ୍କର ପତି ସୂଚନା ଦେଇଛନ୍ତି। ଚଢାଉ ସମୟରେ ଦୋକାନ ବଜାର ବନ୍ଦ ଥିବାରୁ ସେ ନେଇ ରିପୋର୍ଟ ମଗାଯାଇଛି। ଏସିଏସ୍‌ଓ ବିଦୂରଚନ୍ଦ୍ର ବାଟାରଙ୍କ ନେତୃତ୍ୱରେ ମାର୍କେଟିଂ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ଋଷଭ ଚନ୍ଦ୍ର ନାୟକ ଓ ପୌରପାଳିକା ଦାୟିତ୍ୱରେ ଥିବା ଯୋଗାଣ ଇନ୍ସପେକ୍ଟର ସଞ୍ଜିତା ପଟ୍ଟନାୟକ ପ୍ରମୁଖ ଚଢାଉ ଜାରି ରଖିଛନ୍ତି। କେଉଁ ହୋଲସେଲର ଓ ରିଟେଲର ପାଖରେ କେତେ ସାମଗ୍ରୀ କେତେ ଗଚ୍ଛିତ ରହିଛି, କେତେ ଦରରେ କିଣାଯାଇ ବିକ୍ରି କରାଯାଉଛି ତାହାର ତାଲିକା ପ୍ରସ୍ତୁତ କରାଯାଇଥିବା ଯୋଗାଣ ଅଧିକାରୀ ପତି କହିଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ